# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-144 ◆THURSDAY ◆20 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୪୪ ◆ଗୁରୁବାର ◆୨୦ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଫେଡେରର୍

▶ପୃଷ୍ଠା ୧୦ ଦେଖନ୍ତୁ...

## ବିପଦରେ ୩୫୦ କୋଟି ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା

### ଭାରତର ୭୪.୯ କୋଟି ବ୍ୟବହାରକାରୀ

### ପ୍ରୋଫାଇଲ ପିକ୍ଚର ଷ୍ଟାଟସ୍ ପ୍ରଘଟ ହୋଇପାରେ

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ବିପଦରେ ବିଶ୍ୱର ୩.୫ ବିଲିୟନ ଅର୍ଥାତ୍ ୩୫୦ କୋଟିରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ। ଏଥିରେ କେବଳ ଭାରତର ସର୍ବାଧିକ ୭୪.୯ କୋଟି ବ୍ୟବହାରକାରୀଙ୍କ ଆକାଉଣ୍ଟ ରହିଛି। ସୁରକ୍ଷାରେ ବଡ଼ ତ୍ରୁଟି ଯୋଗୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ପିକ୍ଚର ଏବଂ ଷ୍ଟାଟସ୍ ଆଦିରେ ଥିବା ତଥ୍ୟ ଲିକ୍ ହୋଇଯାଇପାରେ। ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ତ୍ରୁଟିକୁ ଧରିଛନ୍ତି। ଗବେଷକଙ୍କ ଅନୁଯାୟୀ, ଏହି ଦୁର୍ବଳତା ଯେକୌଣସି ବ୍ୟକ୍ତିଙ୍କୁ ଯାଞ୍ଚ କରିବାକୁ ଅନୁମତି ଦିଏ ଯେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ସକ୍ରିୟ ଅଛନ୍ତି କି ନାହିଁ। ତା'ପରେ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚର ଓ ଷ୍ଟାଟସ୍‌ର ବିବରଣୀ ସହଜରେ ବାହାର କରାଯାଇପାରିବ। ପରେ ଏହାର ସମ୍ଭାବ୍ୟ ଅପବ୍ୟବହାର କରାଯାଇପାରେ ବୋଲି ଗବେଷକମାନେ କହିଛନ୍ତି। ଏହି ସମସ୍ୟାଟି ହ୍ୱାଟ୍ସଆପ୍‌ର କନେକ୍ଟ ଡିସ୍କଭରି ଫିଚରର ବୈଶିଷ୍ଟ୍ୟରେ ରହିଛି। ଏହା ବ୍ୟବହାରକାରୀଙ୍କ ଫୋନ୍ ଠିକଣା ପୁସ୍ତିକାକୁ ସିଙ୍କ୍ କରି ଲୋକଙ୍କୁ ସର୍ଚ୍ଚ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିଲା, କିନ୍ତୁ ଏହା ଅଜାଣତରେ ୟୁଜରଙ୍କ ଡାଟାର ବଡ଼ ପରିମାଣରେ ଚୋରି ପାଇଁ ଦ୍ୱାର ଖୋଲି ଦେଇଥିଲା। ଗବେଷକମାନେ ରିପୋର୍ଟ କରିଛନ୍ତି ଯେ ଏଥିରେ ବିଶ୍ୱର ୩୫୦ କୋଟି ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ୭୪.୯ କୋଟି (୨୧.୬୭%), ଇଣ୍ଡୋନେସିଆର ୨୩୫ନିୟୁତ (୬.୮୧%), ବ୍ରାଜିଲର ୨୦୭ ନିୟୁତ ▶ପୃଷ୍ଠା-୭

## ଟ୍ରିବ୍ୟୁନାଲ ସଂସ୍କାର ଆଇନ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ



### ବିଚାର ବିଭାଗର କ୍ଷମତାରେ ହସ୍ତକ୍ଷେପ ନକରିବାକୁ ଚେତାବନୀ

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧କୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ଆଇନକୁ ଅସାମ୍ବିଧାନିକ ବର୍ଣ୍ଣନା କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦରେ ଗୃହୀତ ଏହି ଆଇନ କ୍ଷମତାର ପୃଥକୀକରଣ ଏବଂ ବିଚାର ବିଭାଗର ନିରପେକ୍ଷତା ସଂକ୍ରାନ୍ତ ନିୟମର ଉଲ୍ଲଂଘନ କରୁଛି। ବିଚାର ବିଭାଗର ସ୍ୱୟଂଶାସନ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ଲାଗି କେନ୍ଦ୍ର ସରକାରଙ୍କୁ କୋର୍ଟ ସତର୍କ କରାଇଦେଇଛନ୍ତି। ସଂପୃକ୍ତ ଟ୍ରିବ୍ୟୁନାଲ ଆଇନକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ। ରାୟ ଶୁଣାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ▶ପୃଷ୍ଠା-୭

# ବିହାରରେ ପୁଣି ନୀତୀଶ ସରକାର

## ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା; ଆଜି ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ନେବେ ଶପଥ



### ଯୋଗ ଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷିମନ୍ତ୍ରୀ

### ଶପଥ ଉତ୍ସବରେ ଉପସ୍ଥିତ ରହିବେ ୧୧ ମୁଖ୍ୟମନ୍ତ୍ରୀ

■ ପାଟନା, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି। ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ଓ ଆସନ୍ତାକାଲି ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୫୦ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ନୀତୀଶ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସୂଚନା ମିଳିଛି।

ଆଜି ସକାଳେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ସହ ପର୍ଯ୍ୟବେକ୍ଷକ ଅର୍ଜୁନରାମ ମେଘୱାଲ ଓ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ଉପସ୍ଥିତିରେ ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳ ନେତା ଓ ବିଜୟ ସିହ୍ନାଙ୍କୁ ବିଧାୟକ ଦଳ ଉପନେତା ମନୋନୟନ କରାଯାଇଥିଲା। ଅନ୍ୟପକ୍ଷରେ ଜେଡିୟୁ ବିଧାୟକ ଦଳ ବୈଠକରେ ନୀତୀଶ କୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକ ବିଧାନସଭା ସେଂଟ୍ରାଲ ହଲରେ ଅନୁଷ୍ଠିତ ହୋଇଥିଲା ଏବଂ ନୀତୀଶ କୁମାର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇଥିଲେ। ତେଣୁ ଆସନ୍ତାକାଲି ନୀତୀଶ ମୁଖ୍ୟମନ୍ତ୍ରୀ ଏବଂ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପ୍ରାୟ ଚୂଡ଼ାନ୍ତ ହୋଇଛି। ବିଧାୟକ ଦଳ ନେତା ନିର୍ବାଚନର ଔପଚାରିକତା ଶେଷ ପରେ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

ଆସନ୍ତାକାଲି ନୀତୀଶଙ୍କ ସହ ଶପଥ ନେବାକୁ ଥିବା ସମ୍ଭାବ୍ୟ ମନ୍ତ୍ରୀମାନଙ୍କର ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲେ ହେଁ ତାହା ଚୂଡ଼ାନ୍ତ ହୋଇପାରି ନାହିଁ। ଆଜି ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ପାଟନାରେ ପହଞ୍ଚିବା ପରେ ନୀତୀଶଙ୍କ ସହ ଏସଂକ୍ରାନ୍ତରେ ଆଲୋଚନା କରିବେ। ବୈଠକରେ ମନ୍ତ୍ରୀ ତାଲିକା ଚୂଡ଼ାନ୍ତ ହୋଇପାରେ। ▶ପୃଷ୍ଠା-୭

## ଆସୁଛି ଲଘୁଚାପ ପୁଣି ବାତ୍ୟା ଭୟ

### ■ ଆନ୍ଧ୍ର-ଓଡ଼ିଶା ପ୍ରତି ରହୁଛି ବିପଦ

### ■ ଉଜାଡ଼ି ଦେବ ଉପକୂଳର ଚାଷ

■ ଭୁବନେଶ୍ୱର, ୧୯ ।୧୧ (ସମିସ): ଚଳିତ ମାସ ଶେଷ ବେଳକୁ ରାଜ୍ୟକୁ ଆସୁଛି ବଡ଼ ବର୍ଷା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲା ପାଇଁ ସୃଷ୍ଟି ହୋଇଛି ବର୍ଷା ବିପଦ। ସମ୍ଭାବ୍ୟ ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେବାର ପୂର୍ବାନୁମାନକୁ ଆଧାର କରି ଆଉ ଏକ ସମ୍ଭାବ୍ୟ ବାତ୍ୟାର ମଧ୍ୟ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୨ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ସମାନ ଦିଗରେ ଗତି ବଜାୟ ରଖିବା ସହ ଦକ୍ଷିଣ- ▶ପୃଷ୍ଠା-୭

## ଲଜ୍ଜା! ଦାଦନ ଫେରନ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଟେକିନେଇ ଦୁଷ୍କର୍ମ !

■ ରାୟଗଡ଼ା,୧୯।୧୧(ସମିସ): ଜଣେ ଦାଦନ ଫେରନ୍ତା ବିବାହିତ ମହିଳାଙ୍କୁ ରାୟଗଡ଼ାରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ବିବାହିତ ମହିଳା ଜଣକ ନିଜ ସ୍ୱାମୀ ସହିତ ଗତକାଲି ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରି ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

ପୀଡ଼ିତାଙ୍କ ସ୍ୱାମୀଙ୍କ କହିବାନୁସାରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ସେମାନେ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗତକାଲି ରାୟଗଡ଼ାକୁ ଟ୍ରେନ ଯୋଗେ ଫେରିଥିଲେ। ରାତି ୮ଟା ସମୟରେ ନିଜ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଯୁବକ କେଉଁଆଡେ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ଦମ୍ପତି ବନ୍ଧୁଗାଁକୁ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ

## ସଂପ୍ରସାରଣ ହେବ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ



### ସମସ୍ତ ସହଯୋଗ ଯୋଗାଇଦେବେ ରାଜ୍ୟ ସରକାର

### ଲୋକଙ୍କ ସମସ୍ୟାର ସମାଧାନ କରି ସହମତି ଭିତ୍ତିରେ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୧ (ସମିସ): କେନ୍ଦ୍ର ଭାରୀ ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ▶ପୃଷ୍ଠା-୭

## ଚୋରକୁ ପିଟିପିଟି ମାରିଦେଲେ ଗ୍ରାମବାସୀ


### ୧୦ରୁ ଊର୍ଦ୍ଧ୍ୱ ଅଟକ

■ ଉଦଳା, ୧୯।୧୧ (ସମିସ): ଗାଁକୁ ରାତିରେ ଚୋରି କରିବାକୁ ଆସିଥିଲେ ଦୁଇ ଲୁଟେରା; ହେଲେ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ପଡିଛି ମହଙ୍ଗା। ଗାଁ ଲୋକେ ଜଣେ ଚୋରକୁ ପିଟିପିଟି ମାରିଦେଇଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଉଦଳା ଥାନା ବିସିପୁର ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ବିସିପୁର ଗ୍ରାମକୁ ଚୋରି କରିବା ନିମନ୍ତେ ଯାଇଥିଲେ। ସେଠାରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଗ୍ରାମରୁ ବାହାରି ଆସିବା ସମୟରେ ଲୋକଙ୍କ ହାବୁଡରେ ପଡି ଯାଇଥିଲେ। ପରେ ଉଭୟଙ୍କୁ ନିର୍ଘାତ ପିଟିପିଟି ଗୁରୁତର କରିଦେଇଥିଲେ। ଖବରପାଇ ଉଦଳା ପୁଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରେ ଥିବା ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା; ହେଲେ ବାପି କୋହ୍ଲାରର ଅବସ୍ଥା ଗୁରୁତର ଥିବାରୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପୁଲିସ ମୃତକ ବାପି କୋହ୍ଲାରର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖିଥିବା ବେଳେ ଅନ୍ୟ ଜଣେ ଲୁଟେରା କାହ୍ନୁକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ପୁଲିସ ଗ୍ରାମର ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ▶ପୃଷ୍ଠା-୭


## ଟଳିଲେ ଆଉ ୭ ମାଓବାଦୀ, ୫୦ ଗିରଫ



■ ମାଲକାନଗିରି, ୧୯ ।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଆଜି ପୁଣି ସୁରକ୍ଷା ବଳକୁ ମିଳିଛି ବଡ଼ ସଫଳତା। ଗତକାଲି ଏହି ଜିଲ୍ଲାରେ ଗୁଳି ବିନିମୟ ଘଟି କୁଖ୍ୟାତ ମାଓ ନେତା ହିଡମା ସହ ୬ ଜଣ ମାଓବାଦୀ ନିହତ ହୋଇଥଲେ। ଆଜି ପୁଣି ସେହି ଅଞ୍ଚଳରେ ଚାଲିଥିବା ତଲାସି ଅଭିଯାନ ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଗତକାଲିର ଗୁଳି ବିନିମୟ ପରେ ଏହି ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗ୍ରେ-ହାଉଣ୍ଡ ଯବାନ ସେହି ଅଞ୍ଚଳରେ କ୍ରମାଗତ ତଲାସି ଅଭିଯାନକୁ ଜାରି ରଖିଥିଲେ। ଭୋରରେ ମାଓବାଦୀ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେବା ପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଘଟଣାସ୍ଥଳରୁ ୭ ଜଣ ମାଓବାଦୀଙ୍କ ଶବ ମିଳିଛି। ମୃତ ମାଓବାଦୀ ମଧ୍ୟରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନାଲ କମିଟି ମେମ୍ବର ଏମ୍ ଜଗା ରାଓ ଓରଫ ଟେକ ଶଙ୍କର, ଡିଭିଜନାଲ କମିଟି ମେମ୍ବର ସୀତା ଓରଫ ଜ୍ୟୋତି, ତିରୁପତିଙ୍କ ଶବ ରହିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୫ ଜଣ ଏସିଏମ କ୍ୟାଡରର ମାଓବାଦୀ ▶ପୃଷ୍ଠା-୭

# ଭାରତ ଫେରିଲା ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନ୍‌ମୋଲ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କରି ବୁଧବାର ଦିଲ୍ଲୀ ଅଣାଯାଇଛି। ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାକୁ ହେପାଜତକୁ ନେଇ ପଟିଆଲା ହାଉସ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୧ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ଆମେରିକାରୁ ଆଜି ମୋଟ ୨୦୦ ଲୋକଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ସାମିଲ ଥିଲେ। ଆଉ ଦୁଇ ପଞ୍ଜାବର ବାସିନ୍ଦା। ତେବେ ଏହି ଦୁଇ ଜଣଙ୍କ ବିଷୟରେ କୌଣସି ସୂଚନା ବାହାରକୁ ଆସି ନାହିଁ।

ଗ୍ୟାଙ୍ଗଷ୍ଟର ଅନମୋଲ ଭାରତରେ ଅନେକ ମାମଲାରେ ୱାଣ୍ଟେଡ ଥିଲା। ୨୦୨୪ ଏପ୍ରିଲରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ସେ ଅଭିଯୁକ୍ତ ଥିଲା। ସେହିପରି ଗତ ବର୍ଷ ମୁମ୍ବଇରେ ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟା ମାମଲାର ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ। ୨୦୨୨ରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମଧ୍ୟ ଅନମୋଲର ନାମ ସାମ୍‌ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ଆମେରିକାରେ ବେଆଇନ ଭାବେ ପ୍ରବେଶ କରିବା ମାମଲାରେ ଅନମୋଲକୁ ଗିରଫ କରାଯାଇଥିଲା। ସେ ଭାରତର ଜାଲ୍‌ପାସପୋର୍ଟରେ ଆମେରିକା ଯାଇଥିଲା। ଏହି ପାସୋପର୍ଟ ଭାନୁ ପ୍ରତାପ ନାମରେ ଥିଲା। ଏନଆଇଏର ୱାଣ୍ଟେଡ ତାଲିକାରେ ରହିଛି। ତା' ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

# ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଘୋଷାଡ଼ି ନେଲା ପୁଲିସ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ଭଉଣୀଙ୍କୁ ରାୱଲପିଣ୍ଡି ପୁଲିସ ଖରାପ ବ୍ୟବହାର କରିଛି। ଅଦିଆଲା ଜେଲ ବାହାରେ ବିକ୍ଷୋଭ କରୁଥିବା ପୁଲିସ ତାଙ୍କ ଭଉଣୀଙ୍କୁ ରାସ୍ତା ଘୋଷାଡ଼ି ଘୋଷାଡ଼ି ନେଇ ହେପାଜତରେ ରଖିଛି। ଏହାର କରୁଣ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଅଲିମା, ଉଜମା ଏବଂ ନୌରିନ ଖାନ ଜେଲ୍‌କୁ ଯାଇଥିଲେ। ମାତ୍ର ପୁଲିସ ତାଙ୍କୁ ଭାଇକୁ ଭେଟିବାକୁ ଦେଇ ନ ଥିଲା। ଏହାକୁ ପ୍ରତିବାଦ କରି ଭଉଣୀମାନେ ବିକ୍ଷୋଫ କରିଥିଲେ। ଏହି ସମୟରେ ଇମ୍ରାନଙ୍କ ଭଉଣୀ ନୌରିନଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଏହି ସମୟରେ ତାଙ୍କ ଭଉଣୀମାନେ ଭୟରେ ଥରୁଥିବା ଦେଖାଯାଉଛି। ନୌରିନ୍ କହିଛନ୍ତି ଯେ ଜେଲ୍ ବାହାରେ ମୁଁ ୨ଭଉଣୀଙ୍କ ସହ ଠିଆ ହୋଇଥିଲି। ଜଣେ ମହିଳା ପୁଲିସ ଆସି ମୋତେ ଧରି ତଳେ ପକାଇ ଦେଲେ। ଏପରି କାହିଁକି କରୁଛନ୍ତି ତାହା ମୁଁ ବୁଝି ପାରି ନ ଥିଲି। ଏହା ପରେ ସେ ମୋତେ ଘୋଷାଡ଼ିବା ଆରମ୍ଭ କଲେ। ସେମାନେ ଏତେ ତଳସ୍ତରକୁ ଖସିବା ଦୁଃଖଦାୟକ। ପଞ୍ଜାବ ପୁଲିସକୁ ସେ ସବୁଠୁ ନିଷ୍ଠୁର କହିଛନ୍ତି। ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

# ଭାରତ ବିରୋଧରେ ଜୈସ୍‌ର ଆତ୍ମଘାତୀ ସ୍କ୍ୱାଡ୍

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ତଥ୍ୟ ସାମ୍‌ନାକୁ ଆସିବାରେ ଲାଗିଛି। ଭାରତ ବିରୋଧରେ ଏକ 'ଆତ୍ମଘାତୀ ସ୍କ୍ୱାଡ୍' ପ୍ରସ୍ତୁତ କରିବା ପାଇଁ ଜୈସ୍-ଇ-ମହମ୍ମଦ (ଜେଇଏମ) ପାଣ୍ଠି ସଂଗ୍ରହ କରୁଥିବା ଜଣାପଡ଼ିଛି। ଜେଇଏମ ପକ୍ଷରୁ ଘୋଷଣା କରାଯାଇଛି ଯେ ଦାନ ଗ୍ରହଣ ଏବଂ ଡିଜିଟାଲ ହାୱାଲା କାରବାରକୁ ସରଳ କରିବା ପାଇଁ ପାକିସ୍ତାନୀ ଡିଜିଟାଲ ଆପ୍ 'ସଦାପେ' ଭଳି ୱାଲେଟ୍ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯିବ। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଲାଲକିଲ୍ଲା ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅକ୍ଟୋବର ଶେଷ ସପ୍ତାହରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜେଇଏମ 'ତୁହଫତ ଉଲ-ମୋମିନାତ' ନାମକ ଏକ ଅନଲାଇନ୍ କୋର୍ସ ଆରମ୍ଭ କରିଥିଲା। ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଧାର୍ମିକ ଏବଂ ଜିହାଦୀ ତାଲିମ ପ୍ରଦାନ କରିବା ସହିତ ସଂଗଠନର କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଏହାର ଉଦ୍ଦେଶ୍ୟ ଥିଲା। ଆତଙ୍କବାଦୀମାନଙ୍କୁ ସହାୟତା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କଠାରୁ ଜୈସ ପାଣ୍ଠି ସଂଗ୍ରହ କରିଥିଲା। ଏ ବାବଦକୁ ୨୦ ହଜାର ପାକିସ୍ତାନୀ ଟଙ୍କା ତଥା ୬,୪୦୦ ଟଙ୍କା ମଗା ଯାଇଥିଲା। ଆକ୍ରମଣ ପାଇଁ ଯାଉଥିବା ଜିହାଦୀ ପାଇଁ ଜୋତା, ଟେଣ୍ଟ ଆଦି ଉପକରଣ କିଣିବାକୁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ଦିଲ୍ଲୀ ବିସ୍ଫୋରଣରେ ସାମିଲ ୧୦ ଜଣିଆ ଡାକ୍ତରୀ ଆତଙ୍କବାଦୀଙ୍କ ଦଳ ପାଖକୁ ପାଣ୍ଠି ମଧ୍ୟ ଟ୍ରାନ୍ସଫର କରାଯାଇଥିବା କୁହାଯାଉଛି। ଏବେ ଏହି ଡିଜିଟାଲ ଫଣ୍ଡିଂ ନେଟ୍‌ୱର୍କକୁ ନେଇ ସ୍ୱତନ୍ତ୍ର ଯାଞ୍ଚ କରାଯାଉଛି।

# ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକ୍ରମଣ; ୧୪ ମୃତ



ବେରୁତ, ୧୯।୧୧ (ଏଜେନ୍ସି): ଦକ୍ଷିଣ ଲେବାନନ ସ୍ଥିତ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି। ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ ଆତଙ୍କବାଦୀଙ୍କୁ ନିଶାଣ କରି ଏଇନ ଇଲ-ହିଲୱେ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା। ଏଠାରୁ ଯୋଜନା କରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରୁଥିଲା। ତେବେ ଇସ୍ରାଏଲର ଏଭଳି ଦାବିକୁ ହମାସ ଖଣ୍ଡନ କରିଦେଇଛି। ଏହି ଆକ୍ରମଣକୁ ନିନ୍ଦା କରି ହମାସ ପକ୍ଷରୁ କୁହାଯାଇଛି ଯେ ଏକ ଖେଳ ପଡ଼ିଆରେ ଆକ୍ରମଣ ହୋଇଛି। ଏହା କୌଣସି ତାଲିମ କେନ୍ଦ୍ର ନୁହେଁ। ଏହି ଇହୁଦୀ ଦେଶ ମିଛ ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରାଯାଇଛି। ଇରାନ ସମର୍ଥିତ ହିଜବୁଲ୍ଲା ସହ ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି କରିବା ପରଠାରୁ ଇସ୍ରାଏଲ ନିୟମିତ ଭାବେ ଲେବାନନର ବିଭିନ୍ନ ଠିକଣା ଏବଂ ଲୋକଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଅଧିକାଂଶ ଆକ୍ରମଣ ହିଜବୁଲ୍ଲାକୁ ଦେଖି କରାଯାଉଛି। ଏହା ସହିତ ହମାସ ଆତଙ୍କବାଦୀ ଠିକଣାରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି।

# ତିନି ତଲାକକୁ ଆଧୁନିକ ସମାଜ କେମିତି ଅନୁମତି ଦେଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ତିନି ତଲାକର ଆଉ ଏକ ରୂପ ତଲାକ-ଇ-ହସନର ବୈଧତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ଅଧୀନରେ ମୁସଲମାନ ବ୍ୟକ୍ତି ମାସକୁ ଥରେ ଲେଖାଏଁ ତିନି ମାସ ପର୍ଯ୍ୟନ୍ତ କହି ନିଜ ପତ୍ନୀଙ୍କୁ ତଲାକ କହି ଛାଡ଼ପତ୍ର ଦେଇପାରିବେ। ସୁପ୍ରିମକୋର୍ଟ ଏହି ମାମଲାର ପୁନର୍ବିଚାର ପାଇଁ ଗ୍ରହଣ କରିଛନ୍ତି। ଆଧୁନିକ ସମାଜ କେମିତି ତିନି ତଲାକକୁ ଅନୁମତି ଦେଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି। ଆଠ ବର୍ଷ ତଳେ ତୁରନ୍ତ ତିନି ତଲାକ ତଥା ତଲାକ-ଇ-ବିଦାତ ଦେବାକୁ ଉଚ୍ଛେଦ କରିଥିଲେ। ଏହାକୁ ଆଇନର ଅପବ୍ୟବହାର ବୋଲି କହିଥିଲେ। ତଲାକ-ଇ-ହସନ ହେଉଛି ଏହାର ଅନ୍ୟ ଏକ ରୂପ। ଏହା ମାଧ୍ୟମରେ ତୁରନ୍ତ ଛାଡ଼ପତ୍ର ଦେଇ ହେବ। ଏହାର ବୈଧତାକୁ ନେଇ ଦାଏର ଅନେକ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆ ଏବଂ ଜଷ୍ଟିସ ଏନକେ ସିହ୍ନାଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଦେଇଥିବା ୧୧ ପୃଷ୍ଠାର ନୋଟିସରେ ସ୍ୱାକ୍ଷର କରି ନ ଥିଲେ। ତାଙ୍କ ଓକିଲ ତଲାକ କହି ଛାଡ଼ପତ୍ର ଦେଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା କ'ଣ ଏକ ଅଭ୍ୟାସ? ଏଭଳି ନୂତନ ଚିନ୍ତାଧାରା କେମିତି ଉଦ୍ଭାବନା ହୋଇଥିଲା?

# ଅଲ୍-ଫଲାହ ୟୁନିଭର୍ସିଟିରୁ ୧୦ ନିଖୋଜ




ନୂଆଦିଲ୍ଲୀ: ଲାଲ୍‌କିଲ୍ଲା ବିସ୍ଫୋରଣକୁ ନେଇ ହରିୟାଣା ଫରିଦାବାଦରେ ଥିବା ଅଲ-ଫଲାହ ୟୁନିଭର୍ସିଟି ପୁଣିଥରେ ସନ୍ଦେହ ଘେରକୁ ଆସିଛି। ଏହି ୟୁନିଭର୍ସିଟି ସହ ଜଡ଼ିତ ୧୦ ଜଣ ବ୍ୟକ୍ତି ବିସ୍ଫୋରଣ ପରଠାରୁ ନିଖୋଜ ଅଛନ୍ତି। ଏମାନଙ୍କ ଫୋନ ବନ୍ଦ ରହିଛି। ସମସ୍ତେ ବିସ୍ଫୋରଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଏହି ନିଖୋଜ ବ୍ୟକ୍ତି ଓଭରଗ୍ରାଉଣ୍ଡ ୱାର୍କର ଭାବେ କାମ କରୁଥିଲେ। ସେହିପରି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମୃତ ଆତଙ୍କବାଦୀ ଡ. ଉମର ନବି ଆହୁରି ଅଧିକ ଆତ୍ମଘାତୀଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସେଥିପାଇଁ ସେ ନିଜେ ଭିଡିଓ ପ୍ରସ୍ତୁତ କରି ଯୁବକଙ୍କ ପାଖକୁ ପଠାଉ ଥିଲା। ବ୍ରେନ ୱାସ୍ କରିବା ଏହାର ଉଦ୍ଦେଶ୍ୟ ଥିଲା।

ଏନ୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଉମର ପଠାଇଥିବା ୧୨ଟି ସମେତ ୭୦ରୁ ଅଧିକ ଭିଡିଓ ମିଳିଛି। ଏହି ଭିଡିଓ ୧୧ ଜଣଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ କଶ୍ମୀରର ୭ ଜଣ ଯୁବକ ସାମିଲ ଥିଲେ। ଅଲ-ଫଲାହ ବିଶ୍ୱବିଦ୍ୟାଳୟ ସହ ସମସ୍ତଙ୍କ ଲିଙ୍କ୍ ରହିଛି। ଅନ୍ୟ ୪ ଯୁବକ ଉତ୍ତର ପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଉମରକୁ ଆଇ-୨୦ କାର୍ ଦେଇଥିବା ଆମିର ରସିଦ ଅଲ୍ଲି ନିଜେ ଆତ୍ମଘାତୀ ବୋମା ହେବାକୁ ପ୍ରସ୍ତୁତ ନ ଥିଲା। ତାକୁ ମଧ୍ୟ ଉମର ଉତ୍ତେଜନା ସୃଷ୍ଟିକାରୀ ଭିଡିଓ ପଠାଇ ଥିଲା। ଉମର ଆତ୍ମଘାତୀଙ୍କ ଏକ ଟିମ୍ ପ୍ରସ୍ତୁତ କରୁଥିଲା। ଅନେକ ରାଜ୍ୟର ଯୁବ ବର୍ଗ ତା ନିଶାଣରେ ଥିଲେ।


### ■ ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଲା ୭୦ ଉତ୍ତେଜନା ସୃଷ୍ଟିକାରୀ ଭିଡିଓ

## ପଦାକୁ ଆସିଲା ପାକିସ୍ତାନର ଆତଙ୍କୀ ଚେହେରା

### 'କଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ ଆମେ କରିଛୁ'

ଇସଲାମାବାଦ, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା ତାହା ହିଁ ସତ ହୋଇଛି। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ପାକିସ୍ତାନ ନିଜକୁ ଦାୟୀ କରିଛି। ପୁଣିଥରେ ପାକିସ୍ତାନ ନିଜ ଭୂମିକୁ ଭାରତରେ ଆକ୍ରମଣ ପାଇଁ ବ୍ୟବହାର କରିଛି। ପାକିସ୍ତାନୀ ନେତା ଚୌଧୁରୀ ଅନୱରଉଲ ହକ୍ ଏହା ସ୍ୱୀକାର କରିଛନ୍ତି। ସୀମାପାର ଆତଙ୍କବାଦରେ ପାକିସ୍ତାନ ସାମିଲ ରହିଛି। କଶ୍ମୀର ଜଙ୍ଗଲଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ହୋଇଥିବା ବିସ୍ଫୋରଣରେ ପାକିସ୍ତାନ ସାମିଲ ରହିଛି ବୋଲି ସେ କହିଛନ୍ତି। ପିଓକେ ବିଧାନସଭାରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ପାକିସ୍ତାନୀ ନେତାଙ୍କ ଏହି ଦାବି ଉପରେ ଭାରତ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଲା। ପହଲଗାମ ଆକ୍ରମଣ ପରେ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହେଲେ ତାହାକୁ ଯୁଦ୍ଧ ଧରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ସମସ୍ତେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଚାହିଁ ବସିଛନ୍ତି।

ପାକିସ୍ତାନୀ ନେତା ଅନୱରଉଲ ହକ୍ ସୋମବାର ପିଓକେ ବିଧାନସଭାରେ କହିଥିଲେ ଯେ ଯଦି ଭାରତ ବଲୁଚିସ୍ତାନକୁ ଲହୁଲୁହାଣ କରିବ ତେବେ ଭାରତ ଉପରେ ଆକ୍ରମଣ କରିବୁ ବୋଲି ପୂର୍ବରୁ କହିଥିଲି। ଲାଲକିଲ୍ଲାଠାରୁ କଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ କରାଯାଇଛି। ଆମର ସାହିନୀ ଏହା କରି ଦେଖାଇଛନ୍ତି। ଭାରତ ଏବେ ବି ମୃତଦେହର ଗଣତି କରିପାରି ନାହିଁ। ତେବେ ହକ୍‌ଙ୍କ ବୟାନରୁ ପାକିସ୍ତାନ ସରକାର ନିଜକୁ ଦୂରେଇ ରଖିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣି ପିଓକେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିବାରୁ ଏଭଳି ବୟାନ ଦେଇ ହକ୍ ରାଜନୀତି କରୁଥିବା କୁହାଯାଇଛି। କିନ୍ତୁ ହକ୍‌ଙ୍କ ବୟାନ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡିକ କରୁଥିବା ଦାବିକୁ ବଳ ଯୋଗାଇଛି। ଭାରତର ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଆତଙ୍କବାଦୀଙ୍କ ସହ ମିଶି ପାକିସ୍ତାନ ସୁରକ୍ଷା ଏଜେନ୍ସିଗୁଡିକ କାମ କରୁଛନ୍ତି।



ପାକିସ୍ତାନ ଭାରତରେ ଆତଙ୍କବାଦୀ ଆକ୍ରମଣ କରାଉଛି। ସୂଚନାଯୋଗ୍ୟ ଯେ ୨୯୦୦ କେଜି ବିସ୍ଫୋରକ ଜବତ ହେବା ପରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏହି ମାମଲାରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ସାମ୍‌ନାକୁ ଆସିଥିଲା। ତେବେ ପୂର୍ବରୁ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଦେଶର ହାତ ନ ଥିବା ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

# 'ନିର୍ବାଚନ କମିସନଙ୍କୁ ବଦନାମ କରାଯାଉଛି'

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗକୁ ନେଇ ସାରା ଦେଶର ୨୭୨ ଅବସରପ୍ରାପ୍ତ ବିଚାରପତି ଏବଂ ଅମଲାତାନ୍ତ୍ରିକ ଅଧିକାରୀମାନେ ଖୋଲା ଚିଠି ଜାରି କରିଛନ୍ତି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଦଳକୁ ସମାଲୋଚନା କରାଯାଇଛି। ଏହି ଚିଠିରେ ୧୬ ଜଣ ପୂର୍ବତନ ବିଚାରପତି, ୧୨୩ ଜଣ ପୂର୍ବତନ ଅମଲା (୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ସାମିଲ) ଏବଂ ୧୩୩ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ଏମାନେ ଅଭିଯୋଗ ଲଗାଇଛନ୍ତି ଯେ କ୍ରମାଗତ ଭାବେ ଅଭିଯୋଗ ଲଗାଇ କଂଗ୍ରେସ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ଦ୍ୱାରା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନାବଶ୍ୟକ ଭାବେ ବିଶ୍ୱାସହୀନତାର ପ୍ରଚାରପ୍ରସାର ହେଉଛି।



ଚିଠିରେ କୁହାଯାଇଛି ଯେ ଇସି ହେଉଛନ୍ତି ଭାରତୀୟ ନିର୍ବାଚନୀ ପ୍ରଣାଳୀ ପ୍ରମୁଖ ଅଙ୍ଗ। ଏହା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବାରୁ ଜନତାଙ୍କ ବିଶ୍ୱାସ ଦୁର୍ବଳ ହେଉଛି। ଗଣତନ୍ତ୍ରର ମଧ୍ୟ କ୍ଷତି ହେଉଛି। ରାଜନୈତିକ ମତଭେଦ ଜରୁରୀ, କିନ୍ତୁ ସାମ୍ବିଧାନିକ ସଂସ୍ଥା ଉପରେ କ୍ରମାଗତ ଅଭିଯୋଗ ଲଗାଇବା ଦେଶହିତର ବିରୋଧୀ। ସୂଚନାଯୋଗ୍ୟ ଯେ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ତିନି ଥର ସାମ୍ବାଦିକ ସମ୍ମିଳନୀ କରି ସାରିଲେଣି। ସେ ନିର୍ବାଚନ କମିଶନଙ୍କୁ ମୋଦୀ ସରକାରର 'ବି' ଟିମ୍ କହିଛନ୍ତି। ବିଜେପି ସହ ମିଶି ଇସି ଭୋଟ ଚୋରି କରୁଥିବା ସେ ଅଭିଯୋଗ ଲଗାଇଛନ୍ତି। ଚିଠିରେ କୁହାଯାଇଛି ଯେ ପ୍ରଥମେ ସେନା, ତା'ପରେ ନ୍ୟାୟପାଳିକା ଏବଂ ସଂସଦ ଉପରେ ପ୍ରଶ୍ନ ଉଠା ଯାଇଥିଲା। ଏବେ ଇସିଙ୍କୁ ଟାର୍ଗେଟ କରାଯାଉଛି। ଏହା ଏକ 'ବିପଜ୍ଜନକ ଧାରା' ପାଲଟିଛି, ଯେଉଁଥିରେ ନିର୍ବାଚନୀ ପରାଜୟକୁ ଲୁଚାଇବା ପାଇଁ ପ୍ରତିଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଉପରେ ଆକ୍ରମଣ କରାଯାଉଛି। ରାହୁଲ ଗାନ୍ଧୀ ଇସିଙ୍କୁ 'ଭୋଟ ଚୋରି' ଅଭିଯୋଗ କରିଥିଲେ। ତାଙ୍କୁ ବିଶ୍ୱାସଘାତକ ମଧ୍ୟ କହିଥିଲେ।

### ■ ରାହୁଲଙ୍କ ବିରୋଧରେ ୨୭୨ ଅବସରପ୍ରାପ୍ତ ବିଚାରପତି-ଅଧିକାରୀଙ୍କ ଚିଠି

**● ପ୍ରେସିଡେନ୍ସିଆଲ ରେଫରେନ୍ସ**

# ଆଜି ମତାମତ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧ ୧ (ଏଜେନ୍ସି): ତାମିଲନାଡୁ ସରକାରଙ୍କ ଆବେଦନ ଉପରେ ବିଚାର କରି ସୁପ୍ରିମକୋର୍ଟ ବିଲ୍‌ରେ ଅନୁମୋଦନ ଦେବା ନିମନ୍ତେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ମାଗିଥିଲେ। ସମ୍ବିଧାନରେ ବିଲ୍‌କୁ ଅନୁମୋଦନ ପାଇଁ କୌଣସି ସମୟ ଧାର୍ଯ୍ୟ ହୋଇ ନଥିବାବେଳେ ସୁପ୍ରିମକୋର୍ଟ କେମିତି ଏପରି କରିପାରିବେ ବୋଲି ପଚାରି ଥିଲେ। ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ସାମ୍ବିଧାନିକ ଖଣ୍ଡପୀଠ ସେପ୍ଟେମ୍ବର ୧୧ ତାରିଖରୁ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଗୁରୁବାର ଏହା ଉପରେ ମତାମତ ଦେଇପାରନ୍ତି। ସୁପ୍ରିମକୋର୍ଟ ଗତ ଏପ୍ରିଲରେ ଐତିହାସିକ ରାୟ ଦେଇ ତାମିଲନାଡୁ ରାଜ୍ୟପାଳଙ୍କ ଅନୁମୋଦନ ବିନା ୧୦ ବିଲ୍‌କୁ ମଞ୍ଜୁରି ଦେଇଥିଲେ। ଦୀର୍ଘ ଦିନ ପର୍ଯ୍ୟନ୍ତ ରାଜ୍ୟପାଳ ଏହି ବିଲ୍‌କୁ ପକାଇ ରଖିବାକୁ ବେଆଇନ ଏବଂ ଭୁଲ୍ ବୋଲି କହିଥିଲେ।

# ଫଳାଫଳ ପରଠାରୁ ନିଦ ନାହିଁ: ପ୍ରଶାନ୍ତ କିଶୋର

ପାଟନା, ୧୯।୧୧ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବଡ଼ ବଡ଼ ଦାବି କରିଥିବା ରଣନୀତିକାର ପ୍ରଶାନ୍ତ କିଶୋର ନିର୍ବାଚନୀ ରଣରେ ପରାସ୍ତ ହୋଇଛନ୍ତି। ତାଙ୍କ ଦଳ ଜନ ସୁରାଜ ପାର୍ଟି ଗୋଟିଏ ହେଲେ ବି ଆସନ ଜିତିପାରି ନାହିଁ। ଏହି ଫଳାଫଳ ଆସିବା ପରଠାରୁ ପ୍ରଶାନ୍ତ କିଶୋରଙ୍କୁ ନିଦ ନାହିଁ ବୋଲି ସେ କହିଛନ୍ତି। ବିଭିନ୍ନ ଦଳ ପାଇଁ ନିର୍ବାଚନ ରଣନୀତିକାର ଭାବେ ବେଶ୍ ସଫଳତା ପାଇଥିବା ପ୍ରଶାନ୍ତ କିଶୋର ନିଜ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। ତାଙ୍କ ଦଳର ଅବସ୍ଥା ଏଭଳି ହେବ ବୋଲି କେହି କଳ୍ପନା କରି ନ ଥିଲେ। ନିର୍ବାଚନ ପୂର୍ବରୁ ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ୨୫ରୁ ଅଧିକ ଆସନ ଜିତିଲେ ରାଜନୀତି ଛାଡ଼ିଦେବା କଥା କହିଥିବା ପ୍ରଶାନ୍ତ, କିନ୍ତୁ ଏବେ ପଲଟି ଯାଇଛନ୍ତି। ଆରଥରକୁ ପୁଣି ପ୍ରୟାସ କରିବୁ ବୋଲି ସେ କହିଛନ୍ତି।



ଏକ ସାକ୍ଷାତକାରରେ ପ୍ରଶାନ୍ତ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ନିଜେ ହାର୍ ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଆପଣ ହାରିବେନି। ଦଳକୁ ନିର୍ବାଚନରେ ସଫଳତା ମିଳି ନ ଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ଏବଂ ଆପ୍ରବାସନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ୍ୟ କରିଥିଲୁ।

ବିଜେପିର ମଧ୍ୟ ଦିନେ ମାତ୍ର ୨ ଜଣ ସାଂସଦ ଥିଲେ। ଦଳ ଗଠନ ସମୟରେ ଏପରି ଫଳାଫଳ ଆସିପାରେ। କିନ୍ତୁ ଆମେ ଜାତି ଏବଂ ଧର୍ମ ନାମରେ ରାଜନୀତି କରି ବିଷ ପ୍ରସାର କରିନାହୁଁ। ଆରଥରକୁ ପୁଣି ପ୍ରୟାସ କରିବୁ'। ଦଳକୁ ଏତେ କମ୍ ଆସନ ମିଳିବ ବୋଲି କେବେ ଆଶା କରି ନ ଥିଲୁ। ନିର୍ବାଚନ ପୂର୍ବରୁ କେବେ ବି ସର୍ଭେ କରି ନ ଥିଲି। ଅନ୍ଧ ଭାବରେ ନିର୍ବାଚନ ଲଢ଼ିଥିଲୁ। ଆମେ ୧୨-୧୫ ପ୍ରତିଶତ ଭୋଟ ପାଇବୁ ବୋଲି ଆଶା କରିଥିଲୁ।

# ୧୧୩୫ କୋଟିର ଜମି ଦୁର୍ନୀତିରେ ବିଜେପି ବିଧାୟକଙ୍କ ନାମ

ଭୋପାଳ, ୧୯।୧୧ (ଏଜେନ୍ସି): ମଧ୍ୟ ପ୍ରଦେଶ କଟନୀ ଅନ୍ତର୍ଗତ ବିଜୟ ରାଘବଗଡ଼ର ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ସତ୍ୟେନ୍ଦ୍ର ପାଠକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଲାଗିଛି। ୧୧୩୫ କୋଟିର ଜମି କ୍ରୟ ଦୁର୍ନୀତିରେ ସେ ସାମିଲ ଥିବା କୁହାଯାଉଛି। ଆଦିବାସୀ କଂଗ୍ରେସ, ଗୋଣ୍ଡୱାନା ଗଣତନ୍ତ୍ର ପାର୍ଟି ସମେତ ଅନେକ ଆଦିବାସୀ ସଂଗଠନ ଏହି ଅଭିଯୋଗ ଲଗାଇଛନ୍ତି। ଏହା ବିରୋଧରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍‌ନାରେ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେଉଁ ଚାରି ଆଦିବାସୀଙ୍କ ନାମରେ ବିଧାୟକ ଜମି କ୍ରୟ କରିଥିଲେ, ଏବେ ସେମାନେ ନିଖୋଜ ଥିବା କହିଛନ୍ତି। ତାଙ୍କ ସୁରକ୍ଷା ଦାବି କରାଯାଇଛି। ବିକ୍ଷୋଭକାରୀମାନେ ସରକାର ଏବଂ ବିଜେପି ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏହି ସମୟରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଆନ୍ଦୋଳନରେ ସାମିଲ ଦିବ୍ୟାଂଶୁ ମିଶ୍ରା କହିଛନ୍ତି ଯେ ଆଦିବାସୀ ଜମି ଦୁର୍ନୀତି ମାମଲାରେ ବିଧାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି।

# ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

କୋଲକାତା, ୧୯।୧୧ (ଏଜେନ୍ସି): ଦେଶରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ଜାରି ରହିଛି। ଏବେ ଏହି ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ତ୍ରୁଟି ହେଲେ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି କୁହାଯାଇଛି। କୋଲକାତାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏଠାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟରେ ୭.୬୩ କୋଟି ଏସଆଇଆର ଫର୍ମ ବଣ୍ଟା ଯାଇଥିବା କୁହାଯାଇଥିଲା। ମୋ ୧.୦୯ କୋଟି ଫର୍ମକୁ ଡିଜିଟାଲ କରାଯାଇଛି।

ଅନ୍ୟପକ୍ଷରେ ବୁଥ ଲେଭୁଲ ଅଫିସରଙ୍କ ଉପରେ ଏସଆଇଆରକୁ ନେଇ ଚାପ ବଢ଼ିବାରେ ଲାଗିଛି। ଏଥିଯୋଗୁଁ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶରେ ଜଣେ ଲେଖାଏଁ ବିଏଲଓ ଆତ୍ମହତ୍ୟା କଲେଣି। ପଶ୍ଚିମବଙ୍ଗରେ ଜଣେ ବିଏଲଓ ଆତ୍ମହତ୍ୟା ପାଇଁ ଧମକ ଦେଇଛନ୍ତି। ସେହିପରି ଗତ କାଲି ତାମିଲନାଡୁ ତଞ୍ଜାଉରର ଜଣେ ଅଙ୍ଗନୱାଡି ସେବିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଅତ୍ୟଧିକ ଚାପରେ କାମ କରୁଥିବା ଅଭିଯୋଗ ଲଗାଇ ଥିଲେ। ଅନେକ ବିଏଲଓ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ଡିସେମ୍ବର ସୁଦ୍ଧା କାମ ସାରିବାକୁ କଣ୍ଟ ଦିଆଯାଇଛି।



ଅନେକ ରାଜ୍ୟରେ ବିଏଲଓ ଏହାକୁ ବହିଷ୍କାର କରିଛନ୍ତି। ଏବେ ନିର୍ବାଚନ କମିଶନ ଅଧିକାରୀଙ୍କ କାର୍ଯ୍ୟଭାର ଏବଂ ଦାୟୀ କରିବାକୁ ନେଇ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ଇସିଙ୍କ ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ୯ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ୫୦.୨୫ କୋଟିରୁ ଅଧିକ ଏସ୍‌ଆଇଆର ଫର୍ମ ବଣ୍ଟା ଯାଇଛି। ଲୋକ ଫର୍ମ ପୂରଣ କରି ତାହାକୁ ଜମା କରୁଛନ୍ତି। ଏହା ପରେ ଡିଜିଟାଲାଇଜେସନ କାମ ହେବ। ଏ ପର୍ଯ୍ୟନ୍ତ କେରଳରେ ସବୁଠୁ କମ୍ ଏବଂ ରାଜସ୍ଥାନରେ ସବୁଠୁ ଅଧିକ ଫର୍ମ ଡିଜିଟାଲାଇଜେସନ ପାଇଁ ଫେରି ଆସିଛି। ତେବେ ମଧ୍ୟ ପ୍ରଦେଶରେ ଇସିଙ୍କ ଆପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜସ୍ଥାନରେ ବିଏଲଓକୁ ଟାର୍ଗେଟ ସହିତ ଦୁଇ ଘଣ୍ଟାରେ ରିପୋର୍ଟ ଦେବାର ଚାପ ରହିଛି। ଏଥିପାଇଁ ଦିନକୁ ବିଏଲଓ ୧୮ ଘଣ୍ଟା ଲେଖାଏଁ କାମ କରୁଛନ୍ତି। ଛତିଶଗଡ଼ରେ ଶିକ୍ଷକମାନେ ଡବଲ୍ ଡ୍ୟୁଟି କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି କେନ୍ଦ୍ର ୧୨-୧୩ କିମି ଦୂରରେ ରହିଛି। ତେଣୁ ବିଦ୍ୟାଳୟରୁ ପାଠ ପଢ଼ାଇବା ସାରି ଯିବାକୁ କଷ୍ଟ ହେଉଛି।



କୋରାପୁଟିଆ ଶୀତରେ ହସୁଛି ଅଳସୀ ଫୁଲ

# ୧୦ ଲକ୍ଷକୁ ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ସହାୟତା ରାଶି

ଭୁବନେଶ୍ୱର,୧୯ ।୧୧(ସମିସ): ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ବୃଦ୍ଧି ହୋଇପାରେ। ପୂର୍ବରୁ ସାପ କାମୁଡ଼ା ବାବଦକୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଦୁଇ ଦିନ ତଳେ ସୁପ୍ରିମକୋର୍ଟ ବନ୍ୟପ୍ରାଣୀ ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରିବା ଓ ଏବାବଦକୁ ମୃତକଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସାରା ଦେଶରେ ଲାଗୁ କରିବାକୁ କୁହାଯାଇଛି। ଏହାକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିପୂରଣ ବୃଦ୍ଧି ବାବଦରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏବାବାଦରେ ରାସ୍ତା ଖୋଲିଛି। ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ମୃତ୍ୟୁ ବ୍ୟତୀତ ପାଣିରେ ବୁଡ଼ିବା ଜନିତ ମୃତ୍ୟୁ ଓ ବଜ୍ରପାତରେ ହେଉଥିବା ମୃତ୍ୟୁ ପାଇଁ ମିଳୁଥିବା ୪ ଲକ୍ଷର ସହାୟତା ରାଶିରେ ମଧ୍ୟ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି।

# ପିତାନାଉରେ ମାଈ ହାତୀର ମୃତ୍ୟୁ



ଆନନ୍ଦପୁର,୧୯।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହାଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଯାଇଛି। କାଠକଟା ପିତାନାଉ ରାସ୍ତାର ଜୁଆଳି କଟା ଘାଟି ନିକଟରେ ଏହି ହାତୀଟିର ମୃତ୍ୟୁ ପରେ କାଠକଟା ବନପାଳ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସା ଟିମ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରୀ ଦଳଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇ ପିତାନାଉ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ୍ୟୁ ମାଈ ହାତୀର ବୟସ ପାଖାପାଖି ୪ ବର୍ଷ ହୋଇଥିବା ବେଳେ କୌଣସି ପ୍ରକାର ସଂକ୍ରମଣଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

# ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୨ ଦେଶର ୪୦ ପ୍ରତିନିଧି ସାମିଲ

ଭୁବନେଶ୍ୱର,୧୯।୧୧(ସମିସ): ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ୍) ପକ୍ଷରୁ ୧୨ଟି ଦେଶର ୪୦ଜଣ ପ୍ରତିନିଧି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ। ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲ୍‌ଡିୟେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ଅବକାରୀ ଅଧୀକ୍ଷକ, ଏଏସ୍ଆଇ

କେନ୍ଦୁଝର/ଚମ୍ପୁଆ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଏବଂ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତଥା ଏଏସ୍ଆଇ ବିଜୟ କୁମାର ମହାନ୍ତ ଏକ ବିଦେଶୀ ମଦ ଦୋକାନୀଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କରଞ୍ଜିଆର ବିଦେଶୀ ମଦ ଦୋକାନୀ ବିଧୁଭୂଷଣ ପତିଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ଏଏସ୍ଆଇ ଶ୍ରୀ ମହାନ୍ତ ତାଙ୍କୁ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ବାବଦକୁ ୪ ମାସର ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ଶ୍ରୀ ପତି ଭିଜିଲାନ୍ସକୁ ଜଣାଇବା ପରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଶ୍ରୀ ମହାନ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା।

# ରଥଯାତ୍ରା ଦଳାଚକଟା
# କାହା ସୁରକ୍ଷାରେ ତଦନ୍ତ କମିଶନ !

ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ବର୍ଷ ରଥଯାତ୍ରା ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟାରେ ୩ ଜଣ ପ୍ରାଣ ହରାଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିଶନର ଘଟଣାର ତଦନ୍ତ କଲେ, ସମଗ୍ର ଘଟଣା ପାଇଁ ୭ ଜଣ ବିଭିନ୍ନ ବର୍ଗର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟୀ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କଲେ। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲା ଓ ତଦନ୍ତକାରୀ ଅଧିକାରୀ ଘଟଣାର ପ୍ରଚ୍ଛଦରେ ଥିବା ବରିଷ୍ଠ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ କନିଷ୍ଠ ଅଧିକାରୀଙ୍କୁ ବଳି ଦେଇଥିବା ମଧ୍ୟ ଅଭିଯୋଗ ହେଲା । ଏହି ସମୟରେ ରଥଯାତ୍ରାରେ ନିୟୋଜିତ ପୁରୀ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଅଶୋକ କୁମାର ବେହେରାଙ୍କୁ ମଧ୍ୟ ଏହି ଘଟଣାରେ ସମାନୁପାତିକ ଅଂଶୀଦାର ବୋଲି ଉଲ୍ଲେଖ କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଯଦି ଶ୍ରୀ ବେହେରାଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବାକୁ ମଧ୍ୟ ସୁଯୋଗ ଦିଆଯାଇଛି । ତେବେ ପୁଲିସ ଅଧିକାରୀମାନଙ୍କୁ ସୁଯୋଗ ଦିଆ ଯାଇ ନ ଥିବାବେଳେ ବନସେବା ଅଧିକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗକୁ ନେଇ ଏବେ ସ୍ୱାଭାବିକ ପ୍ରଶ୍ନ ଉଠିଛି ।

ଅନ୍ୟପକ୍ଷରେ ଦଳାଚକଟା ସମୟରେ ଶରଧାବାଲିରେ ଦାୟିତ୍ୱ ନ ଥିବା ଦୁଇ କନିଷ୍ଠ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ ପରେ ତଦନ୍ତ ନିରପେକ୍ଷ ହୋଇ ନ ଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ୨୮ ତାରିଖ ରାତି ୩ଟାରୁ ୪ଟା ଧରେ ଶରଧାବାଲିରେ ଦଳାଚକଟା ଘଟିଥିଲା। ସେତେବେଳେ ସେଠାରେ କୌଣସି ପୁଲିସ ବା ପ୍ରଶାସନିକ ଅଧିକାରୀ ମୁତୟନ ନ ଥିଲେ। ଯେଉଁ ଦୁଇ ଅଧିକାରୀ ସେଠାରେ ଦାୟିତ୍ୱ ଥିବା ଦର୍ଶାଯାଇଥିଲା, ସେମାନେ ୨୮ ତାରିଖ ସକାଳ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସେଠାରେ ଦାୟିତ୍ୱରେ ଥିଲେ ଓ ପରଦିନ ସକାଳ ୫ଟାରେ ସେମାନଙ୍କୁ ଗୁଣ୍ଡିଚାମନ୍ଦିରରେ ପହଞ୍ଚିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ୨୮ ତାରିଖ ରାତିରେ ରିଜର୍ଭ ଇନ୍ସପେକ୍ଟର ଶରଧାବାଲିରେ ଡ୍ୟୁଟି ପାଇଁ ୨ ପ୍ଲାଟୁନ୍ ପୁଲିସ ମୁତୟନ କରିଥିଲେ, ମାତ୍ର ଜଣେ ବରିଷ୍ଠ ଅଧିକାରୀ ସେହି ପୁଲିସ ସେଠାରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଲା, ମାତ୍ର ସେହି ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ । ତେଣୁ ଆଇଏଏସ୍-ଆଇପିଏସ୍ ବିରାଦରୀ ପ୍ରୀତି ଯୋଗୁଁ ଏଆଇ କ୍ୟାମେରା ଲଗାଇବା ପ୍ରସଙ୍ଗରେ ଦାୟୀ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ କନିଷ୍ଠ କର୍ମଚାରୀଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ସତ୍ୟ ବୋଲି ସାଧାରଣରେ ଧାରଣା ବଦ୍ଧମୂଳ ହେବାରେ ଲାଗିଛି ।

- ପୁଲିସଙ୍କୁ ମିଳିଲା ନାହିଁ; ଏସିଏଫ୍‌ଙ୍କୁ ମିଳିଲା ପକ୍ଷ ରଖିବା ସୁଯୋଗ
- ଦାୟିତ୍ୱରେ ନ ଥିବା ପୁଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ
- କାର୍ଯ୍ୟାନୁଷ୍ଠାନ ସୁପାରିସ ପୂର୍ବରୁ ମିଳିଲାନି ପକ୍ଷ ରଖିବା ସୁଯୋଗ
- ଶରଧାବାଲିରୁ ୨ ପ୍ଲାଟୁନ୍ ପୁଲିସ ହଟାଇବା କାହାର ନିର୍ଦ୍ଦେଶ ଥିଲା



ଅନ୍ୟପକ୍ଷରେ ରଥଯାତ୍ରା ସମୟରେ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଏସିଏଫ୍ ଶ୍ରୀ ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସୁପାରିସ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଶ୍ରୀ ବୋହରା କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ ଥିଲେହେଁ ଅନ୍ୟମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହୋଇ ନାହିଁ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

# ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶିଶୁ ମୃତ



ଦାରିଙ୍ଗବାଡି,୧୯।୧୧(ସମିସ): ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶ୍ୱାସରୁଦ୍ଧ ହୋଇ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ମୂଷି ମାହାପଡ଼ାରେ ଘଟିଛି ଏପରି ଅଭାବନୀୟ ଘଟଣା। ମୂଷିମାହାପଡ଼ାର ରଞ୍ଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୪ ବର୍ଷର ଶିଶୁପୁତ୍ରକୁ ଧରି ମକା କ୍ଷେତକୁ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ କାମ କରୁଥିବା ବେଳେ ବିଲ ମୁଣ୍ଡରେ ଶିଶୁପୁତ୍ରକୁ ବସାଇଦେଇ ରଞ୍ଜିତ ନେଇଥିବା ଏକ ଚିପ୍ସ ପ୍ୟାକେଟ ଧରାଇ ଦେଇଥିଲେ। ଶିଶୁ ଚିପ୍ସ ଖାଇସାରି ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳଣାକୁ ଧରି ଖେଳୁଥିବାବେଳେ ଗିଳି ଦେଇଥିଲେ। ଖେଳଣାଟି ତଣ୍ଟିରେ ଅଟକି ଯିବା ସହ ଶିଶୁଟି ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲା। ଖେଳଣାଟିକୁ ପୁଅର ତଣ୍ଟିରୁ ବାହାର କରିବାକୁ ବାପା ରଞ୍ଜିତ ବହୁ ଉଦ୍ୟମ କରିଥିଲେ। କିନ୍ତୁ ବିଫଳ ହୋଇ ବାପା-ମା ଶିଶୁକୁ ଦାରିଙ୍ଗିବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଗ୍ରାମରେ କୌଣସି ଟେଲିଫୋନ ନେଟ୍‌ୱାକ ନଥିବାରୁ ହଠାତ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିପ୍ସ ପ୍ୟାକେଟରେ ପିଲାଙ୍କୁ ଆକର୍ଷିତ କରିବାକୁ ଆଜିକାଲି ଯେଉଁଭଳି ଖେଳଣା ରଖାଯାଉଛି ତାହା ଯେ କେତେ ବିପଦପୂର୍ଣ୍ଣ ଏହି ଘଟଣା ବୟାନ କରୁଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗାଡ଼ି ମାଲିକଙ୍କୁ ବଡ଼ ଝଟ୍‌କା
# ଯାନବାହନ ଫିଟନେସ୍ ପରୀକ୍ଷା ଫି' ୧୦ ଗୁଣ ବଢ଼ିଲା

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଯାନବାହାନ ଫିଟ୍‌ନେସ୍ ପରୀକ୍ଷା ଫି'ରେ ଏକ ବଡ଼ ଧରଣର ପରିବର୍ତ୍ତନ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ନୂତନ ଫି' ହାର ଜାରି କରାଯାଇଛି। ଫଳସ୍ୱରୂପ, ମୋଟର ଚାଳକଙ୍କୁ ଏଣିକି ଯାନବାହାନ ଫିଟନେସ୍ ପରୀକ୍ଷା ପାଇଁ ୧୦ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଆହୁରିମଧ୍ୟ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ମଧ୍ୟ ଏହି ଅଧିକ ଫି'ର ସ୍ଲାବ୍‌ରେ ବୃଦ୍ଧି କରିଛି। ପୂର୍ବରୁ, ଏହି ଅବଧି ୧୫ ବର୍ଷ ଥିଲା, କିନ୍ତୁ ଏବେ ଏହାକୁ ୧୦ ବର୍ଷକୁ ହ୍ରାସ କରାଯାଇଛି। ଅର୍ଥାତ୍ ପୂର୍ବରୁ ବର୍ଦ୍ଧିତ ଶୁଳ୍କ ୧୫ ବର୍ଷ ପୁରୁଣା ଯାନବାହାନରେ ଲାଗୁ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ ୧୦ ବର୍ଷ ପୁରୁଣା ଯାନ କ୍ଷେତ୍ରରେ ଲାଗୁ କରାଯିବ। ଏଥିରେ ସରକାରଙ୍କ ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଯାନବାହାନକୁ ଏହି ଫି' ଢାଞ୍ଚା ପରିସରକୁ ଆଣିବା। ନୂଆ ବ୍ୟବସ୍ଥାରେ ୩ ସ୍ତରୀୟ ଫି' ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଗାଡ଼ିର ଆୟୁ ହିସାବରେ ଭିନ୍ନ ଭିନ୍ନ ବର୍ଗ ରଖାଯାଇଛି। ଆୟୁ ଆଧାରରେ ଗାଡ଼ିକୁ ୧୦ ରୁ ୧୫ ବର୍ଷ, ୧୫ ରୁ ୨୦ ବର୍ଷ ଏବଂ ୨୦ ବର୍ଷରୁ ଅଧିକ ତିନୋଟି ବର୍ଗ କରାଯାଇଛି।

ପୂର୍ବରୁ, ୧୫ ବର୍ଷରୁ ଅଧିକ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଫି' ଦେବାକୁ ପଡୁଥିଲା, କିନ୍ତୁ ଏବେ ୧୦ ବର୍ଷରୁ ଅଧିକ ପୁରୁଣା ଯାନ ପାଇଁ ମଧ୍ୟ ଅଧିକ ଫି'ଦେବାକୁ ପଡିବ। ନୂଆ ବ୍ୟବସ୍ଥାରେ ଗାଡ଼ି ପୁରୁଣା ହେବା ସହିତ, ଫି' ବୃଦ୍ଧି ପାଇଛି। ଏହି ନୂଆ ନିୟମ ସମସ୍ତ ପ୍ରକାରର ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଏଥିରେ ଦୁଇଚକିଆ, ତିନିଚକିଆ, ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ, ମଧ୍ୟମ ଏବଂ ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ ଏବଂ ହାଲୁକା ମୋଟର ଯାନ ଅନ୍ତର୍ଭୁକ୍ତ। ଏଣିକି ୨୦ ବର୍ଷରୁ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ମଧ୍ୟ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ (ଟ୍ରକ୍/ବସ୍) ପାଇଁ ପୂର୍ବରୁ ଫି' ୨୫୦୦ ଟଙ୍କା ଥିଲା, ଯାହାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ଶୁଳ୍କ ୧୮୦୦ରୁ ୨୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ହାଲୁକା ମୋଟର ଯାନ ପାଇଁ ଶୁଳ୍କ ଏବେ ୧୫,୦୦୦ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ତିନି ଚକିଆ ଯାନ ପାଇଁ ଫି'୭୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ୨୦ବର୍ଷରୁ ଅଧିକ ପୁରୁଣା ଦୁଇ ଚକିଆ ଯାନ ପାଇଁ ଫି' ୬୦୦ ଟଙ୍କାରୁ ୩ ଗୁଣ ବଢ଼ାଇ ୨୦୦୦ ଟଙ୍କା ବୃଦ୍ଧି କରାଯାଇଛି। ୧୫ ବର୍ଷରୁ କମ୍ ଆୟୁର ପୁରୁଣା ଗାଡ଼ିକୁ ମଧ୍ୟ ଏଥିରେ କୌଣସି ରିଆତି ଦିଆଯାଇନାହିଁ। ୧୫ ବର୍ଷରୁ କମ୍ ଆୟୁର ମୋଟର ସାଇକେଲ୍‌ର ଫିଟ୍‌ନେସ୍ ପରୀକ୍ଷା ଫି' ୪୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୬୦୦ ଟଙ୍କା ଏବଂ ମଧ୍ୟମ/ଭାରୀ ବାଣିଜ୍ୟିକ ଯାନ ପାଇଁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ୧୫ରୁ ୨୦ ବର୍ଷ ମଧ୍ୟରେ ଆୟୁ ଥିବା ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ସଂଶୋଧିତ ଫି' ମୋଟର ସାଇକେଲ୍ ପାଇଁ ୫୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୧୦୦୦ ଟଙ୍କା ,ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ୧୩୦୦ ଟଙ୍କା ଏବଂ ଭାରୀ ବାଣିଜ୍ୟିକ ଯାନ ଲାଗୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

- ଅଧିକ ଫି' ପାଇଁ ଅବଧିରେ ମଧ୍ୟ ବୃଦ୍ଧି
- ୨୦ବର୍ଷରୁ ଅଧିକ ପୁରୁଣା ଦୁଇ ଚକିଆ ଯାନ ପାଇଁ ଫି' ୨୦୦୦ ଟଙ୍କା

# ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲା ହାଇକୋର୍ଟରେ ଖାରଜ

କଟକ,୧୯ ।୧୧(ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ଅନିୟମିତତା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ଦାୟର ମୂଳ ମାମଲାକୁ ଜଷ୍ଟିସ ସଂଜୟ କୁମାର ମିଶ୍ର ଖାରଜ କରିଛନ୍ତି। ମାମଲାଟି ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧) ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁ ନଥିବାରୁ ଏହାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ଅପରପକ୍ଷରେ, ଆବେଦନକାରୀ ଆଣିଥିବା ଅନିୟମିତତା ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରମାଣ ଓ ସତ୍ୟପାଠ ଦେଇପାରି ନଥିବାରୁ ମାମଲା ଖାରଜ କରାଯାଇଥିବା କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି, ଗତ ୨୦୨୪ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୯୨୧୬୨ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସଙ୍କୁ ୪୭୨୩୨୬ଭୋଟ ମିଳିଥିଲା। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କୁ ମିଳିଥିଲା ୧୬୯୩ଖଣ୍ଡ ଭୋଟ।

# ମଗୁଶୁରରେ ବି ଖସୁନି ପରିବା ଦର
# ସପ୍ତାହକ ମଧ୍ୟରେ ଟମାଟୋ ଦର ଦୁଇଗୁଣା

ଭୁବନେଶ୍ୱର,୧୯।୧୧(ସମିସ): ଆଳୁ କିଲୋ ୨୫, ପିଆଜ କିଲୋ ୩୦। ବିନ୍ସ ୮୦ରୁ ଖସୁନି, କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୁଣି ଉପରମୁହାଁ ହୋଇ ୫୦ରୁ ୬୦ରେ ବିକ୍ରି ହେଉଛି। ଗତ ସପ୍ତାହରେ ଟମାଟୋ ୩୦ ଟଙ୍କାରୁ ୪୦ ଟଙ୍କା ଥିବାବେଳେ ଏବେ କେଉଁଠି ୬୦ ତ କେଉଁଠି ଅଶୀ। ୬୦ ଗ୍ରାମରୁ ୭୦ ଗ୍ରାମ ଶାଗ ବିଡ଼ା ୧୦ ଟଙ୍କାରେ ବିକ୍ରି ହେଉଛି । କାର୍ତ୍ତିକ ଯାଇ ମାର୍ଗଶିର ଅଧା ହୋଇ ସାରିଥିଲେ ବି ପରିବା ଦର ଖସିବାର ନାଁ ଧରୁନାହିଁ। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପରିବା ଦର ଅତିଷ୍ଠ କରିଛି ।

## ଅନ୍ୟ ରାଜ୍ୟରୁ ଆମଦାନୀରେ ବାଧା; ୬୦ ତଳକୁ ଖସୁନି ଦର

କାର୍ତ୍ତିକ ମାସରେ ଅନେକ ଆମିଷ ଖାଉନଥିବାରୁ ସାଧାରଣତଃ ପରିବା ଦର ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୂଳା ବିଡ଼ା (୩ଟି)କୁ ୪୦ଟଙ୍କାରେ ବିକ୍ରି ହେବା ସହ ଶାଗ ବିଡ଼ା ୧୦ରୁ ୧୫ଟଙ୍କା। ଅନ୍ୟ ପରିବାର କିଲୋପିଛା ୬୦ ଓ ୮୦ଟଙ୍କାରୁ ଖସୁନି। ଦୀର୍ଘଦିନ ଯାଏ ବର୍ଷା ଲାଗି ରହିବାଯୋଗୁଁ ଚଳିତ ବର୍ଷ ବିଭିନ୍ନ ପନିପରିବା ଅମଳ ବିଳମ୍ବିତ ହୋଇଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏହି ସମୟରେ ଆଠଗଡ଼, କଟକ, ବଡ଼ମ୍ବା, ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଲଙ୍ଗା, ବାଲିପାଟଣା, ତେଇସପୁର ଆଦିରୁ ପରିବା ଉତ୍ପାଦନ ହୋଇଥାଏ ଏବଂ ପରିବାର ଦର ହ୍ରାସ ପାଇଥାଏ। ବର୍ଷ ସାରା ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ ହେଉଥିବାବେଳେ ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ଶିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ରାଜ୍ୟରୁ ଉତ୍ପାଦନ ବିଳମ୍ବିତ ହେବା ଯୋଗୁଁ ପରିବା ଦର କମୁନାହିଁ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟା ଆହୁରି ୧୫ରୁ ୨୦ ଦିନ ଯାଏ ରହିପାରେ ବୋଲି ପରିବା ବ୍ୟବସାୟୀ ଆଶଙ୍କା କରିଛନ୍ତି।



କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଏତେବେଳକୁ କୋବି ଗୋଟାକ ୫ରୁ ୧୦ଟଙ୍କା ମଧ୍ୟରେ ବିକ୍ରି ହେବା କଥା, କିନ୍ତୁ କୋବି ଅମଳ ହୋଇପାରି ନଥିବାରୁ ବାହାର ରାଜ୍ୟରୁ ଆସୁଥିବା କୋବି ଦର ଅଧିକ ରହୁଛି। ସେହିପରି ଲକ୍ଷ୍ମୀ ପୂଜା ପରେ କୋବି ଓ ଟମାଟୋ ଶସ୍ତାରେ ବିକ୍ରି ହୁଏ, ମାତ୍ର ଏଯାଏ ଟମାଟୋ, ବାଇଗଣ, ଭେଣ୍ଡି ଭଳି ଅନ୍ୟ ପରିବା ଓଡ଼ିଶାରୁ ବାହାରିନାହିଁ। ଅନ୍ୟ ରାଜ୍ୟରୁ ଯେତିକି ଆସୁଛି ତାହା ଓଡ଼ିଶା ବଜାରରେ ବିକ୍ରି ହେଉଛି। ଓଡ଼ିଶାରେ ପରିବା ଅମଳ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ, ଏହାପରେ ପରିବାର ଦର କମିବ ବୋଲି ସେ କହିଛନ୍ତି।




# ଜେଲରୁ ମୁକୁଳିଲେ ଆଜୀବନ ଦଣ୍ଡପ୍ରାପ୍ତ ସୁକୁଲୁ ଭୂୟାଁ

ମଲକାନଗିରି, ୧୯ ।୧୧(ସମିସ): ମଲକାନଗିରି ଜିଲ୍ଲା କାରାଗାରରେ ଆଜୀବନ ଦଣ୍ଡ ଭୋଗୁଥିବା ସୁକୁଲୁ ଭୂୟାଁ ୧୫ ବର୍ଷ ପରେ ଜେଲ୍ ଜୀବନରୁ ମୁକ୍ତି ପାଇଛନ୍ତି। ଜେଲ୍ ଭିତରେ ଉତ୍ତମ ବ୍ୟବହାର, ଶୃଙ୍ଖଳିତ ଚରିତ୍ର ଓ ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଭାଗିଦାରି ପାଇଁ ତାଙ୍କ ବିରୋଧରେ କୌଣସି ଅପ୍ରତିକୂଳ ରିପୋର୍ଟ ନଥିବା ଥିବାରୁ ତାଙ୍କୁ ମୁକ୍ତି ମିଳିଛି। ଜିଲ୍ଲା ବିଚାରପତି ଓ ଜିଲ୍ଲା ପୋଲିସ ଅଧିକ୍ଷକ ରିପୋର୍ଟକୁ ଆଧାର କରି ସୁକୁଲଙ୍କ ଉତ୍ତମ ଆଚରଣ ସମ୍ପର୍କରେ ଜିଲ୍ଲା କାରାଗାର ପ୍ରଶାସନ ଏହାର ଏକ ବିସ୍ତୃତ ରିପୋର୍ଟ ଡିଜିଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଓଡ଼ିଶା ସରକାରଙ୍କ ପାଖକୁ ପଠାଯାଇଥିବାବେଳେ ପୁନର୍ବିଚାର ନିମନ୍ତେ ଆବେଦନ ହୋଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସରକାରଙ୍କ ପକ୍ଷରୁ ସୁକୁଲୁଙ୍କୁ ମୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହା ପରେ ତାଙ୍କୁ ଆଜି ମୁକ୍ତି ମିଳିଛି। ଜେଲ୍ ପ୍ରଶାସନ ଅନୁସାରେ, ସୁକୁଲୁ ଭୂୟାଁ ଜେଲ୍‌ରେ ରହିବାବେଳେ ଦୈନିକ କାମ, ସ୍ୱଇଚ୍ଛା ସେବା, କୌଶଳ ଶିକ୍ଷା ଓ ଶାନ୍ତିପୂର୍ଣ୍ଣ ବ୍ୟବହାର ଲାଗି ଆଦର୍ଶ କଏଦୀ ଭାବେ ପରିଚିତ ହୋଇଥିଲେ। ସେ ସମାଜରେ ଫେରି ନୂଆ ଜୀବନ ଆରମ୍ଭ କରିବେ ଓ ସ୍ୱାବଲମ୍ବୀ ହେବେ ବୋଲି ଜେଲ୍ ପ୍ରଶାସନ ଆଶା ବ୍ୟକ୍ତ କରିଛନ୍ତି ଜେଲର ଦିଲୀପ କୁମାର ଜେନା। ସୁକାନ୍ତଙ୍କ ପରିବାର ମଧ୍ୟ ଏଥିରେ ବେଶ ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କ ପିଲାଏ ଦୀର୍ଘ ଦିନ ଧରି ସୁକାନ୍ତଙ୍କୁ ଦେଖି ନଥିବା ବେଳେ ଆଜି ପରିବାର ଲୋକେ ତାଙ୍କୁ ଜେଲରୁ ପାଛୋଟି ନେଇ ଖୁସି ବ୍ୟକ୍ତ କରିଛନ୍ତି। ସୁକୁଲୁ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଦୀର୍ଘ ୧୫ ବର୍ଷ ହେଲା ଜେଲ୍‌ରେ ରହିଥିଲା।

# ନନ୍ଦପୁର ସମବାୟ ସମିତିକୁ ୨ୟ ଶ୍ରେଷ୍ଠ ପୁରସ୍କାର



ନନ୍ଦପୁର: ୧୯।୧୧ (ସମିସ): ଜନସାଧାରଣଙ୍କୁ କୃଷି, ଋଣ ସୁବିଧା, ବଜାରିକରଣ, ଦୈନନ୍ଦିନ ଆବଶ୍ୟକତା ଦ୍ରବ୍ୟ ଯୋଗାଣ ଇତ୍ୟାଦି ବହୁମୁଖୀ ସେବା ପ୍ରଦାନ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ନନ୍ଦପୁର ସମବାୟ ସମିତି ରାଜ୍ୟ ସ୍ତରରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ସମବାୟ ସମିତିର ମର୍ଯ୍ୟାଦା ଅର୍ଜନ କରିଛି। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଦ୍ୱାରା ଆୟୋଜିତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଉତ୍ସବ ଅବସରରେ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ ସ୍ତରୀୟ ପୁରସ୍କାର ବିତରଣ ସମାରୋହରେ ନନ୍ଦପୁର ଲ୍ୟାମ୍ପ୍‌ସ ପକ୍ଷରୁ ନିର୍ଦ୍ଦେଶକ ମଣ୍ଡଳୀର ବଳଭଦ୍ର ସୀସା, ସୀମାଞ୍ଚଳ ଖିଲ, ମଧୁସୂଦନ ଦୋରାଙ୍କ ସମେତ ନନ୍ଦପୁର ଲ୍ୟାମ୍ପ୍‌ସ ଏମ୍‌ଡି ସୁରେଶ ପଣ୍ଡା ଉପସ୍ଥିତ ଥିଲେ। ସମ୍ମାନ ଗ୍ରହଣ ପରେ ସେମାନେ ଏହାକୁ ନନ୍ଦପୁର ଅଞ୍ଚଳର ଚାଷୀ, ସଦସ୍ୟ ଏବଂ କର୍ମଚାରୀମାନଙ୍କ ମିଳିତ ପ୍ରୟାସର ଫଳ ବୋଲି କହିଥିଲେ। ନନ୍ଦପୁର ଲ୍ୟାମ୍ପସର ନିର୍ଦ୍ଦେଶକ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ପ୍ରଭାତ ଗୁଡୁମାଇ, ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ପୂର୍ବତନ କାର୍ତ୍ତିକ ଖେମୁଣ୍ଡୁ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ସାମାଜିକ କର୍ମୀ ଆକାଶ ଖିଲ ପ୍ରମୁଖ ଶୁଭେଚ୍ଛା ସହ ଶୁଭ କାମନା ଜଣାଇବା ସହ ନନ୍ଦପୁର ବ୍ଲକ୍ ପାଇଁ ଗର୍ବ ବିଷୟ ବୋଲି କହିଛନ୍ତି।

# ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ସୁସ୍ଥ ରୁହନ୍ତୁ : ଡ଼ା. ସନ୍ତୋଷ ପଣ୍ଡା



ନବରଙ୍ଗପୁର,୧୯।୧୧(ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷର ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସଫୁସ୍ ରୋଗ ଦିବସ ପାଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିପିଏଚଓ ଡା. ସୁକାନ୍ତ ଶତପଥୀ, ଡିପିଏଚଓ ଡ. ନବକିଶୋର ବେହେରା, ଡା.ମଳୟ କୁମାର ପ୍ରଧାନ, ଡିଆଇପିଆରଓ ମନୋଜ କୁମାର ବେହେରା, ଡା. ଇରସାତ ଖାନ, କାର୍ଯ୍ୟାଳୟର ବିଭିନ୍ନ କର୍ମକର୍ତ୍ତା, ନର୍ସିଂ କଲେଜର ଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଧୂମପାନ ତଥା ପରିବେଶ ପ୍ରଦୁଷଣକୁ ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆଲୋକପାତ କରିଥିଲେ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ ପଣ୍ଡା। ଏହାପରେ ସରକାରୀ ସେବିକା ମହାବିଦ୍ୟାଳୟ, ନବରଙ୍ଗପୁରର ଛାତ୍ରୀ ବର୍ଷାରାଣୀ ପ୍ରିତୀପୁଷ୍ପା ପିପିଟି ମାଧ୍ୟମରେ ସିଓପିଡି ରୋଗର ଲକ୍ଷଣ, ନିରାକରଣ, ପ୍ରତିରୋଧ, ଔଷଧ ଉପରେ ଉପସ୍ଥାପନା କରିଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ସମସ୍ତ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯକ୍ରମକୁ ଏଡିପିଏଚଓ ରାମହରି ପଣ୍ଡା ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



କୁନ୍ଦୁରା, ୧୯।୧୧ (ସମିସ): କୁନ୍ଦୁରା ସଦର ମହକୁମା ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ବିଡିଓ ପି.ମନସ୍ମିତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ସେଠୀ, ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଢୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ୭୬ ଜଣ ଶିଶୁ ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେରେ ମୁଖ୍ୟ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ଶିକ୍ଷକ ସଂଘ ସମ୍ପାଦକ କେ କ୍ରିଷ୍ଣା ମୋହନ ରାଓଙ୍କ ସମେତ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେରେ ୭ଟି ପ୍ରକଳ୍ପ ପୋଷଣୀୟ କୃଷିରେ ଆଦିତ୍ୟ ରଞ୍ଜନ ଦାଡୀୟା, ବିକଶିତ ପ୍ରଦ୍ୟୋଗରେ ଅଭିଷେକ ଶତପଥୀ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାରେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ସାହୁ, ଜଳ ସଂରକ୍ଷଣ ଓ ପରିଚାଳନାରେ ହୃଷୀକେଶ ସାବତ, ଗାଣିତିକ ପ୍ରକଳ୍ପରେ ପ୍ରୀୟାଂଶି ନାୟକ, ସବୁଜ ଶକ୍ତିରେ ହେମନ୍ତ ବିଶୋଇ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ରାଜ ଶେଖର ରଥଙ୍କ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି। ଗୋରାଚାନ୍ଦ ତ୍ରିପାଠୀ ଓ ବି. ନଳିନୀ କୁମାର ବିଚାରକ ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଅରବିନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ହିନ୍ଦୁ ସମାଜ ସଦସ୍ୟ ରଜନୀକାନ୍ତଙ୍କ ପରଲୋକ

ଜୟପୁର,୧୯ ।୧୧(ସମିସ): କୋରାପୁଟ ଜିଲ୍ଲାର ହିନ୍ଦୁ ସମାଜର ବରିଷ୍ଠ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଜଗନ୍ନାଥ ସାଗର ଉନ୍ନୟନ ମଞ୍ଚର ଆବାହକ ଅବସରପ୍ରାପ୍ତ କୃଷି ବିଭାଗ କର୍ମଚାରୀ ରଜନୀ କାନ୍ତ ନାୟକ(୫୮)ଙ୍କ ଆଜି ସମ୍ବଲପୁର ଜିଲ୍ଲା ରେଢାଖୋଲ ଠାରେ ଏକ ସଡକ ଦୁର୍ଘଟଣାରେ ପରଲୋକ ଘଟିଛି। ଜୟପୁର ସହର ବ୍ୟାଙ୍କ କଲୋନୀର ବାସିନ୍ଦା ସ୍ୱର୍ଗତ ନାୟକ ଆଜି ପୂର୍ବାହ୍ନରେ ବାଇକ ଯୋଗେ ଯାଉଥିବା ସମୟରେ ରାସ୍ତାରେ ଏକ ହମ୍ପ୍‌ସ ନିକଟରେ ତାଙ୍କ ଗାଡି ଭାରସାମ୍ୟ ହରାଇଥିବା ବେଳେ ଡାହାଣ ପଟ ରାସ୍ତାରେ ବାଇକ ସହିତ ପଡିଯାଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟିପ୍ପରର ପଛଚକା ତାଙ୍କ ଉପରେ ଚଢି ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସହରର ବିଭିନ୍ନ ସଂଗଠନ ଏବଂ ସାଧାରଣରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ଜୟପୁରକୁ ଆଣିବା ସହିତ ଏଠାରେ ଅନ୍ତେଷ୍ଟି କ୍ରିୟା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

● 'ସକାଳ'ର ପ୍ରଭାବ

# ସରନ୍ଦାଯୋଡି ଗାଁରେ ପହଞ୍ଚିଲେ ପ୍ରଶାସନ

ବୈପାରିଗୁଡ଼ା,୧୯।୧୧(ସମିସ): 'ସକାଳ'ରେ ଖବର ପ୍ରକାଶନ ପରେ ଚେଇଁଲା ପ୍ରଶାସନ। ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତ ସରନ୍ଦାଯୋଡି ଗାଁରେ ଆଜି କୋରାପୁଟ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ସବର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିପୂର୍ବରୁ କୋରାପୁଟ ବିଧାୟକ ରଘୁରାମ ମାଛ ମଧ୍ୟ ଉକ୍ତ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ସୂଚନା ଥାଉକି, ସରନ୍ଦାଯୋଡି ମୌଳିକ ସୁବିଧା ରାସ୍ତା ଓ ପାନୀୟ ଜଳରୁ ବଞ୍ଚିତ ଗାଁ । ଏନେଇ ବହୁବାର ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ ହେଲାନି । ଏଣୁ ଗାଁ ଲୋକେ ଭୋଟ ବର୍ଜନ ଚେତାବନୀ ଦେଇଥିଲେ । ଗାଁ କୁ ପକ୍କା ରାସ୍ତା ଆଉ ପାଣି ସୁବିଧା ହେଲେ ଭୋଟ ଦେବେ ବୋଲି କହିଥିଲେ ।ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଆଜି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରଙ୍କ ସହ ସ୍ଥାନୀୟ ବିଡ଼ିଓ ଶକ୍ତି ମହାପାତ୍ର, ସହକାରୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୋରାପୁଟ ଘରୋଇ ବସ୍ ମାଲିକ ସଂଘ ମାଲିକାନା ବିବାଦ ଘନଉଛି

# ବସ୍‌ଷ୍ଟାଣ୍ଡ କାର୍ଯ୍ୟାଳୟକୁ ଦଖଲକୁ ନେବାକୁ ଚେତାବନୀ




କୋରାପୁଟ,୧୯।୧୧(ସମିସ): କୋରାପୁଟ ଘରେଇ ବସ୍ ମାଲିକ ସଂଘକୁ ନେଇ ଦୀର୍ଘ ଏକ ବର୍ଷ ଧରି ଲାଗି ରହିଥିବା ବିବାଦରେ ନୂଆ ମୋଡ଼ ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରେସକ୍ଲବ ଠାରେ ସାମ୍ବାଦିକ ସମ୍ମିଳନୀ କରି ସଂଘର ସଭାପତି ଶରତ ଗୌଡ଼ ଅଭିଯୋଗ କରିଛନ୍ତି ଯେ କିଛି ଲୋକ ଚକ୍ରାନ୍ତ କରି ବିନା ପଞ୍ଜିକରଣ ଓ ବେଆଇନ ଭାବେ ସଂଘ ଘୋଷଣା କରି ଅଘୋଷିତ ସଭାପତି ଓ ଉପସଭାପତି ସହ ଅନ୍ୟ ସଦସ୍ୟତା ଘୋଷଣା କରି ନିଜ ଆକ୍ତିଆରରେ ରଖିଛନ୍ତି। ଏହାକୁ ନେଇ ସେ ପ୍ରଶାସନର ଦ୍ୱାରସ୍ତ ହେଇଥିଲେ। କୋରାପୁଟ ଘରେଇ ବସ୍ ମାଲିକ ସଂଘ ସୋସାଇଟି ଅଧିନିୟମ ୧୮୬୦ ଅନୁଯାୟୀ ନଂ - ୪୦୧୦/୨/୨୦୦୫-୦୬, ୨୦୦୫ ମସିହାରେ ନିୟମିତ ଭାବରେ ରେଜିଷ୍ଟର ହୋଇଥିଲା। ସଂଘର ପୁରୁଣା ଲେଖାପତ୍ର, ଦଲିଲ ଓ ଅଧିକାରିକ କାଗଜପତ୍ର ସ୍ପଷ୍ଟ କରିଥିବା ସତ୍ୱେ କିଛି ବସ ମାଲିକ ଚକ୍ରାନ୍ତ କରି ଏହି ସଂଘକୁ ନିଜ ନିୟନ୍ତ୍ରଣରେ ରଖି ଦୀର୍ଘ ଏକ ବର୍ଷ ହେବ ଅରାଜକତା ଚଲାଇଛନ୍ତି। ସଂଘର ସମ୍ପାଦକ ନରେଶ ପାଢ଼ୀଙ୍କ କହିବା ପ୍ରକାରେ ତାଙ୍କ ପାଖରେ ସରକାରୀ ସ୍ତରର ସମସ୍ତ ବୈଧ ଲେଖାପତ୍ର, ରେଜିଷ୍ଟ୍ରେସନ୍ ଦଲିଲ ସମେତ ପୁରୁଣା ବୈଠକର ରେକର୍ଡ ଅଛି। ତଥାପି କିଛି ଲୋକ ସଙ୍ଘ କାର୍ଯ୍ୟାଳୟକୁ ଦଖଲରେ ରଖି ଅସାମ୍ବିଧାନିକ କାର୍ଯ୍ୟ କରୁଛନ୍ତି। ଏହି ବିବାଦର ସମାଧାନ ପାଇଁ ସଙ୍ଘ ସଭାପତି ଶରତ ଗୌଡ଼, ସମ୍ପାଦକ ନରେଶ ପାଢ଼ୀଙ୍କ ସମେତ ସଂଘ ସଦସ୍ୟ କୋରାପୁଟ ଟାଉନ ଥାନାରେ ସମସ୍ତ ବୈଧ କାଗଜ ପତ୍ର ସହ ଅଭିଯୋଗ କରିଥିବା ସତ୍ୱେ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୨୨ ତାରିଖ ଶୁକ୍ରବାର ଦିନ ସଂଘ ବସ ଷ୍ଟାଣ୍ଡରେ ଥିବା କାର୍ଯ୍ୟାଳୟକୁ ଦଖଲରେ ନେବ। ଏଥିପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ସେମାନେ କହିଛନ୍ତି। ଏହି ସଂଘକୁ ଜୟପୁର ଘରୋଇ ବସ୍ ମାଲିକ ସଂଘ, ଉମରକୋଟ, ସେମିଳିଗୁଡା ପ୍ରଭୃତି ଘରେଇ ବସ୍ ମାଲିକ ସଂଘ ସମର୍ଥନ କରୁଥିବା ସହ ଶୁକ୍ରବାର କୋରାପୁଟ ସଂଘ ସହ ରହିବୁ ବୋଲି କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଘରେଇ ବସ ମାଲିକ ସଂଘର ସଭାପତି ଶରତ ଗୌଡ଼, ସମ୍ପାଦକ ନରେଶ ଚନ୍ଦ୍ର ପାଢ଼ୀ, ଉମରକୋଟି ମାଲିକ ସଂଘର ସଭାପତି ଅଶୋକ କୁମାର ବିଶ୍ୱାଳ,ଉପ ସଭାପତି ରଶ୍ମିକାନ୍ତ ମହାନ୍ତି, ଓ ଜୟପୁର ଘରେଇ ବସ ମାଲିକ ସଂଘର ସଭାପତି ପ୍ରେମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ ପୌର ପରିଷଦସ୍ତରୀୟ ପରବ ଉଦ୍‌ଘାଟିତ



କୋରାପୁଟ,୧୯।୧୧(ସମିସ): କୋରାପୁଟ ମ୍ୟୁନିସିପାଲଟି ସ୍ତରୀୟ ପରବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୋରାପୁଟ ଅଧିଷ୍ଠାତ୍ରୀ ଦେବୀ ମା ମୁତ୍ୟାଲୁମା ମନ୍ଦିରରୁ ମଶାଲ ଅଣାଯାଇ ଆଦିବାସୀ ବାଜା ସହ ଢେମ୍‌ସା ନାଚରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନ ହଲ ଠାରେ ପହଞ୍ଚି ଜ୍ୟୋତି ସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୨୧ରେ ପୁରସ୍କାର ବିତରଣ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି। ଆଦିବାସୀ କଳା ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବାକୁ ପରବ ଏକ ମାଧ୍ୟମ । ଏହାକୁ ଅନ୍ତର୍ଜାତୀୟ ସ୍ତରରେ ନେବାକୁ ପ୍ରୟାସ ଆରମ୍ଭ ହୋଇଥିବା ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଉପ।ଧ୍ୟକ୍ଷା ସବିତା ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ ଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ୧୦୦ ଶଯ୍ୟା ହଷ୍ଟେଲ ଉଦ୍‌ଘାଟିତ



କୁନ୍ଦୁରା,୧୯।୧୧(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଲିମା ପଞ୍ଚାୟତ ସଦର ମହକୁମାସ୍ଥିତ ଆବାସିକ ଉଚ୍ଚ ବିଦ୍ୟାଳୟରେ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲର ଉଦ୍‌ଘାଟନ କରିଛନ୍ତି କୋଟପାଡ଼ ବିଧାୟକ ରୂପୁ ଭତ୍ରା। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତରୁଣୀସେନ ବିଷୋୟୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ, ଏମପି ପ୍ରତିନିଧି ଅମ୍ପୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ପ୍ରକଳ୍ପ ପ୍ରଶାସକ ଅଧିକାରୀ ଆଇଟିଡିଏ ତୃପ୍ତି ବୋରେଇ, ବିଡ଼ିଓ ପି ମନସ୍ମିତା, ଲିମା ସରପଞ୍ଚ ଭାନୁମତି ମସିଆ ପ୍ରମୁଖ ଶୁଭାରମ୍ଭରେ ଯୋଗ ଦେଇଥିଲେ। ଲିମା ସ୍ଥିତ ଆବାସିକ ଉଚ୍ଚ ବିଦ୍ୟାଳୟଠାରେ ଅନ୍ତେବାସୀଙ୍କ ନିମନ୍ତେ ହଷ୍ଟେଲ ରହିଥିଲେ ସୁଦ୍ଧା ତାହା ନିଅଣ୍ଟିଆ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ବେଣୁଧର ପାତ୍ର, ତୁଷାର ଭଙ୍ଗ, ଧନପତି ପରଜା, ଅଜୟ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ବିଷୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କୋରାପୁଟ,୧୯।୧୧(ସମିସ): ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ଓ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଗୋଷ୍ଠୀ ଉର୍ନୟନ ଅଧିକାରୀ ଡ.ଦେବାଶିଷ ଗୌଡ଼, ସମ୍ମାନିତ ଅତିଥି ଭାବେ ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚର ରାଧାକାନ୍ତ ଦାସ, ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ପୂଜ୍ୟ ପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ, ଶିକ୍ଷକ ଯଜେଞ୍ଜଶ୍ୱର ପଣ୍ଡା ଯୋଗ ଦେଇଥିଲେ। ଏଥିରେ ଉତ୍କଳ ମଣି ଗୋପବନ୍ଧୁ, ମଧୁବାବୁ, ନେତାଜୀ ସୁବାଷ ବୋଷ, ସହୀଦ ଲକ୍ଷ୍ମଣ ନାୟକ, ରାଜଶ୍ରୀ ବିକ୍ରମ ଦେବ ବର୍ମା, ହରିହର ମର୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା।

# ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ରାୟଗଡ଼ା,୧୯।୧୧(ସମିସ): ମ୍ୟୁଜିକ୍ ଗାଲେକ୍ସି କେନ୍ଦ୍ର, ରାୟଗଡ଼ା ପ୍ରାଙ୍ଗଣରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ୟୁନିଭରର୍ସିଟିର ଡାଇରେକ୍ଟର ଡକ୍ଟର ରାଜେଶ ପାଢ଼ୀ, ଆଜାଦ ହିନ୍ଦ ୟୁଥ ଆସୋସିଏସନର ସଭାପତି ଆଇନଜୀବୀ ବିନାୟକ କର, ଲକ୍ଷ୍ମୀ ନାରାୟଣ ବେହେରା, ରାଜକିଶୋର ପଣ୍ଡା, ଡକ୍ଟର ବିପିନ ବିହାରୀ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଜାତା ମାଦଳା, ଗୋପୀନାଥ ମହାପାତ୍ର, ତ୍ରିଲୋଚନ ସାହୁ, ମହେଶ୍ୱତା ପଟ୍ଟନାୟକ, ଅରୁଣ ପାଣିଗ୍ରାହୀ, ମିହିର ପଣ୍ଡା, କିଶୋର ପଟନାୟକ, ଅମର ଜେନା, ବ୍ୟମୋକେଶ ମହାନ୍ତି, ଆଜିତେଶ ପଟ୍ଟନାୟକ, ଜୟନ୍ତ ନାୟକ, ସଞ୍ଜୟ ରାଜଗୁରୁ, ଶ୍ରୀନିବାସ ପଟ୍ଟନାୟକଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

# ପି.ଏଚ.ଡି. ଲାଭ



ଅପରେସନ ସିନ୍ଦୂର ପାଇଁ ଡ୍ରୋନ୍ ଯୋଗାଇଥିବା ଭୁବନେଶ୍ୱର ସ୍ଥିତ ଖ୍ୟାତନାମା ଡ୍ରୋନ୍ କମ୍ପାନୀ IG Dronesର ଗବେଷଣା ବିଭାଗରେ କାର୍ଯ୍ୟରତ ଶ୍ରୀ ସତ୍ୟପ୍ରକାଶ ମିଶ୍ର ସିଭିଲ ଇଞ୍ଜିନିୟରିଂ ବିଷୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି । ସେ ଆସାମ ସ୍ଥିତ National Institute of Technology Silchar (NIT Silchar)ର Asso. Prof. Dr. Arjun Sir ଓ Asst. Prof. Dr. Amit Kumar Das ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀମାନ ମିଶ୍ରଙ୍କ ଗବେଷଣା ସନ୍ଦର୍ଭ "Comprehensive Seismic Hazard Assessment of Odisha State with Emphasis on Bhubaneswar City and Port Areas", IIT Bombay ର ପ୍ରଫେସର ଡ଼ା ଦୀପାଙ୍କର ଚୌଧୁରୀ ଓ IISc Bangalore ର ପ୍ରଫେସର ଡା. ଜି. ମାଧବୀଲତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ଡ଼. ସତ୍ୟପ୍ରକାଶ ମିଶ୍ର ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସ୍ଥିତ ପଲାର ଗ୍ରାମ ନିବାସୀ କବି ସବିତା ମିଶ୍ର ଓ ଅବସରପ୍ରାପ୍ତ BSNL କର୍ମଚାରୀ ଶ୍ରୀଯୁକ୍ତ ନୃସିଂହ ଚରଣ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ଶିକ୍ଷକ ୰ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୁତ୍ର ଅଟନ୍ତି । ସେ ତାଙ୍କର ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ସପରିବାର, ଶିକ୍ଷକ ଓ ବନ୍ଧୁବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ନାଲ୍‌କୋ ଆନ୍ତଃବିଭାଗୀୟ କ୍ରିକେଟ୍ ଉଦ୍‌ଯାପିତ

# ସର୍ଭିସେସ୍ ଦଳ ଚାମ୍ପିଅନ୍




ଦାମନଯୋଡ଼ି,୧୯।୧୧ (ସମିସ): ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ସ୍ପୋର୍ଟ୍ସ ସେଲ ଆନୁକୂଲ୍ୟରେ ସେକ୍ଟର-୨ ସ୍ଥିତ ଡ. ବି.ଆର.ଆମ୍ବେଦକର ଷ୍ଟାଡ଼ିୟମରେ ଗତ ୧୦ ତାରିଖରୁ ଚାଲିଥିବା ଆନ୍ତଃବିଭାଗୀୟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମାଇନ୍ସ ଏବଂ ସର୍ଭିସେସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସର୍ଭିସେସ ଦଳ ଏହି ମ୍ୟାଚକୁ ୯ ଉଇକେଟରେ ଜିଣି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ମୁଖ୍ୟ ଅତିଥି ରୂପେ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ଏବଂ ସମ୍ମାନିତ ଅତିଥି ରୂପେ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ମାଇନ୍ସ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୩୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ମାଇନ୍ସ ଦଳ ୯ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲେ। ଖେଳାଳୀ ସବୀର କୁମାର ପ୍ରଧାନ ୩୩ ବଲରେ ୨୯ ରନ ଏବଂ ବିନୟ ପ୍ରକାଶ ତିର୍କୀ ୨୬ ବଲରେ ୨୭ ରନ ସଂଗ୍ରହ କରିଥିଲେ। ସର୍ଭିସେସ ଦଳର ପଞ୍ଚଦେବ ଯାଦବ ୬ ଓଭରରେ ୨୭ ରନ ଦେଇ ୩ ୱିକେଟ୍ ଏବଂ ନିରଜ ଶର୍ମା ୬ ଓଭରରେ ୩୦ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ। ସର୍ଭିସେସ ଦଳ ୧୪୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୨୩.୨ ଓଭରରେ ଏକ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲେ। ଖେଳାଳୀ ଭବାନୀ ଶଙ୍କର ସାମଲ ୬୫ ବଲରେ ଅପରାଜିତ ୭୩ ରନ ଏବଂ ଅନିଲ ସିଂ ଚୌହାନ ୬୯ ବଲରେ ଅପରାଜିତ ୫୮ ରନ ସଂଗ୍ରହ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମାଇନ୍ସ ଦଳର ଖେଳାଳୀ ପ୍ରତାପ ତପନ ସାହୁ ୫ ଓଭରରେ ୩୦ ରନ ଦେଇ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ରୂପେ ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ ଓ ଆର ଡି ରଜନୀକାନ୍ତ,ମ୍ୟାଚ ରେଫରୀ ରୂପେ ସୁରେଶ କୁମାର ମାଣିଆ ଏବଂ ସ୍କୋରର ରୂପେ ନିର୍ମଳ କୁମାର ରାଉତ ଏବଂ ଦୁଷ୍ୟନ୍ତ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂ ମୁଖ୍ୟ ଅତିଥି ରୂପେ, ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ସମ୍ମାନିତ ଅତିଥି ରୂପେ ଏବଂ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା ଏବଂ ଅନିଲ କୁମାର ସିଂ ଅତିଥି ଭାବେ ଯୋଗ ଦେଇ କୃତି ଦଳ ଓ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ସର୍ଭିସେସ ଦଳର ଭବାନୀ ଶଙ୍କର ସାମଲଙ୍କୁ ମ୍ୟାନ୍ ଅଫ ଦି ଫାଇନାଲ ଏବଂ ରଶ୍ମି ରଞ୍ଜନ ପଣ୍ଡା, ଅନିଲ ସିଂ ଚୌହାନ, ସମୀର ସୌରଭ ସିଂ, ସବୀର କୁମାର ପ୍ରଧାନ, ଅଜୟପାଲ ସୋରି, ଶ୍ରୀକାନ୍ତ କୁମାର ସାହୁ, ରୀତିଶ ମଲ୍ଲିକ ଏବଂ ମହେନ୍ଦ୍ର ନାୟକଙ୍କୁ ବିଭିନ୍ନ ଦିବସ ଖେଳର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମେକାନିକାଲ ଦଳର ରଶ୍ମି ରଞ୍ଜନ ପଣ୍ଡା ଶ୍ରେଷ୍ଠ ବ୍ୟାଟର ଏବଂ ମାଇନସ ଦଳର ସମୀର ସୌରଭ ସିଂ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିବା ବେଳେ ସର୍ଭିସେସ ଦଳର ମହେନ୍ଦ୍ର ନାୟକ ଶ୍ରେଷ୍ଠ ଅଲରାଉଣ୍ଡର ଏବଂ ଅନିଲ ସିଂ ଚୌହାନ ସବୁଠାରୁ ମୂଲ୍ୟବାନ ଖେଳାଳୀ ପୁରସ୍କାର ପାଇଥିଲେ। ମାଇନ୍‌ସ ଦଳକୁ ଉପବିଜେତା ଟ୍ରଫି ଏବଂ ସର୍ଭିସେସ ଦଳକୁ ବିଜେତା ଟ୍ରଫି ପ୍ରଦାନ କରାଯାଇଥିଲା। ନାଲକୋ ସ୍ପୋର୍ଟ୍ସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାଲ୍‌କୋ ସ୍ପୋର୍ଟ୍ସ କମିଟିର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ପ୍ରତିଯୋଗିତାରେ ଏସ୍‌ପିପି, ମେକାନିକାଲ, ଅପରେସନ, ଇଲେକ୍ଟ୍ରିକାଲ-ସି ଆଣ୍ଡ ଆଇ, ମାଇନ୍ସ ଏବଂ ସର୍ଭିସେସ ଆଦି ୬ଟି ଦଳ ଭାଗ ନେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group
9437015112

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ



ଚନ୍ଦ୍ରପୁର,୧୯।୧୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମ ପଞ୍ଚାୟତ ଅଧୀନ ରାଇବିଜି ଏସ୍‌ଏସ୍‌ଡି ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ପ୍ରିତମ ପୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିସାଲ, ସମ୍ମାନିତ ଅତିଥି ଭାବେ ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ୍, ଆଶ୍ରମର ସଭାପତି, ଡାଟା ଅପରେଟର ତପନ ମାଳବିଶୋଇ, ଗଣମାଧମ ପ୍ରତିନିଧି ବିଜୟ ଉଲାକା, ହାଡ଼ିପା ଗୌଡ଼, ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୁ ପାଳ, ଚନ୍ଦ୍ରପୁର ବାଳକ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦିପ କୁମାର ଚୌଧୁରୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀପତି ଶ୍ରୀ ରାମ,ବୁଡୁବାଲି ଆଶ୍ରମର ପ୍ରଧାନ ଶିକ୍ଷକ ସନ୍ତୋଷ କୁସୁଲିଆ, ହାକୁସପଙ୍ଗା ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପୋଲି, ଡାଙ୍ଗସରଡ଼ା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁର୍ଗା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ଥିବା ୭ଟି ମଙ୍ଗଳ ବିଭାଗ ବିଦ୍ୟାଳୟ ମଧ୍ୟରୁ ୬୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀ ମଧ୍ୟରେ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଥମ ଗ୍ରୁପ୍ ଡ୍ୟାନ୍ସ ରାଇବିଜି ଓ ଡାଙ୍ଗସରଡ଼ା ବିଦ୍ୟାଳୟର ଛାତ୍ରୀ, ସୋଲ ବରିଷ୍ଠରେ ଚନ୍ଦ୍ରପୁର, ଡ଼ାଙ୍ଗସରଡ଼ା, ସୋଲ କନଷ୍ଠରେ ରାଇବିଜି ଓ ନେହୁରୁପଙ୍ଗା ଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ। ସେମାନେ ଜିଲ୍ଲାସ୍ତରୀୟରେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି। ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ଲୋକଲୋଚୋନକୁ ଆଣିବା ପାଇଁ ଶାଳଗଛ ବା ସର୍ଗିଗଛର ଫୁଲକୁ ଅନୁସରଣ କରି ସର୍ଗି ଫୁଲ ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥି ନିମନ୍ତେ ରାଜ୍ୟ ସରକାର ଜିଲ୍ଲାର ବ୍ଲକ ସ୍ତରୀୟରେ କାର୍ଯ୍ୟକ୍ରମ କରିବା ପାଇଁ ଅନୁମତି ଦେଇଛନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ୭ଟି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ। ଏଥିରେ ସହଯୋଗ କରିଥିଲେ ରାଇବିଜି କନ୍ୟାଶ୍ରମର ସମସ୍ତ କର୍ମଚାରୀ।

## ଅସୁରକ୍ଷିତ ଗୁମ୍ମାଝରଣ ଜଳପ୍ରପାତ

# ଚାଲିଗଲା ଆଉ ୨ କଲେଜ ଛାତ୍ରଙ୍କ ଜୀବନ !





ମାଥିଲି/ଖଇରପୁଟ, ୧୯ ।୧୧(ସମିସ): ଅସୁରକ୍ଷିତ ମାଲକାନଗିର ଜିଲ୍ଲା ମାଥିଲି ଥାନା ଅଧୀନ ତଥା ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତ ଅଧିନରେ ଥିବା ଗୁମ୍ମାଝରଣ ଜଳପ୍ରପାତ। ପୁଣି ଘଟିଲା ଅଘଟଣ। ଗାଧୋଇବା ବେଳେ ଗତକାଲି ୨ କଲେଜ ଛାତ୍ର ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ ଶରୀର ଉଦ୍ଧାର ହୋଇଛି। ଅନ୍ୟ ଜଣେ ବର୍ତ୍ତମାନ ମଧ ନିଖୋଜ ଅଛନ୍ତି। ନିଖୋଜ ଥିବା କଲେଜ ଛାତ୍ର ମଧ୍ୟରୁ ନାରାୟଣପାଟନାର ଏସ୍ ଶିକରଙ୍କ ମୃତଦେହ ଉଦ୍ଧାର କରାଯାଇଛି। କିନ୍ତୁ ସନ୍ଧ୍ୟା ସୁଦ୍ଧା ଜୟପୁର ନୂଆସାହିର ଅନ୍ୟଜଣେ ଛାତ୍ର ଲିଙ୍ଗରାଜ ମହାପାତ୍ରଙ୍କର ସନ୍ଧାନ ମିଳିପାରିନଥିଲା। କୋରାପୁଟର ଓଡ୍ରାଫ୍ ଟିମ୍, ମାଥିଲି ଦମକଳ ବାହିନୀ ଟିମ୍ ଏବଂ ମାଥିଲି ପୁଲିସ ଉପସ୍ଥିତ ରହି ଜଳପ୍ରପାତରେ ଖୋଜାଖୋଜି ଜାରି ରଖିଛନ୍ତି। ସୂଚନା ଥାଉକି ଗତକାଲି ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ପଢୁଥିବା ୫ ଜଣ ସାଙ୍ଗ ମିଶି ଗୁମ୍ମାଝରଣ ଜଳପ୍ରପାତରେ ଭୋଜି କରିବାକୁ ଆସିଥିଲେ। ସନ୍ଧ୍ୟାରେ ଗାଧୋଇବାକୁ ୪ ଜଣ ଯାଇଥିବାବେଳେ ୩ ଜଣଙ୍କ ଗୋଡ଼ ଖସିଯିବାରୁ ହଠାତ୍ ପାଣିରେ ପଡିଥିଲେ। ସ୍ଥାନୀୟ ଲୋକେ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। କିନ୍ତୁ ଏସ୍ ଶିକର ଏବଂ ଲିଙ୍ଗରାଜ ମହାପାତ୍ର ଜଳସ୍ରୋତରେ ଭାସି ଯାଇଥିଲେ। ୧୫ ଘଣ୍ଟା ଖୋଜିବା ପରେ ଏକ ପଥର ଭିତରୁ ଛାତ୍ର ଶିକରଙ୍କ ମୃତଦେହ ଠାବ କରିଥିଲା ମାଥିଲି ଦମକଳ ବାହିନୀ ଦଳ ଏବଂ କୋରାପୁଟ ଓଡ୍ରାଫ୍ ଟିମ୍। ପୂର୍ବରୁ ମଧ ଏହି ଜଳପ୍ରପାତରେ ଗାଧୋଇବା ବେଳେ ଜୟପୁର ଅଞ୍ଚଳର ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଗତ ୨୦୨୪ ମସିହା ଜୁନ ୧୫ ତାରିଖରେ ପରିବାର ସହିତ ଭୋଜି କରି ଆସି ଗାଧୋଇବା ବେଳେ ଖସିପଡିଥିଲେ ୨ ଭାଇ। ଘଟଣାସ୍ଥଳରେ ବୁଡି ପ୍ରଦୀପ ସାହୁ ଏବଂ ସନ୍ଦୀପ ସାହୁଙ୍କ ମୃତ୍ୟୁ ଘଟିଥିଲା। ବାରମ୍ବାର ଜଳପ୍ରପାତରେ ପର୍ଯ୍ୟଟକ ମୃତ୍ୟୁମୁଖରେ ପଡୁଥିବାବେଳେ ଏଥିପ୍ରତି ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଉନାହିଁ। ନିଖୋଜ ନେଇ ମାମଲା ରୁଜୁ ହୋଇଥିବା ମାଥିଲି ଥାନା ଆଇଆଇସି ଦୀପାଞ୍ଜଳୀ ପ୍ରଧାନ ସୂଚନା ଦେଇଛନ୍ତି।

## ଜାନୁୟାରୀ ୯ରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ବୈପାରୀଗୁଡ଼ା, ୧୯।୧୧(ସମିସ): ବୈପାରିଗୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶ ପରୀକ୍ଷା -୨୦୨୬ ସମ୍ବନ୍ଧରେ ଏକ ବ୍ଲକ୍‌ସ୍ତରୀୟ ବୈଠକ ଆଜି ଚନ୍ଦ୍ରପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଧ୍ୟକ୍ଷ ଶଶୀ ଭୂଷଣ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ବୈପାରିଗୁଡା ବ୍ଲକ୍ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମି ସଭାପତିତ୍ୱ କରିଥିଲେ। ବୈଠକରେ ବୈପାରିଗୁଡା ବ୍ଲକ୍‌ର ସମସ୍ତ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋ-ଅର୍ଡିନେଟର ଏବଂ ଚନ୍ଦ୍ରପଡ଼ା ଓଏଭିର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରତ୍ୟେକ କ୍ଲଷ୍ଟରରୁ ସର୍ବାଧିକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଜାନୁୟାରୀ ୯ ତାରିଖରେ ପ୍ରବେଶିକା ପରୀକ୍ଷା ହେବ। ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ଆବେଦନ ଆରମ୍ଭ ହୋଇଯାଇଥିବା ବେଳେ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଚଳିତ ବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ୮୦, ସପ୍ତମ ୧୦, ଅଷ୍ଟମ ୭ ଏବଂ ନବମ ପାଇଁ ୨ଟି (ସିଟ୍) ଖାଲି ରହିଛି। ଏଥିରେ ବ୍ଲକର ଛାତ୍ରଛାତ୍ରୀ ଏବଂ ଏହି ବ୍ଲକରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ବ୍ୟାନର, ପୋଷ୍ଟର, ଲିଫ୍‌ଲେଟ୍ ଏବଂ ଆନୁସଙ୍ଗିକ ସାମଗ୍ରୀ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶୀ ଭୂଷଣ ମହାପାତ୍ର ସଭାପତି ତଥା ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, କୁଇଜ୍ ପ୍ରତିଯୋଗିତା




କଲ୍ୟାଣସିଂହପୁର,୧୯।୧୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଗୋଷ୍ଠୀସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ କୁମାର ଦାସ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ରାଓ କଣ୍ଡାଗରୀ, ବିଜୟ କୁମାର ସେଠୀ ,ବି ଭି ପ୍ରକାଶ ରାଓ ଉପସ୍ଥିତ ରହିଥିଲେ। ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରୁ ମୋଟ ୧୩୮ ବିଦ୍ୟାର୍ଥି ବିଜ୍ଞାନ ମେଳାରେ ଭାଗ ନେଇ ଥିବା ବେଳେ ୮୫ଟି ପ୍ରକଳ୍ପ ପଦର୍ଶନୀ କରିଥିଲେ। ୪୯ଜଣ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ସିରିପୁର ବାଳିକା ଉଚ୍ଚ ମହାବିଦ୍ୟାଳୟର ଜୈବ ବିଜ୍ଞାନ ଶିକ୍ଷକ ନାଗେଶ କୁମାର ପାତିକା,ଆଦର୍ଶ ବିଦ୍ୟାଳୟର ଅଧାପକ ଆଲୋକ କୁମାର ପଟ୍ଟନାୟକ, ରସାୟନ ବିଜ୍ଞାନ ଅଧାପକ ସିକି ବେହେରା ରହିଥିଲେ। ବିଜ୍ଞାନ ମେଳାରେ ସିରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ର ଛାତ୍ରୀ ନିକିତା ମହାନନ୍ଦୀଆ ପ୍ରଥମ, ନାରାୟଣପୁର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ରଚନା ପୂଜାରୀ ଦ୍ୱିତୀୟ, ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପ୍ରିତମ ପ୍ରଧାନୀ, ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସୁବୁଦ୍ଧି ଚତୁର୍ଥ ଓ ପଞ୍ଚମ ରେ ରୁପେଶ ମହାନନ୍ଦୀଆ, ଶିକରପାଇ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ତ୍ରିପାଠୀ ଅଷ୍ଟମ ଓ ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ହେମନ୍ତ କୌଶଲ୍ୟା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଛାତ୍ରଛାତ୍ରୀ ମାନେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳରେ ଭାଗ ନେବେ ବୋଲି ସୂଚନାମିଳିଛି। ବ୍ଲକ ତରଫରୁ କୁଇଜ୍‌ରେ ଉପ କନିଷ୍ଠ ବିଭାଗରେ ଶିକରପାଇ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରଥମ, କଲ୍ୟାଣ ସିଂହପୁର ବଡବ୍ରାହ୍ମଣ ସାହିର ପଞ୍ଚମ ଶ୍ରେଣୀ ଉଜ୍ଜାୟିନୀ ଗିରି ଦ୍ୱିତୀୟ, ଆଲଜିନିଗୁଡା ବିଦ୍ୟାଳୟର ପଞ୍ଚମ ଶ୍ରେଣୀଛାତ୍ର ଟୁପୁର ଅଧପାରିଆ ତୃତୀୟ, କନିଷ୍ଠ ବିଭାଗରେ ଓଡିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରସେଞ୍ଜିତ ମହାକୁଡ଼ ପ୍ରଥମ, ସୁଲିପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ବିବେକ ଦଣ୍ଡସେନା ଦ୍ୱିତୀୟ, କଲ୍ୟାଣ ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସ୍ୱୀଟି ମୁଣ୍ଡଛେନା ତୃତୀୟ ଓ ବରିଷ୍ଠ ବିଭାଗରେ ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଲୁଆ ଖଣ୍ଡରିଆ ପ୍ରଥମ, ପୂଜାରୀଗୁଡା ବିଦ୍ୟାଳୟର ନବମ ଛାତ୍ରୀ ଅର୍ଚ୍ଚିତ ପୀଡିଷିକା ଦ୍ୱିତୀୟ ଓ ନାରାୟଣପୁର ବିଦ୍ୟାଳୟ ରନବମ ଶ୍ରେଣୀ ଛାତ୍ର ଚିଣ୍ଟୁ ତିଆକା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନ ମେଳା ବରିଷ୍ଠ ବିଭାଗ ଜଗନ୍ନାଥପୁର ବିଦ୍ୟାଳୟ ର ଦଶମ ଶ୍ରେଣୀ ଛାତ୍ର ଏ ହରିଶ କୁମାର ପ୍ରଥମ, କଲ୍ୟାଣସିଂହପୁର ଦଶମ ଶ୍ରେଣୀ ଛାତ୍ର ବିକାଶ ନାଇକି ଦ୍ୱିତୀୟ ଓ ଶିକରପାଇ ଦଶମ ଶ୍ରେଣୀ ଛାତ୍ର କପିସାରଣୀ ନାୟକ ତୃତୀୟ ରହିଥିବା ବେଳେ କନିଷ୍ଠ ବିଭାଗରେ ମାଝୀଗୁଡା ଉନ୍ନୀତ ସରକାରୀ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ବର୍ଜିତା କଣ୍ଡାଗିରି ପ୍ରଥମ, ଧାମୁନିପଙ୍ଗା ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ତପନ କୁଟ୍ରୁକା ଦ୍ୱିତୀୟ ଓ ପୂଜାରୀଗୁଡା ବିଦ୍ୟାଳୟ ରଛାତ୍ରୀ ଅନୁଦାନ ମହାନନ୍ଦୀଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦଯାପିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭି ପ୍ରକାଶ ରାଓ ବକ୍ତା, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲାପରିଷଦ ସଦସ୍ୟ ବି ୱାରା ପ୍ରସାଦ ରାଓ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦଳେଇ ସଭାପତିତ୍ୱ କରିଥିଲେ। ତିନି ଜଣ ବିଚାରକ ମଞ୍ଚାସୀନ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ୯ ଜଣ ଛାତ୍ର ଛାତ୍ରୀ ମାନେ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଏହି ମେଳାକୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ସମସ୍ତ ସିଆରସିସି, ପ୍ରତ୍ୟେକ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଏନ୍‌ସିସି ପକ୍ଷରୁ ରକ୍ତଦାନ ଶିବିର




ମାଲକାନଗିରି, ୧୯ ।୧୧(ସମିସ): ମାଲକାନଗିରି ମହାବିଦ୍ୟାଳୟରେ ଏନସିସି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମାଜିକ ଦାୟିତ୍ୱ, ମାନବିକ ମୂଲ୍ୟବୋଧ ଓ ଜୀବନ ରକ୍ଷା ସନ୍ଦେଶକୁ ସାର୍ଥକ କରି ବିଶେଷ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ ଓ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୋମନାଥ ପ୍ରଧାନ। ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସେବାମୂଖୀ କାର୍ଯ୍ୟକଳାପରେ ଅଗ୍ରସର ହେବାକୁ ପ୍ରେରିତ କରିଛନ୍ତି। ଶିବିରରେ ମୋଟ ୭୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଏବଂ ସଂପାଦନା ଏନସିସ ଏଏନ୍‌ଓ ସୁଶାନ୍ତ ମାଝିଙ୍କ ଦ୍ୱାରା କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା , ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ଓ ବିଜ୍ଞାନ ପ୍ରଦର୍ଶନ




ରାୟଗଡ଼ା,୧୯।୧୧(ସମିସ): ସ୍ଥାନୀୟ ପିଏମଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର ଓ ଉଦ୍‌ଯାପନୀ ଉତ୍ସବରେ ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବରେଣ୍ୟ ଅତିଥିରୂପେ ଏଡିଇଓ ଭଜନଲାଲ ମାଝୀ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ଏବିଇଓ ଛବିଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ସାତଗୋଟି ବିଷୟବସ୍ତୁରେ ମୋଟ ୮୭ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନୂତନ ଧାରଣା ଓ ଚିନ୍ତାଧାରା ପ୍ରତି ବିଦ୍ୟାଳୟ ସ୍ତରରେ ଯେପରି ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ଏଡିଇଓ ଭଜନଲାଲ ମାଝୀ କହିଛନ୍ତି। ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ କିଶୋର କୁମାର ନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ମାଧ୍ୟମରେ ଶିକ୍ଷକ ଓ ସିଆରସିସି, ତାଡମା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଖିରେଶ୍ୱର ପ୍ରଧାନ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

● ଘନ କୁହୁଡି ପରିବେଶ

# ଶୀତରେ ଥରୁଛି ଅମ୍ବାଦଳା

ଅମ୍ବାଦଳା,୧୯।୧୧(ସମିସ): ନଭେମ୍ବର ମାସରୁ ହିଁ ଶୀତର ପ୍ରକୋପ ରାୟଗଡା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ବଢ଼ିବାରେ ଲାଗିଛି। କୁହୁଡିର ଆସ୍ତରଣ ଦିନ ୧୦ଟା ପର୍ଯ୍ୟନ୍ତ ଢାଙ୍କି ହୋଇ ରହୁଥିବା ବେଳେ ଥଣ୍ଡାର ଲହରୀ ବଢି ଚାଲିଛି। ଯାହାକୁ ନେଇ ଅଞ୍ଚଳରେ ଏବେ ହାଡ଼ ଭଙ୍ଗା ଶୀତ ଅନୁଭୂତି ହେଉଥିବା ଲକ୍ଷ୍ୟ କରାଯାଇଛି। ଏକପ୍ରକାର ହାଡ଼ ଭଙ୍ଗା ଥଣ୍ଡାରେ ଥରୁଛି ଅମ୍ବାଦଳା ଅଞ୍ଚଳ। ଯୁବକ ମାନେ ସକାଳୁ ସକାଳୁ ବ୍ୟାୟାମ କରିବା ପାଇଁ ପଦାକୁ ବାହାରୁ ଥିବା ବେଳେ ବଜାରରେ ଥିବା ଚା ଦୋକାନରେ ଖଟି ଦେଖିବାକୁ ମିଳୁଛି। ଲୋକେ ଥଣ୍ଡାକୁ ଡରି ଦିନ ଦ୍ୱିପ୍ରହର ଯାଏଁ ଘରୁ ପଦାକୁ ବାହାରି ପାରୁ ନାହାନ୍ତି।ଏ ପରିକି ଅତ୍ୟଧିକ ଥଣ୍ଡା ଯୋଗୁ ଶ୍ରମିକ ଶ୍ରେଣୀର ଲୋକ ମାନେ କାମ ଧନ୍ଦାକୁ ମଧ ଯାଇ ପାରୁ ନାହାନ୍ତି। ରାସ୍ତା କଡରେ ଓ ଗାଁ ମାନକରେ ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ ବସିଥିବା ଲକ୍ଷ୍ୟ କରାଯାଇଛି। ଗରିବ ଓ ନିରାଶ୍ରୟ ଲୋକଙ୍କୁ ଦାଉ ସାଜିଲାଣି ହାଡ଼ଭଙ୍ଗା ଶୀତ। ସେହିପରି ପଲିଥିନ କୁଡ଼ିଆ ଘରେ ବାସ କରୁଥିବା ପରିବାର ଶୀତବସ୍ତ୍ର ଅଭାବରୁ ଚିନ୍ତାରେ ପଡିଛନ୍ତି। ଅନ୍ୟ ପଟେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଶୀତ ଦାଉରୁ ରକ୍ଷା କରିବା ପାଇଁ ଶୀତବସ୍ତ୍ର ବଣ୍ଟନ କରାଯାଉଥିବା ବେଳେ ଅମ୍ବାଦଳା ଅଞ୍ଚଳରେ ଏହିଭଳି ଅଭାବୀ ଗରିବ ଜନତା କାହାର ନଜରରେ ପଡୁନାହାଁନ୍ତି।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ରାମନାଗୁଡ଼ା,୧୯।୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ପେଣକାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ବା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏସସିଇଆରଟି ଓଡିଶା ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଗୁଣୁପୁର ଉପ ଜିଲ୍ଲାପାଳ ଦୁଧାଲ ଦିଲ୍ଲୀପ କୁମାରଙ୍କ କରକମଳରେ ଉଦ୍‌ଘାଟନ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମରିକା, ବିଆରସିସି ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ପିଏମଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା, ପେଣକାମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶକ୍ତି କୁମାର ବେହେରା ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଗୁଣୁପୁର ଉପ ଜିଲ୍ଲାପାଳ ଦୁଧାଲ ଦିଲ୍ଲୀପ କୁମାର ନିଜ ଛାତ୍ର ଜୀବନ ର ଅନୁଭୂତିକୁ ଉପସ୍ଥାପନା କରିଥିଲେ। ଏହି ମେଳାରେ ମୋଟ ୧୦୭ ପ୍ରକଳ୍ପ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମରେ ରାମନାଗୁଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଣୁପୁର ଉଚ୍ଚ ବିଦ୍ୟାଳୟ ମାନଙ୍କ ଠାରୁ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ବିଚାରକ ଭାବେ ଉପସ୍ଥିତ ରହି ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାକୁ ଚୟନ କରିଥିଲେ। ଏଥିରୁ ମୋଟ ୧୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପେଣକାମ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ସମେତ ବିଜ୍ଞାନ ମେଳାରେ ଯୋଗ ଦେଇଥିବା ସମସ୍ତ ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ।

## କିଆଙ୍ଗ ପ୍ରାଥମିକ ଚିକିତ୍ସାଳୟରେ ରକ୍ତଦାନ ଶିବିର



ମାଥିଲି, ୧୯ ।୧୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ସଦର ମହକୁମା ଠାରେ ଥିବା ପ୍ରାଥମିକ ଚିକିତ୍ସାଳୟରେ ପ୍ରଥମ ଥର ପାଇଁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଥିଲ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲକିନାଥ ପୂଜାରୀ ଓ ଡାକ୍ତର ରାଜୀବ ଲୋଚନ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ହିସାବ ରକ୍ଷକ ପ୍ରଦୀପ୍ତ କୁମାର. ଯକ୍ଷ୍ମା ପରିଚାଳକ ରଞ୍ଜନ କୁମାର ନାୟକ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ପ୍ରଥମେ କିଆଙ୍ଗ ପଞ୍ଚାୟତର ସମିତି ସଭ୍ୟା ଚନ୍ଦ୍ରମଣି ଭୂମିଆଙ୍କ ସ୍ୱାମୀ ସନିଆ ଭୂମିଆ ରକ୍ତଦାନ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ୧୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ବ୍ଲଡ୍ ବ୍ୟାଙ୍କର ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ କିଆଙ୍ଗ ସାବେରୀ ବିଦ୍ୟାପୀଠ, ବିଧାୟକ ପ୍ରତିନିଧି ହେମନ୍ତ ମାଝୀ, ସୁଶାନ୍ତ ମାଦ୍ରି, ସୁରେନ୍ଦ୍ର ଦଳେଇ, ମଣନ ମୋହନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗଡ଼ିଲା ସଚେତନତା ରଥ

# ‘ସଡ଼କ ସୁରକ୍ଷା ନିୟମ ମାନି ଚଳିବା ସମସ୍ତଙ୍କ ଦାୟିତ୍ୱ’




ରାୟଗଡ଼ା,୧୯।୧୧(ସମିସ): ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନଭେମ୍ବର ମାସ ୧୬ରୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ପାଇଁ ଶୂନ ମୃତାହତ ପକ୍ଷ ପାଳନ କରାଯାଉଛି। ଏହି କ୍ରମରେ “ସଡକ ସୁରକ୍ଷା ନିୟମ ମାନନ୍ତୁ ,ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ”ର ବାର୍ତ୍ତା ଜିଲ୍ଲାବାସୀଙ୍କ ଠାରେ ପହଞ୍ଚାଇବା ପାଇଁ ଆଜି ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରୁ ଶୂନ୍ୟ ମୃତାହତ ପକ୍ଷ ଏଲଇଡି ମୋବାଇଲ ଭ୍ୟାନ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଉଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରଥରେ ଏଲଇଡି ମାଧ୍ୟମରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରୁ ରକ୍ଷା ପାଇବା ପାଇଁ ସଡ଼କ ସୁରକ୍ଷା ନିୟମକୁ କଡାକଡି ଭାବେ ପାଳନ କରିବା ଓ ଅନ୍ୟାନ୍ୟ ସଚେତନତା ଭିଡିଓ ପ୍ରଦର୍ଶିତ କରାଯାଇଛି। ଏହି ସଚେତନତା ରଥ ୧୯ତାରିଖରେ ରାୟଗଡ଼ା, ଶେଷଖାଲ, ଚାନ୍ଦିଲି ଥାନା ଅଞ୍ଚଳକୁ ଗସ୍ତ କରିଥିବା ବେଳେ ୨୦ ଓ ୨୧ତାରିଖରେ ଜିଲ୍ଲାର କାଶିପୁର, ଟିକିରି, ଦୋରାଗୁଡା, ଅଣ୍ଡିରାକଞ୍ଚ,୨୨ରେ କଲ୍ୟାଣସିଙ୍ଗପୁର,୨୩ରେ ବିଷମକଟକ, ୨୪ରେ ମୁନିଗୁଡା, ଆମ୍ବଦଳା ଗସ୍ତ କରିବାକୁ ଥିବା ବେଳେ ୨୫ରେ ଚନ୍ଦ୍ରପୁର, ୨୬ରେ ଗୁଡାରୀ,୨୭ରେ ପଦ୍ମପୁର, ରାମନାଗୁଡା ଓ ୨୮ ତାରିଖ ଶେଷ ଦିନରେ ଗୁଣପୁର ଥାନା ଅଞ୍ଚଳରେ ଗସ୍ତ କରି ଲୋକଙ୍କୁ ଶୂନ ମୃତାହତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରିବ ବୋଲି ଆରଟିଓ ବିନୟ କୁମାର ପ୍ରକାଶ କରିଛନ୍ତି। ଆଞ୍ଚଳିକ ପରିବହନ ଓ ଜିଲ୍ଲା ପୁଲିସ ମିଳିତ ଭାବେ ଏହି ପକ୍ଷ ପାଳନ ଭିତରେ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଗାଡି ଚେକିଂ ପ୍ରକ୍ରିୟାକୁ କଡାକଡି କରିବା ସହ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କରି ଗାଡି ଚଳାଉଥିବା ଅମାନିଆ ଗାଡି ଚାଳକଙ୍କୁ ଧରିବା ଓ ତାଙ୍କ ବିରୁଦ୍ଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି କହିଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ୧୨୪ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ପ୍ରକାଶ କରିଛନ୍ତି। ଆଜିର ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଗାଡି ଚାଳକମାନଙ୍କୁ ନିୟମ ମାନି ଗାଡି ଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମଭିଆଇ ପି.ଦୁର୍ଗା ପ୍ରସାଦ ରାଓ, ଟିଆଇ ଝସକେତନ ଭରାଶଗରିଆ, ଜିଲ୍ଲା ସଡ଼କ ସୁରକ୍ଷା କମିଟି ସଭ୍ୟ ଶିବ ନାରାୟଣ ଗଉଡ, ଆଶିଷ ରଂଜନ ପଣ୍ଡାଙ୍କ ସମେତ ଆରଟିଓ କାର୍ଯ୍ୟାଳୟ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯେଉଁଠାରେ ବିଜୟର ପଥ ସଂଘର୍ଷପୂର୍ଣ୍ଣ ସେଠାରେ ଜିତିବାର ଆନନ୍ଦ ଅଧିକ।
-ପେଲେ

## ପାଗ ପ୍ରତିକୂଳ

ଏ ବର୍ଷର ବିଳମ୍ବିତ ମୌସୁମୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷି ଚାଲିବାରୁ ଅନେକ ଆଶା କରିଥିଲେ ବେଶ ଶୀତ ଅନୁଭୂତ ହେବ। ତାହା ହିଁ ଏବେ ପରିଲକ୍ଷିତ ହୋଇଛି। ତେବେ ଏହି ବର୍ଷା ଓ ଶୀତ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ହେଉଛି ବଜାରରେ ଶୀତଦିନିଆ ପରିବା ଉଭାନ ହୋଇଯାଇଛି। ଚାହିଦା ଅନୁଯାୟୀ ଯୋଗାଣ ହ୍ରାସ ପାଇଥିବାରୁ ପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଉଛି। ଅଥଚ ଆମ ପରିସଂଖ୍ୟାନ କହୁଛି ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତରେ ଚାଲିଛି। ଏହା ଗତବର୍ଷର ଅକ୍ଟୋବର ସହ ତୁଳନାତ୍ମକ ବିଚାର। ଗତବର୍ଷ ତୁଳନାରେ ଆମ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୧.୮୫ ପ୍ରତିଶତ। ସମଗ୍ର ଦେଶରେ ଓଡ଼ିଶାର ହାର ସର୍ବନିମ୍ନ। ସିଧାସଳଖ କହିଲେ ଏହା ଦରଦାମର ସ୍ଥିତିକୁ ସୂଚିତ କରୁଛି। ରାଜ୍ୟସ୍ତରରେ ଏହି ହାର ରହିଛି ବିଯୁକ୍ତ ୧.୩୯ ପ୍ରତିଶତ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଏହି ହିସାବକୁ ଚ୍ୟାଲେଞ୍ଜ କରିବ କିଏ? ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ସ୍ଥିତି ପୂରା ଓଲଟପାଲଟ ହୋଇଯାଇଛି।

ଆମେ ଏଠାରେ ପାଠକୀୟ ଅନୁଭବ କଥା କହୁଛୁ। ପ୍ରାୟ ପ୍ରତ୍ୟେକ ପରିବାର ନିଜର ତେଲ ଲୁଣ ସଂସାର ପାଇଁ ବଜାର କରୁଥିବେ। ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ କେତେ କମିଛି ନା ବଢ଼ିଛି ତାହା ସେମାନେ ଅନୁଭବ କରୁଥିବେ। ପରିବା କଥା ନ କହିବା ଭଲ। ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଜମି ପାଗ ଦେଲାନି। ତେଣୁ ବିଳମ୍ବରେ ଆରମ୍ଭ ହୋଇଥିବା ପରିବା ଚାଷର ସୁଫଳ ପାଇବାକୁ ଆହୁରି ଅନ୍ୟୂନ ମାସେ ଅପେକ୍ଷା କରିବାକୁ ପଡ଼ିବ। ଶୀତଦିନିଆ ପରିବା ବଜାର ଏକପ୍ରକାର ଶ୍ରୀହୀନ ହୋଇପଡ଼ିଛି। ଶୀତ ଦିନରେ ବିଲାତି କିଲୋ ଯଦି ୮୦ ଟଙ୍କା ହୁଏ ଅନ୍ୟ ପରିବା କଥା ନ କହିବା ଭଲ। ରାଜ୍ୟରୁ ମୌସୁମୀ ବିଦାୟ ନେବା ପୂର୍ବରୁ ଲଘୁଧାନକୁ ଉଜାଡ଼ି ଦେଇଥିବା ବେଳେ ବଡ଼ ଧାନ ରୋଗପୋକର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ଇଏ ହେଲା, ଠିକେ ଠିକେ ଚାଷ ଖବର। ଏଭଳି ପରିସ୍ଥିତିରେ ଖାଉଟି ପାଇଁ ଏମିତି କେଉଁ ସୁବିଧା ସୁଯୋଗ ମିଳିଗଲା ଯେ ସେ ହାତ ଚାଟି ଖାଇବ? ତେଣୁ ପରିସଂଖ୍ୟାନରେ ଏହି ଯାଦୁକାରୀ କେବଳ ଧର୍ମକୁ ଆଖିଠାର।

ଏ କଥା ସତ ଯେ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ଓ ଶୁଷ୍କ ବାୟୁର ପ୍ରଭାବରେ ତାପମାତ୍ରା ତଳମୁହାଁ ହୋଇଚାଲିଛି। କେବଳ ରାଜଧାନୀର ୨୫ ବର୍ଷର ରେକର୍ଡ ଭାଙ୍ଗିବା ବଡ଼କଥା ନୁହେଁ। ନଭେମ୍ବର ମଧ୍ୟଭାଗରେ ତାପମାତ୍ରା ଉତ୍ତର, ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ବେଶ ଭଲ ଶୀତ ଅନୁଭୂତ ହେଉଛି। ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି। ଏବର୍ଷ ଜି. ଉଦୟଗିରିରେ ସବୁଠାରୁ କମ (୫.୪ଡିଗ୍ରୀ) ତାପମାତ୍ରା ରହିଥିବାର ରେକର୍ଡ କରାଯାଇଛି। ହଠାତ୍ ଶୀତର ପ୍ରକୋପ ବଢ଼ିଯିବାରୁ ସ୍ୱାଭାବିକ ଭାବେ ଥଣ୍ଡା, ସର୍ଦ୍ଦି ଓ ଗଳାରୋଗ ମଧ୍ୟ ବଢ଼ିଛି। ଆମେ ଏଠାରେ ଯେଉଁ ସମସ୍ୟା ଓ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଛୁ ତାହା ପରିବେଶ ଗତ ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପରିଲକ୍ଷିତ ହେଉଛି। ତେଣୁ ବ୍ୟବସ୍ଥାକୁ ପରିବେଶ ଅନୁକୂଳ କରିବା ପ୍ରତି ସବୁସ୍ତରକୁ ଧ୍ୟାନ ଦିଆଯିବା ଉଚିତ।

## କୃଷି ଉତ୍ପାଦ ଶୁଳ୍କ ହ୍ରାସ

ରୁଷ ତେଲକୁ ନେଇ ଉତ୍ପନ୍ନ ସମସ୍ୟାର ସମାଧାନ ହୋଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ପ୍ରତି ଆଭିମୁଖ୍ୟ ନରମ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ଘୋଷଣା କରାଯିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଶେଷ ମୂହୂର୍ତ୍ତରେ କିଛି କେଁ ପଶିବା ବିଚିତ୍ର ନୁହେଁ। ଏକଥା ସତ୍ୟ ଯେ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ଆମେରିକାକୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଦେଶର ଦରଦାମ ପରିସ୍ଥିତି ନିୟନ୍ତ୍ରଣର ସୀମା ଟପି ଥିବାରୁ ନିଜେ ଟ୍ରମ୍ପ ମଧ୍ୟ ଚାପର ସମ୍ମୁଖୀନ ହୋଇଛନ୍ତି। ସର୍ବଶେଷ ଖବରରୁ ପ୍ରକାଶ ଯେ ୨୫୪ ଟି ସାମଗ୍ରୀ ଉପରୁ ସେ ଶୁଳ୍କ ହାର କମାଇଛନ୍ତି। ୨୨୯ ଟି କୃଷି ସାମଗ୍ରୀ ଏହାର ଅନ୍ତର୍ଭୁକ୍ତ। ଭାରତ ୨୦୨୪ ରେ ୫.୭ ବିଲିୟନ ଡଲାର ମୂଲ୍ୟର କୃଷି ସାମଗ୍ରୀ ରପ୍ତାନି କରିଥିଲା। ନିକଟରେ ଶୁଳ୍କ ଛାଡ଼ ବର୍ଗରେ ଥିବା କୃଷି ସାମଗ୍ରୀ ରପ୍ତାନି ପରିମାଣ ଥିଲା ୧ ବିଲିୟନ ଡଲାର। ଏଭଳି ଏକ ନିଷ୍ପତ୍ତି ବିନିମୟରେ ଆମେରିକାରୁ ଭାରତ ସୋୟାବିନ, ମକା ଓ ଦୁଗ୍ଧ ଗୁଣ୍ଡ ଆମଦାନୀ କରିବ। ପେଟ୍ରୋଲରେ ଇଥାନଲ ମିଶ୍ରଣର ଅନୁପାତ ବୃଦ୍ଧି ପାଇଥିବାରୁ ତାହାର ଚାହିଦା ବୃଦ୍ଧିପାଇଛି। ଆମେରିକାରୁ ଆମଦାନୀ ହେବାକୁ ଥିବା ମକା ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ଭାରତ ଯୋଜନା ସ୍ଥିର କରିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଶୁଳ୍କ ସଂଶୋଧନ ତାଲିକା ଗତ ୧୪ ତାରିଖରେ ଜାରି କରଯାଇଛି। ନଭେମ୍ବର ୧୩ ତାରିଖରୁ ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଚା', କଫି, ମସଲା ସହ ଫଳ, କାଜୁ ଓ କୋକୋଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହା ଫଳରେ ଭାରତୀୟ କୃଷି ଉତ୍ପାଦ ରପ୍ତାନିକାରୀ ଆମେରିକା ବଜାରରେ ପ୍ରତିଯୋଗୀକ୍ଷମ ହୋଇପାରିବେ। ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଦେଇଛି। ବାଣିଜ୍ୟ ମନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଯେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ଖୁବ୍ ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ। ତେଣୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆଗକୁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଅନ୍ୟ ପକ୍ଷରେ ବୟନ ସାମଗ୍ରୀ ଓ ପୋଷାକପତ୍ର ରପ୍ତାନୀ ଏହି ବହିଃଶୁଳ୍କ ଫଳରେ ବାଧାପ୍ରାପ୍ତ ହୋଇଛି। ୨୦୨୪ ରେ ଏହି ସାମଗ୍ରୀ ରପ୍ତାନି ପରିମାଣ ୩,୦୬୧.୫୪ ନିୟୁତ ଡଲାର ଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ୨,୬୬୬.୪୧ ନିୟୁତ ଡଲାରକୁ ହ୍ରାସ ପାଇଛି। ତେଣୁ ବର୍ଷକ ମଧ୍ୟରେ ହାରାହାରି ୧୩ ପ୍ରତିଶତ ରପ୍ତାନି ବଢ଼ିଛି। ସେହିଭଳି ଆମେରିକାରେ ସବୁଠାରୁ ଅଧିକ ଚାହିଦା ଥିବା ଗାଲିଚା ରପ୍ତାନି ମଧ୍ୟ ୧୫,୮୦ ପ୍ରତିଶତ ହ୍ରାସ ପାଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଚୂଡ଼ାନ୍ତ ରୂପରେଖ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇଛି।

ଆମ ଦେଶରେ ସୁନା ଓ ରୁପାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଥିବାରୁ ବିଦେଶରୁ ଆମଦାନୀ କରି ଆଭ୍ୟନ୍ତରୀଣ ଚାହିଦା ଭରଣା କରାଯାଇଛି। ଏ ବାବଦ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବର ମାସ ସୁଦ୍ଧା ସାମଗ୍ରିକ ଭାବେ ବାଣିଜ୍ୟ ନିଅଣ୍ଟ ୨୧.୮୦ ବିଲିୟନ ଡଲାର ଅତିକ୍ରମ କରିଛି। ରପ୍ତାନୀ ଅପେକ୍ଷା ଅଧିକ ଆମଦାନୀକୁ ପ୍ରୋତ୍ସାହନ ଦିଆଯାଇଛି। ଏହି ନିଅଣ୍ଟ ପରିମାଣ ସଂକୋଚନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଟ୍ରମ୍ପଙ୍କ ବର୍ଦ୍ଧିତ ବହିଃଶୁଳ୍କ ନୀତି ଓ କଟକଣା ପ୍ରୟୋଗ ରପ୍ତାନୀ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ଗତ କିଛିମାସ ଧରି ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ସୁଫଳ ନେଇ ସମସ୍ତେ ଆଶାବାଦୀ। ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ପ୍ରାରମ୍ଭିକ ଘୋଷଣାକୁ ଏକ ଶୁଭସୂଚନା ରୂପେ ଗ୍ରହଣ କରାଯାଇପାରେ।

## ବିହାର ନିର୍ବାଚନ: କଥା ଓ କୌଶଳ

ସୌଭାଗ୍ୟ ସୁନ୍ଦରାୟ

ସୁଚିନ୍ତିତ ରାଜନୈତିକ ଗୋଟିଚାଳନା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବିକାଶକୁ ଆଧାର କରି ଚଳିତ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ଏନଡିଏ ନିଜ ସପକ୍ଷରେ ନେବା ପାଇଁ ସଫଳ ହୋଇଛି। ଜେଡି(ୟୁ) ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନଡିଏର ନିର୍ବାଚନୀ ଚେହେରା ହୋଇଥିବା ବେଳେ ନେତୃତ୍ୱ ନେଇଥିଲା ବିଜେପି। ବିଜେପି କର୍ମୀ ପ୍ରାୟତଃ ବୁଥସ୍ତରରୁ ଦୂରଦୃଷ୍ଟି ସହକାରେ ନିର୍ବାଚନୀ ପରିଚାଳନା କରିଥିଲେ, ଯଦ୍ୱାରା କେବଳ ଉଚ୍ଚବର୍ଗ, ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ନୁହେଁ, ମୁସଲିମ ସମ୍ପ୍ରଦାୟ ଓ ଅନ୍ୟ ସଂଖ୍ୟାଲଘୁ ବର୍ଗର ଭୋଟ ମଧ୍ୟ ଏନଡିଏ ସପକ୍ଷରେ ଆଣିବାକୁ ସମର୍ଥ ହୋଇପାରିଲା।

ଚଳିତ ନିର୍ବାଚନରେ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ବେଶୀ ସକ୍ରିୟ ନଥିଲେ ମଧ୍ୟ ତାଙ୍କର ଅଭିଜ୍ଞତା ଓ ରାଜନୈତିକ ଭାବମୂର୍ତ୍ତି ମେଣ୍ଟ ପାଇଁ ପୁଞ୍ଜି ହୋଇଥିଲା। ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ବିହାରକୁ ବାରମ୍ବାର ଗସ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ନିଜ ବକ୍ତବ୍ୟରେ ବିକଶିତ ବିହାର ଓ ସୁଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ' ବିଷୟ ମଧ୍ୟ ଉଠାଇଥିଲେ। ରାଜ୍ୟକୁ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ପ୍ରତି ବିଶେଷ କଟାକ୍ଷ କରିନଥିଲେ କି ଧାର୍ମିକ ବାତାବରଣ ଧ୍ରୁବୀକରଣ ପାଇଁ ଉଦ୍ୟମ କରିନଥିଲେ। କେବଳ 'ଛଟ୍' ମାୟାଙ୍କ ପ୍ରତି ଅପମାନ ବିଷୟ ନିର୍ବାଚନୀ ସଭାରେ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଘନଘନ ଗସ୍ତ ବିଜେପି କର୍ମୀଙ୍କ ଉତ୍ସାହକୁ ଦୀର୍ଘ ସମୟ ଧରି ବଜାୟ ରଖିବାରେ ସହାୟକ ହୋଇଥିଲା। ଜୁନ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ସିୱାନଠାରେ ଏକ ଜନସଭାରେ ଯୋଗ ଦେଇଥିଲେ। ଏହା ମୁଖ୍ୟତଃ ଆରଜେଡି ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଚଳିତ ଥର ବିହାରରେ ଆରଜେଡି ଭୋଟ ହାର ପ୍ରାୟ ୨୩% ଥିବା ବେଳେ ଜେଡି(ୟୁ)ର ୧୯.୨୫%, ବିଜେପିର ୨୦.୦୮%, କଂଗ୍ରେସର ୮.୭୧% ଓ ଏଲଜେପିର ୪.୯୭% ରହିଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ରାଜ୍ୟର ମୋଟ ମୁସଲିମ ଜନସଂଖ୍ୟା ହେଉଛି ୧୭.୭%। ଏହି ସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ଅନ୍ତର୍ଭୁକ୍ତ।

ବିହାରକୁ ମୁଖ୍ୟତଃ କେତେକ ଅଞ୍ଚଳରେ ବିଭକ୍ତ କରି ଏନଡିଏ ନିଜ ପ୍ରଚାର ଅଭିଯାନ କରିଥିଲା। ଆରଜେଡି ଭୋଟବ୍ୟାଙ୍କ ଅଞ୍ଚଳକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲା। ଏଥିରୁ ସୁଫଳ ମଧ୍ୟ ମିଳିଲା। ବିକ୍ଷିପ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆ ବର୍ଗ ଓ ଅତିପଛୁଆ ବର୍ଗ ମୁସଲିମ ଭୋଟରଙ୍କ ସମର୍ଥନ ଏନଡିଏ ଚଳିତ ଥର ପାଇପାରିଛି। ଏଥିରେ ମହିଳା ମୁସଲିମ ଭୋଟର ଅଧିକ ସଂଖ୍ୟାରେ ରହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ମୁସଲିମବହୁଳ ଅଞ୍ଚଳରେ ଏନଡିଏ ୪୨.୨% ଭୋଟ ଦଖଲ କରିଛି। ମହାଗଠବନ୍ଧନ ୧୧.୧% ଭୋଟ ଦଖଲ କରିଛି, ଯାହା ପୂର୍ବ ନିର୍ବାଚନରେ ୩୬.୮% ଥିଲା। କମ୍ ମୁସଲିମ ଜନସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଏନଡିଏ ୪୮% ଭୋଟ ଦଖଲ କରିଛି। ଅପରପକ୍ଷରେ ମହାଗଠବନ୍ଧନ ପାଇଛି ୩୮.୨% ଭୋଟ।

ତେବେ କୋଶୀ, ସିମାଞ୍ଚଳ ଅଞ୍ଚଳରେ ଆଶାଉଦ୍ଦିନ ଓୱାସିଙ୍କ ଏଆଇଏମଆଇଏମ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଏଠାରେ ମୁସଲିମ ଭୋଟ ବିଶେଷ ଭାବେ ଏନଡିଏ ନିକଟକୁ ଯାଇପାରିଲା ନାହିଁ। ପୂର୍ବ-ବିହାର ଅନ୍ତର୍ଗତ ଏହି ଅଞ୍ଚଳରେ କୋଶୀ ନଦୀ ପ୍ରବାହିତ। ଏହା ସ୍ଥାନୀୟ ଜନତାଙ୍କ ପାଇଁ ଦୁଃଖ ବୋଲି କୁହାଯାଇଥାଏ। ସୀମାଞ୍ଚଳର ୯୦% ଜନସାଧାରଣ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ଭୂମିହୀନ ଶ୍ରମିକ। ଏଠାରୁ ଜନସାଧାରଣ ଦାଦନ ଭାବେ ପଞ୍ଜାବ ଓ ହରିୟାନାକୁ ଯାଇଥା'ନ୍ତି। ଏଠାରେ ମୁସଲିମ ଜନସାଧାରଣଙ୍କ ସଂଖ୍ୟା ଅଧିକ। କିଶନଗଞ୍ଜରେ ମୁସଲିମ ଜନସଂଖ୍ୟା ପ୍ରାୟ ୬୮% ଓ କଟିହାରରେ ୪୪%। ଚଳିତ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ୨୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୧.୮୫% ଭୋଟ ପାଇଛି। ଦଳ ସୀମାଞ୍ଚଳ ଅଞ୍ଚଳରେ ୪୦% ମୁସଲିମ ଜନସଂଖ୍ୟା ବିଶିଷ୍ଟ ୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୫ଟି ଆସନରେ ବିଜୟୀ ହେଲା। ତେବେ ୪୦%ରୁ କମ୍ ମୁସଲିମ ଜନସଂଖ୍ୟା ବିଶିଷ୍ଟ ୭ଟି ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସମସ୍ତେ ପରାଜିତ ହୋଇଛନ୍ତି। ମିଥିଳା ସୀମାଞ୍ଚଳ ଅଞ୍ଚଳରେ ଏନଡିଏ ଫଳାଫଳ ସେତେଟା ଭଲ ହୋଇନାହିଁ। କଂଗ୍ରେସ କେବଳ ମୁସଲିମ ବହୁଳ କିଶନଗଞ୍ଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛି। ଏ ଅଞ୍ଚଳରେ ସାମୂହିକ ଭାବେ ମୁସଲିମ ସଂପ୍ରଦାୟ ପ୍ରାୟତଃ ଆରଜେଡିର ସମର୍ଥକ ଭାବେ ଅଦ୍ୟାବଧି ରହିଆସିଥିଲେ। ଚଳିତ ନିର୍ବାଚନରେ ଏଆଇଏମଆଇଏମ ସମସ୍ତ ଅଙ୍କ ବିଗାଡ଼ି ଦେଇଛି। ଏହି ନିର୍ବାଚନରେ ସମଗ୍ର ରାଜ୍ୟର ପ୍ରାୟତଃ କମ୍ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀର ମୁସଲିମ ଭୋଟ ଏନଡିଏ ଖାତାକୁ ଯାଇଥିବା ଜଣାପଡୁଛି। ଫଳରେ ମହାଗଠବନ୍ଧନ କ୍ଷତିଗ୍ରସ୍ତ ହୋଇଛି।

ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନା ଏନଡିଏର ସଫଳତା ବୃଦ୍ଧିର ଅନ୍ୟତମ କାରଣ ବୋଲି ଅନୁମାନ କରାଯାଉଛି। ଉତ୍ତର-ବିହାର ବା ମିଥିଳା ଅଞ୍ଚଳର ୫ଟି ଜିଲ୍ଲା ମଧ୍ୟରୁ ମଧୁବଣି ଓ ଦରଭଙ୍ଗାରେ ମୁସଲିମ ସଂଖ୍ୟା ଅଧିକ। ତେବେ ଉଚ୍ଚ ବର୍ଗର ସଂଖ୍ୟା ମଧ୍ୟ ଏ ଅଞ୍ଚଳରେ ଅଧିକ ରହିଛି, ଯେଉଁ କାରଣରୁ ଦରଭଙ୍ଗା, ମୋତିହାରି ବେଟିଆ ଆଦି ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବିଜେପି ଓ ଜେଡି(ୟୁ)ର ପ୍ରଭାବ ରହିଛି। ଏ ଅଞ୍ଚଳର ୩୪ ଆସନ ମଧ୍ୟରୁ ମହାଗଠବନ୍ଧନ ପାଇଛି ମାତ୍ର ୩ଟି ଆସନ, ଯାହା ପୂର୍ବ ନିର୍ବାଚନରେ ୧୧ ଥିଲା। ଅର୍ଥାତ ମୁସଲିମ ବର୍ଗ ଭୋଟ ମହାଗଠବନ୍ଧକୁ ମିଳି ନାହିଁ।

ପୂର୍ବ ଓ ଦକ୍ଷିଣ-ପୂର୍ବ ବିହାରରେ ଯାଦବ, ଅତି ପଛୁଆ ବର୍ଗ ଓ ମୁସଲିମ ଭୋଟର ମିଶାମିଶି ଭାବେ ରହିଛନ୍ତି। ଏ ଅଞ୍ଚଳରେ ଉଭୟ ଆରଜେଡି ଓ ଜେଡି(ୟୁ)ର ପ୍ରଭାବ ରହିଆସିଛି। ପଶ୍ଚିମ ଓ ଉତ୍ତର-ପଶ୍ଚିମ ବିହାରରେ ପଛୁଆ ବର୍ଗ ମଧ୍ୟରେ ବିଜେପିର ପ୍ରଭାବ ରହିଥିବା ବେଳେ ଯାଦବଙ୍କ ମଧ୍ୟରେ ଆରଜେଡିର ପ୍ରଭାବ ରହିଆସିଛି। ପାଟନା, ମଗଧ ଓ ଭୋଜପୁରକୁ ନେଇ ଗଣାଯାଉଥିବା କେନ୍ଦ୍ରୀୟ ବିହାରରେ ବିଜେପି, ଜାତୀୟ କଂଗ୍ରେସ ଓ ଆରଜେଡିର ପ୍ରଭାବ ପ୍ରାୟତଃ ରହିଛି। କିନ୍ତୁ ଏ ଅଞ୍ଚଳର ୬୯ ଆସନ ମଧ୍ୟରୁ ଏନଡିଏକୁ ୫୭ଟି ଆସନ ଚାଲିଗଲା, ଯାହା ପୂର୍ବ ନିର୍ବାଚନରେ ୧୯ ଥିଲା। କେବଳ ପାଟନାର ୧୪ ବିଧାନସଭା ଆସନ ମଧ୍ୟରୁ ଏନଡିଏ ୧୧ଟି ଦଖଲ କରିଛି। ଗତ ନିର୍ବାଚନରେ ଏଠାରୁ ଏନଡିଏ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଭାଗଲପୁର-ମୁଙ୍ଗେର ସାଧାରଣତଃ ସହରାଞ୍ଚଳ ହୋଇଥିବାରୁ ଏଠାରେ ଏନଡିଏ ଭଲ ଫଳାଫଳ କରିଛି।

ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହରରେ ଆଞ୍ଚଳିକ ସମସ୍ୟାକୁ ସ୍ଥାନ ଦିଆଯାଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ବିହାରକୁ ବନ୍ୟାମୁକ୍ତ କରିବାର ଯୋଜନା ଥିଲା ଅନ୍ୟତମ। ଏଥିପାଇଁ ଏକ ବନ୍ୟା ପରିଚାଳନା ବୋର୍ଡ ଗଠନ କରାଯିବା ସହ ନଦୀ ସଂଯୋଗୀକରଣ ପ୍ରକଳ୍ପ, ବନ୍ଧ ଓ କେନାଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। କୋଶି-ସୀମାଞ୍ଚଳ ଅଞ୍ଚଳରେ କୋଶି ଓ ମହାନନ୍ଦା ପ୍ରବାହିତ। ଉତ୍ତର ବିହାରରେ ଗଣ୍ଡକ ଓ ବାଗମତୀ ନଦୀ ପ୍ରବାହିତ। ଏହି ସମସ୍ତ ନଦୀରେ ପ୍ରାୟତଃ ବନ୍ୟା ଆସି ଜନଜୀବନ ବିପର୍ଯ୍ୟସ୍ତ କରିଥାଏ। ଏଥିପାଇଁ ଯୋଜନାବଦ୍ଧ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଦ୍ୟାବଧି ହୋଇପାରି ନାହିଁ। ଏଣୁ ଏହି ଆଞ୍ଚଳିକ ସମସ୍ୟା ପ୍ରତି ଇସ୍ତାହାରରେ ଦୃଷ୍ଟି ଦିଆଯାଇଛି। ସେହିପରି ୭ଟି ଏକ୍ସପ୍ରେସ ରାଜପଥ, ୧୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇସ୍ତାହାରରେ କୁହାଯାଇଛି, ଯାହା ଗମନାଗମନ ସୁଗମ କରିବାରେ ସହାୟକ ହୋଇପାରିବ। ୱାକ୍‌ଫ ଆଇନ ସ୍ଥଗିତ ରଖିବା ପାଇଁ ଆରଜେଡିର ପ୍ରତିଶ୍ରୁତି ସତ୍ତ୍ୱେ ମୁସଲିମ ଭୋଟର ଏକ ବୃହତ୍ ଅଂଶ ଏନଡିଏ ନିକଟକୁ ଚାଲିଗଲା। ଏଣୁ ଆଞ୍ଚଳିକ ସମସ୍ୟା, ନିର୍ବାଚନ ପରିଚାଳନାର ବିକେନ୍ଦ୍ରୀକରଣ ଯୋଗୁଁ ଏନଡିଏ ଚଳିତ ଥର ବିପୁଳ ସଫଳତା ହାସଲ କରିଥିବା କୁହାଯାଇପାରେ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୭୨୨୯୨୩୩

## ସୁଧାର ଗାଈର ବାଛୁରୀ ମରେ!

ଅର୍ଜୁନ ଘଡ଼େଇ

ସୁଧାର ଗାଈର ବାଛୁରୀ ମରିବା ଲୋକବାଣୀଟି ଆମ ସମାଜରେ ବେଶ୍ ପ୍ରଚଳିତ। ସୁଧାର, ଶାନ୍ତ ଗାଈଟିଏର ନିରବତା ଯୋଗୁଁ ଯେମିତି ନିଜ ସନ୍ତାନ ବି ମୃତ୍ୟୁମୁଖରେ ପଡ଼ିଥାଏ, ସେପରି ଜଣେ ଭଦ୍ର, ସରଳ, ଶାନ୍ତ ମଣିଷ ନିଜର ଆଚରଣ, ସହିଷ୍ଣୁତା ଗୁଣ ଯୋଗୁଁ ଅନେକ କିଛି କ୍ଷତି ସହିଥାଏ। ତଳକୁ ମୁହଁ କରି ମାଟିର ମହାନତାକୁ ସ୍ମରଣ କରେ, ସହନଶୀଳତ ଭାବନା ନେଇ। ଲୋକେ କିନ୍ତୁ ତା'କୁ କହନ୍ତି ମାଇଚିଆ ନଂପୁସକ ଇତ୍ୟାଦି ଇତ୍ୟାଦି। ଏହା କେବଳ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ, ଅମଣିଷଙ୍କ ଅମାନବିକତା, ଅସହିଷ୍ଣୁ, ପରଶ୍ରୀକାତରତା, ଅହଙ୍କାରୀ ଭାବର ପରିପ୍ରକାଶ ମାତ୍ର, ଯାହା ଯୁଗଯୁଗ ଧରି ସଂଘଟିତ ହୋଇ ଆସିଛି ଏବଂ ଆଜିର ସଭ୍ୟ ସମାଜରେ ବି ଘଟୁଛି। ସୁଧାର ଗାଈର ବାଛୁରୀଟିଏ ଖାଦ୍ୟ ବିନା ପଛେ ମରୁ, କିନ୍ତୁ ନିଜ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ନ ଆସୁ, ଏହାହିଁ ଅନେକ ଲୋକଙ୍କର ମାନସିକତା ଆଜି ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି।

ଲୋକବାଣୀଟିର ତତ୍ତ୍ୱ ଏଇଆ ଯେ, ପାଳିତ ଗାଈଟିଏଠାରୁ କ୍ଷୀର ସଂଗ୍ରହ ପାଇଁ ମାଲିକ ଗାଈ ଦୁହାଳୀ ଯିଏ ଯେତେବେଳେ ପ୍ରୟାସ କରନ୍ତି ଯଦି ଗାଈଟି ସୁଧାର ବା ଶାନ୍ତ ଶିଷ୍ଟ ହୋଇଥାଏ ତେବେ କେତେବେଳେ ସେଇ ଗାଈ ଖୁଣ୍ଟରେ ବା ପଛ ଗୋଡ଼ରେ ରସିଛନ୍ଦି ସେଇଠି ବାନ୍ଧି ଦିଅନ୍ତି ତା'ର ଶିଶୁ-ବାଛୁରୀକୁ। ବାସ୍ ଶାନ୍ତ ହୋଇ ଛିଡ଼ା ହୋଇଥାଏ ଗାଈଟି। କ୍ଷୀର ଖାଇବାକୁ ଚାହିଁଥାଏ ବାଛୁରୀଟି ମା'ର ପହ୍ନାକୁ ସତୃଷ୍ଣ ନୟନରେ। ପିଲାପେଟକୁ ତ ଆହାର ଯାଏନି, ମା'ସ୍ତନରୁ କିନ୍ତୁ କ୍ଷୀର ଶୋଷିନିଏ ଗାଈ ଦୁହାଁଳୀ ଜଣକ। ଆଉ ସମସ୍ତ କ୍ଷୀର ସଂଗ୍ରହ କରି ସାରିବା ପରେ ପିଲାକୁ ବନ୍ଧନ ମୁକ୍ତ କରିଦିଏ। ବାଛୁରୀଟି ବିକଳ ହେଇ ମା'ର ପହ୍ନାରେ ଯେତେ ମୁହଁ ଲଗେଇ ଶୋଷିବାକୁ ଚେଷ୍ଟା କଲେ ବି ବୁନ୍ଦାଏ କ୍ଷୀର ତା' ପାଟିକୁ ଆସେନି। ବିଚରା ଭୋକିଲା ପେଟରେ ଛିଡ଼ା ହୋଇ ରହେ। ଏ ସବୁ ଜାଣିବି ଗାଈଟି ପ୍ରତିବାଦ କରିନଥାଏ। ନିଜ ସ୍ୱାର୍ଥସିଦ୍ଧି ପାଇଁ ଅବିବେକୀ ମଣିଷଟି ମନେ ମନେ ଖୁସି ଜାହିର କରେ ପଶୁଟିର ନିର୍ବୋଧତାକୁ ଲକ୍ଷ୍ୟ କରି। ଏହା ଯେ ପଶୁଟିର ନିର୍ବୋଧତା ନୁହେଁ, ବରଂ ସହନଶୀଳତା ଏକଥା ବୁଝିପାରେନି ଅବିବେକୀ ମଣିଷ। ଆଜିର ସମାଜରେ ଏପରି ଅମଣିଷଙ୍କ ସଂଖ୍ୟା ବୃଦ୍ଧି ସାମାଜିକ ଜୀବନରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଥିଲେ ବି ନିରାକରଣର ବ୍ୟବସ୍ଥା ନାହିଁ।

ଗାଈ ବୋଧହୁଏ ସ୍ଥିର କରି ନେଇଥାଇପାରେ ଦୁଷ୍ଟାମୀ କଲେ ମାଲିକର ଆଘାତ ସହିବାକୁ ପଡ଼ିବ। ଶରୀର ଆହୁରି କ୍ଷତାକ୍ତ ହେବା ସହ ଶିଶୁଟି ବି କଷ୍ଟ ଭୋଗିପାରେ। ତେଣୁ ନିରବ ଶାନ୍ତ ହୋଇ ଛିଡ଼ା ହେଇଗଲେ ଭଲ! ଏମିତି ଅନେକ ଶାନ୍ତ ସ୍ୱଭାବର ମଣିଷ ଭାବିଥା'ନ୍ତି ଦୁଷ୍ଟମାନଙ୍କ ଆକ୍ରମଣରୁ ମୁକୁଳିବା ତ ସହଜ କିମ୍ବା ସମ୍ଭବ ନୁହେଁ, ବରଂ ମୁହଁ ପୋତି ରହିଗଲେ ଜୀବନ ପ୍ରତି ବିପଦ କମିଯିବ।

ସବୁକୁ ସହିଯିବା ମାନସିକତାକୁ କିନ୍ତୁ ନିର୍ବୋଧତା ବୋଲି କୁହାଯାଏ। 'ଇନୋସେନ୍‌ସୀ ଇଜ୍ ଏ କ୍ରାଇମ୍' ବୋଲି ମଧ୍ୟ କୁହାଯାଇଛି। ନିରବତା, ଅଜ୍ଞାନତାକୁ ଅପରାଧିକ ତତ୍ତ୍ୱ ଭାବରେ ଯେଉଁମାନେ ବିଚାର କରି ଏକଥା କହିଥିଲେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନଥାଏ। କିଛି ଭୁଲ୍ କୌଣସି ଅପକର୍ମ ନକରି, ନିରୀହ, ଶାନ୍ତ ସରଳ ମଣିଷଟି ଅନେକ ଦଣ୍ଡ, କଷ୍ଟ, ନିର୍ଯାତନା ଯେତେବେଳେ ପାଉଥାଏ ତା' ପାଇଁ ଆହା ପଦେ କହିବା ପାଇଁ କେହି ନଥାନ୍ତି। କିମ୍ବା ତା'କୁ ସାହସ ଦେଇ ପ୍ରତିବାଦ କରିବାର ଶକ୍ତି ପ୍ରଦାନ କରିବାକୁ ତା' ଚାରିପଟେ କେହି ନଥା'ନ୍ତି। ତେଣୁ ସେ ଭାବିନିଏ ଯେତେ ଅନ୍ୟାୟ, ଅତ୍ୟାଚାର ତା' ପ୍ରତି ହେଲେ ମଧ୍ୟ ମୁଣ୍ଡ ପୋତି ସହିଗଲେ ଭଲ। ତା' ବେକରେ ଗାଈର ଗୋଡ଼ରେ ବନ୍ଧା ହୋଇଥିବା ବାଛୁରୀ ପରି ପରିବାର ଲୋକେ ବନ୍ଧା ହୋଇ ରହିଛନ୍ତି। ସେମାନେ ବି ବିପଦରୁ ରକ୍ଷା ପାଇଯିବେ। ଏମିତି ଶାନ୍ତ, ଶୃଙ୍ଖଳିତ ମଣିଷମାନେ ବଞ୍ଚି ରହିବା ପାଇଁ ଏବଂ ତାଙ୍କୁ ବଞ୍ଚେଇ ରଖିବା ପାଇଁ ସମାଜର ଅନ୍ୟମାନଙ୍କର ବି ଦାୟିତ୍ୱବୋଧ ରହିବା ଆବଶ୍ୟକ। ସେମାନେ ନିରବତା ଗୁଣକୁ ତାତ୍ସଲ୍ୟ ନକରି ସାହସ ଦେଲେ, ସମର୍ଥନ ଯୋଗାଇଦେଲେ ହୁଏତ ସରଳ ମଣିଷଟି ତୁଣ୍ଡ ଖୋଲି କିଛି ପ୍ରତିବାଦ କରିବାରେ ସକ୍ଷମ ହେଇପାରେ।

ସମାଜର ସବୁକ୍ଷେତ୍ରରେ କ'ଣ ଏମିତି ଶାନ୍ତ, ସରଳ ମଣିଷମାନେ ନିଷ୍ପେଷିତ ହେଉଥିବେ ଆଉ ବାହୁବଳୀମାନେ ଯନ୍ତ୍ରଣା ଦେଇ ଚାଲୁଥିବେ? ଆମେ କେବଳ କହିବା 'ଆଇନ୍‌ର ଆଶ୍ରୟ ନିଅ' ନ୍ୟାୟ ମିଳିବ। ଏପରି ସାନ୍ତ୍ୱନା ଯଥେଷ୍ଟ ନୁହେଁ। ନ୍ୟାୟଳୟରୁ କିମ୍ବା ଭଦ୍ରଲୋକଙ୍କ ଠାରୁ ନ୍ୟାୟ ଆଶା କରିବା, ଅଧିକାର ସାବ୍ୟସ୍ତ କରିବା, ଆଜିର ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରି, ନ୍ୟାୟପାଳିକାକୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ। ଅଶାନ୍ତ ପରିବେଶ ସୃଷ୍ଟି ହେଲେ ସାମାଜିକ ଜୀବନ ନଷ୍ଟ ଭ୍ରଷ୍ଟ ହେବ। ଏକ ସୁସ୍ଥ ସମାଜ-ସୁନ୍ଦର ଜୀବନ ସ୍ୱପ୍ନ ପ୍ରାୟ ମନେ ହେବ।

ସବୁବେଳେ ଅତ୍ୟାଚାରୀ, ସ୍ୱାର୍ଥପର ମଣିଷର ସ୍ୱାର୍ଥ ସିଦ୍ଧି ହୋଇନଥାଏ। ମଣିଷକୁ ଜିତିଗଲେ ବି ପରମେଶ୍ୱରଙ୍କ ବିଚାରାଳୟରେ ସେ ନିଶ୍ଚିତ ଦଣ୍ଡିତ ହେବ, ଏହା ନିଃସନ୍ଦେହ। ସେତେବେଳେ ନା ଥିବ ଶକ୍ତି ବା କ୍ଷମତା।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

## ବିପ୍ଳବର ବାଣୀ-ନନ୍ଦନ ସଚ୍ଚିଦାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏଡ଼ିକି ସେ ଅମାନିଆଁ ପିଲା, ଫଉଜର ଗୁଳିଗୋଳା ରଜା ଝଡ଼ କିଛି ନ ମାନିଲା / ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି।' ଅତ୍ୟାଚାର, ଉତ୍ପୀଡ଼ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଢେଙ୍କାନାଳର ସେହି ଚିର ଅମ୍ଳାନ ବାଜିରାଉତଙ୍କ ଅସାମାନ୍ୟ ବୈପ୍ଳବିକ ବାଣୀ ସଚ୍ଚିଦାନନ୍ଦ ଆବିଷ୍କୃତ କରି ନେଇ ଆସିଲେ ମହାକାଶର ଅଦୃଶ୍ୟ ଅଥଚ ଅମଳିନ ତେଜୋଦୀପ୍ତ ତରଙ୍ଗରୁ। ସଚ୍ଚିଦାନନ୍ଦ ରାଉତରାୟ ବୀର ସନ୍ତାନ ବାଜି ରାଉତଙ୍କ ହୃଦୟକୁ ପ୍ରବେଶ କରିଛନ୍ତି, ନା ବାଜି ରାଉତ ଏକ ସୂକ୍ଷ୍ମ ଆଲୋକରେଖା ହୋଇ ତାଙ୍କ ଛାତିକୁ ଦୋହଲାଇ ଦେଇଛନ୍ତି! ସଚ୍ଚି ରାଉତରାୟଙ୍କ 'ବାଜିରାଉତ' ଚିରକାଳ ନିମିତ୍ତ ଏକ ଅଲିଭା ଶିଖା।

ଅନ୍ୟମାନଙ୍କ ଆଖିରେ ସେ ଦୁନିଆକୁ ଦେଖିଥା'ନ୍ତେ କାହିଁକି? ସେଥିପାଇଁ ପାଇଁ ତ ଗାଇ ଉଠିଲେ - 'ତୁମେ ଦେଖିଅଛ ଶିଳାରେ ତାହାର ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ।' 'କୋଣାର୍କ' କବିତାର ଏହି ପଦ ସେହିପରି ଅନ୍ତର୍ଭେଦୀ ହୋଇଉଠିଲା ଓଡ଼ିଶାର ପାଠକଙ୍କ ପାଇଁ। 'ଛୋଟ ମୋର ଗାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' - 'ପଲ୍ଲିଶ୍ରୀ' କବିତା ପୁସ୍ତକର ଏହି କବିତା କେଉଁ ଅନୁରାଗୀଙ୍କ କଣ୍ଠରେ ଧ୍ୱନିତ ହୋଇନାହିଁ! 'ପାଣ୍ଡୁଲିପି' କବିତା ସଂକଳନର ଭାବ-ସମ୍ଭାର ବହୁ ପାଠକଙ୍କ ଦ୍ୱାରା ହୋଇଛି ଆଦୃତ। କେବଳ କବିତା ସର୍ଜନାରେ ସଚ୍ଚିଦାନନ୍ଦ ନିଜକୁ ସୀମିତ ରଖି ନାହାନ୍ତି। 'ମଶାଣିର ଫୁଲ' ରୁଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ତୀକ୍ଷଣ ଅସ୍ତ୍ର। ନିରୀହ ନିଷ୍ପାପ ପଲ୍ଲୀବଧୂର ମୃତ୍ୟୁ ପରେ ବି ଯେଉଁ ସମାଜ ତା'କୁ ବର୍ଣ୍ଣନା କରିପାରେ କଳଙ୍କିନୀ ଦୋଚାରିଣୀ ବୋଲି, ସେଇ ସମାଜକୁ ଜଗୁ ତିଆଡ଼ି ମୁହଁରେ ସେ ଜବାବ ଦେଇଛନ୍ତି - 'ଥାଉ ଥାଉ। ଅନ୍ୟକୁ ବିଚାର କର ନାହିଁ। ମଣିଷ କ'ଣ ମଣିଷକୁ ଠିକ ବୁଝିପାରେ?' ଏ ପ୍ରଶ୍ନ ସେ ଗୋଟିଏ ଗଳ୍ପରେ, ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ସକାଶେ ପଚାରି ନାହାନ୍ତି। ଏହା ପ୍ରତିଟି ଯୁଗର ବିବେକ-ବିଚାରଶୂନ୍ୟ ସମାଜ ପ୍ରତି ସମାନ ଭାବରେ ପ୍ରଯୁଜ୍ୟ। 'ଅନ୍ଧାରୁଆ' ଗଳ୍ପରେ ବି ଶୋଷଣକାରୀ ସମାଜ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। 'ହାତ' ପରି ଗଳ୍ପ କେତେ ନୈରାଶ୍ୟ ଜର୍ଜରିତ ଅନ୍ତରରେ ଭରି ଦେଇଛି ଅପୂର୍ବ ସାନ୍ତ୍ୱନା।

ସାମ୍ୟବାଦୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ସଚ୍ଚି ରାଉତରାୟ ଏକ ନବଯୁଗର ମନ୍ତ୍ରଦାତା। 'ଚିତ୍ରଗ୍ରୀବ' ଉପନ୍ୟାସ ତାଙ୍କର ସାମ୍ୟବାଦୀ ତତ୍ତ୍ୱମୂଳକ ଏକମାତ୍ର ଉପନ୍ୟାସ। 'କବିତା ୧୯୬୨' ପାଇଁ ସେ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କାବ୍ୟିକରୀତି ସହିତ ବାକରୀତିର ସମନ୍ୱୟ ସାଧନ କରି ସେ ଲେଖିଛନ୍ତି କେତେ ଉଚ୍ଚକୋଟୀର କବିତା। ଯତି, ଯମକ, ଉପଧା ଓ ଛନ୍ଦର ଧରାବନ୍ଧା କଟକଣାରୁ କବିତାକୁ ମୁକ୍ତ କରି ଅବାଧ ଭାବ ପ୍ରକାଶ ପାଇଁ ସେ ସୃଷ୍ଟି କରିଦେଲେ ନୂତନ ମାର୍ଗ। ତାଙ୍କର ସାମଗ୍ରିକ କୃତି ସକାଶେ ଲାଭ କଲେ ମଧ୍ୟ ଜ୍ଞାନପୀଠ ପୁରସ୍କାର। 'ଅଭିଯାନ', 'ଅଭିଜ୍ଞାନ', 'ପାଥେୟ', 'ଭାନୁମତୀର ଦେଶେ', 'ହସନ୍ତ', ଆଦି କବିତା 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ଛାଇ' ପରି ଗଳ୍ପ ସଂକଳନ, ଆତ୍ମଜୀବନୀ 'ଉତ୍ତର କକ୍ଷ', 'ଆଧୁନିକ ସାହିତ୍ୟର କେତୋଟି ଦିଗ', 'ସାହିତ୍ୟ: ବିଚାର ଓ ମୂଲ୍ୟବୋଧ' ଭଳି ଉଚ୍ଚତର ଚେତନା-ସମ୍ପନ୍ନ ସାହିତ୍ୟ ସମୀକ୍ଷା କବିଙ୍କ ସିଦ୍ଧିର ଭିନ୍ନ ଭିନ୍ନ ଅର୍ଥପୂର୍ଣ୍ଣ ସଂକେତ। ତେବେ ଯେଉଁ କେତୋଟି କବିତା ଓ ଗଳ୍ପ ସୃଷ୍ଟି ସକାଶେ ସେ ହୋଇଥିଲେ ସର୍ବତ୍ର ଆଦୃତ ଓ ଅଭିନନ୍ଦିତ, ସେହି ସଚ୍ଚି ରାଉତରାୟଙ୍କୁ ତାଙ୍କର ପ୍ରିୟ ପାଠକମାନେ ଆଉ ଖୋଜି ପାଇଲେ ନାହିଁ ଅନ୍ୟ ପୁସ୍ତକଗୁଡ଼ିକରେ; ବିଶେଷତଃ 'ପାଣ୍ଡୁଲିପି' ପରବର୍ତ୍ତୀ ପର୍ଯ୍ୟାୟର କବିତାରେ। ହୃଦୟର ଆବେଗ ଅପେକ୍ଷା ବୌଦ୍ଧିକତାର ଆଧିକ୍ୟ ହେତୁ ତାହା ସାଧାରଣ ପାଠକମାନଙ୍କ ଠାରୁ ଦୂରବର୍ତ୍ତୀ ହୋଇ ଯାଇଛି। କବିତା ରଚନାର ପରୀକ୍ଷା ନିରୀକ୍ଷା ସକାଶେ ଅନେକ ଦୃଷ୍ଟିରୁ ଏହାଦ୍ୱାରା ଓଡ଼ିଆ ସାହିତ୍ୟ ଜଗତ ସମୃଦ୍ଧ ହୋଇପାରିଛି ସୁନିଶ୍ଚିତ। ସଚ୍ଚି ରାଉତରାୟ ଓଡ଼ିଶାର ଅଗଣିତ ପାଠକ ହୃଦୟରେ ଯଦି ଆଜି ବି ରହିଛନ୍ତି ଅମଳିନ। ଓଡ଼ିଆ ଜାତି ଅବା ତାଙ୍କୁ ଦେଇପାରିଛି କ'ଣ? ତାଙ୍କ ସ୍ମୃତିରେ ନିର୍ମାଣ କରିଦେଇଛି ନିଜ ହୃଦୟ ମଧ୍ୟରେ ଏକ ଏକ 'ମାଟିର ତାଜ'। ମାଟି ଓ ମଣିଷର କବି ସଚ୍ଚି ରାଉତରାୟ ସର୍ବଦା ବନ୍ଦିତ ଓ ସ୍ପନ୍ଦିତ ହେଉଥିବେ ପ୍ରତିଟି ଓଡ଼ିଆର ପ୍ରାଣ-ପ୍ରକୋଷ୍ଠରେ। 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ' - ଧ୍ୱନିତ ହେଉଥିବ ଆକାଶ ପବନରେ ଚିରକାଳ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପିଏମ୍ କିଷାନର ୨୧ତମ କିସ୍ତି ପାଇଲେ ଚାଷୀ

ଭୁବନେଶ୍ୱର, ୧୯ ।୧୧(ସମିସ): କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କରାଯାଇଛି। ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ କଲ୍ୟାଣ ଓ ସଶକ୍ତିକରଣ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯୋଗ୍ୟ ଚାଷୀଙ୍କ ନିକଟରେ ପହଞ୍ଚୁ। ଯେପରି କୌଣସି ଯୋଗ୍ୟ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ତତ୍ପର ଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ କେନ୍ଦ୍ର ସରକାର ୩ଟି କିସ୍ତିରେ ୬ ହଜାର ଲେଖାଏଁ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ରାଜ୍ୟର ୩୪.୧୨ ଲକ୍ଷରୁ ଅଧିକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯ ୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ପିଏମ୍ ଧନଧାନ୍ୟ କୃଷି ଯୋଜନାରେ କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ସାମିଲ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିପଦରେ ୩୫୦ କୋଟି...

(୫.୯୯%), ଯୁକ୍ତରାଷ୍ଟ୍ରରେ ୧୩୮ ନିୟୁତ (୩.୯୯%) ଏବଂ ରୁଷରେ ୧୩୩ ନିୟୁତ (୩.୮୪%) ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ବ୍ୟବହାରକାରୀ ଅନ୍ତର୍ଭୁକ୍ତ। ଏହାସହିତ, ୯% ବ୍ୟବସାୟିକ ଆକାଉଣ୍ଟ ମଧ୍ୟ ଏଥିରେ ରହିଛି।

### ବିହାରରେ ପୁଣି...

ଅନ୍ୟପକ୍ଷରେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ତାଙ୍କ ଦଳ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀପଦ ଦାବି କରିଛନ୍ତି। ତେବେ ନୀତୀଶଙ୍କ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ତାଙ୍କ ଭାଇ ଅରୁଣ ଭାରତୀଙ୍କୁ ମନ୍ତ୍ରିପଦ ମିଳିପାରେ ବୋଲି କୁହାଯାଉଛି।

ବିହାର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପି ସର୍ବାଧିକ ଆସନ ପାଇଥିବା ସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଦଳରେ କିଛି ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରିକି ଦଳର କିଛି ବରିଷ୍ଠ ନେତା ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ବିଜେପିରୁ କରାଯାଉ ବୋଲି ଦାବି କରିଛନ୍ତି। ମାତ୍ର ବିହାର ନେତାଙ୍କ ଦାବିକୁ ବିଜେପି ଜାତୀୟ ନେତୃତ୍ୱ ଗ୍ରହଣ କରିନାହାନ୍ତି। ନୀତୀଶଙ୍କ ପରି ବଡ଼ ନେତା ବିହାର ବିଜେପିରେ ନ ଥିବା ଯୋଗୁଁ ବିଜେପି ଏପରି କଷ୍ଟସାଧ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଉଛି।

କୁହାଯାଉଛି ଯେ ବିଜେପି ନିକଟରେ ନୀତୀଶଙ୍କ ବିକଳ୍ପ ନାହିଁ। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ବିଜେପି ବିହାରରେ ଏକାକୀ ସଂଖ୍ୟା ଗରିଷ୍ଠତା ପାଇପାରୁ ନାହିଁ। ପୁନଶ୍ଚ ବିହାର ରାଜନୀତି ବିଶେଷତଃ ଜାତି ଆଧାରିତ ଓ ସୁଶୀଲ କୁମାର ମୋଦିଙ୍କ ପରଲୋକ ପରେ ଜାତୀୟସ୍ତରରେ ମାନ୍ୟତା ପାଇଥିବା କୌଣସି ଓବିସି ଚେହେରା ବିଜେପିରେ ନାହାନ୍ତି। ଗତ ଦେଢ଼ ଦଶନ୍ଧି ଧରି ବିଜେପି ବିହାରରେ ନୀତୀଶ କୁମାରଙ୍କ କନିଷ୍ଠ ସହଯୋଗୀ ହୋଇ ରହିଛି ଓ ଜଣେ ବି ପ୍ରଭାବଶାଳୀ ନେତା ସୃଷ୍ଟି କରିବାରେ ଦଳ ସମର୍ଥ ହୋଇପାରି ନାହିଁ। ଦ୍ୱିତୀୟ କାରଣଟି ହେଉଛି ନୀତୀଶ କୁମାର ବିହାରର କୁର୍ମୀ, ଇବିସି ଓ ମହାଦଳିତ ସମ୍ପ୍ରଦାୟର ପ୍ରମୁଖ ନେତାର ମାନ୍ୟତା ପାଇଛନ୍ତି। ବିହାରର ମୋଟ ମତଦାତାଙ୍କ ମଧ୍ୟରୁ ଏହି ବର୍ଗ ଭୋଟରଙ୍କ ସଂଖ୍ୟା ପ୍ରାୟ ୨୦% ଓ ଗତ ନିର୍ବାଚନରେ ଏହି ବର୍ଗ ହିଁ ଏନ୍‌ଡିଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ନୀତୀଶଙ୍କୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବାର ଆଶଙ୍କା ରହିଛି। ଶେଷ କାରଣଟି ହେଉଛି ନୀତୀଶଙ୍କୁ ଉପେକ୍ଷା କରିବା କେନ୍ଦ୍ର ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଭୟ। ବର୍ତ୍ତମାନ ଲୋକସଭାରେ ଏନ୍‌ଡିଏର ଆସନ ସଂଖ୍ୟା ୨୯୨, ଯାହା ସଂଖ୍ୟା ଗରିଷ୍ଠତାଠାରୁ ମାତ୍ର ୨୦ଟି ଆସନ ଅଧିକ। ନୀତୀଶଙ୍କ ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିନେଲେ ବି କେନ୍ଦ୍ରରେ ବିଜେପି ସରକାର ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ସୃଷ୍ଟି ହେବ ନାହିଁ; ମାତ୍ର ଏହାର ପରିଣାମ ଆଦୌ ଭଲ ହେବ ନାହିଁ। ଯେ କୌଣସି ସମୟରେ ଅନ୍ୟ ଅଂଶୀଦାର ଦଳ ବିଜେପି ସହ ଅସଙ୍ଗତ ମୂଲଚାଲ କରିବାକୁ ବାହାରି ଆସିବେ। ତେଣୁ ବିହାରରେ ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଚାଲୁ ଓ କେନ୍ଦ୍ର ସରକାର ସୁରକ୍ଷିତ ରହୁ ବୋଲି ବିଜେପି ଆପାତତଃ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି।

### ଟ୍ରିବ୍ୟୁନାଲ ସଂସ୍କାର...

ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ ଏବଂ ଆଇନର ସମୀକ୍ଷା ବେଳେ ଜଣାପଡ଼ିଛି ଯେ ଟ୍ରିବ୍ୟୁନାଲ ଆଇନର ଯେଉଁ ବ୍ୟବସ୍ଥାକୁ କୋର୍ଟ ଖାରଜ କରିଦେଇଥିଲେ, ସେହି ଆଇନକୁ ପୁଣି ପ୍ରସ୍ତୁତ କରାଯାଇଛି। ଅବଶ୍ୟ ଏଥିରେ ସାମାନ୍ୟ ଏପଟସେପଟ କରାଯାଇଛି। କିନ୍ତୁ କୋର୍ଟ ଯାହାକୁ ବିରୋଧ କରିଥିଲେ ତାହା ବଜାୟ ରହିଛି। ଯାହାକୁ କୋର୍ଟ ବିରୋଧ କରିଛନ୍ତି, ସେଥିରେ ସଂଶୋଧନ କରିବା ବଦଳରେ ପାର୍ଲାମେଣ୍ଟ ସେହି ପୁରୁଣା ଆଇନ ଆଣି ବିଚାର ବ୍ୟବସ୍ଥାର ଘୋର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଛନ୍ତି।

ମାନ୍ୟବର ବେଞ୍ଚ କହିଲେ ଯେ ଅଦାଲତରେ ପଡ଼ିଥିବା ବିଚାରାଧୀନ ମାମଲାର ସମାଧାନ କେବଳ ବିଚାର ବିଭାଗର ଦାୟିତ୍ୱ ନୁହେଁ, ସଂସଦ ଏବଂ ବ୍ୟବସ୍ଥାପିକା ମଧ୍ୟ ଦାୟିତ୍ୱ ନେବା ଉଚିତ। ଟ୍ରିବ୍ୟୁନାଲ ସଂପର୍କରେ ଆଇନ ପ୍ରଣୟନ ବେଳେ ବିଚାର ବିଭାଗର ଆଦେଶକୁ ସରକାର ମାନିବାକୁ ବାଧ୍ୟ। ବିଭିନ୍ନ ଟ୍ରିବ୍ୟୁନାଲ ପ୍ରଶାସନର ସୁପରିଚାଳନା, ନିଯୁକ୍ତି ଏବଂ କାମରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ନେସନାଲ ଟ୍ରିବ୍ୟୁନାଲ କମିସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୪ ମାସ ମଧ୍ୟରେ ଏଭଳି କମିସନ ଗଠନ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ। ଏହାସହିତ ବିଭିନ୍ନ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅବସର ସୀମା ନେଇ କୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ କାଏମ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଇନକମ୍ ଟାକ୍ସ ଆପେଲେଟ୍ ଟ୍ରିବୁନାଲ ଏବଂ ଏକ୍ସାଇଜ ଆଣ୍ଡ ସର୍ଭିସ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ସଭ୍ୟମାନଙ୍କ ଅବସର ବୟସ ସୀମା ୬୨ ବର୍ଷ ଏବଂ ଏହାର ଅଧ୍ୟକ୍ଷଙ୍କ ବୟସ ସୀମା ୬୫ ବର୍ଷ ରହିବ।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ସଂସ୍କାର ଆଇନରେ ସଂଶୋଧନ କରି ସରକାର ଫିଲ୍ମ ସାର୍ଟିଫିକେଟ ଆପେଲେଟ୍ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲକୁ ଉଚ୍ଛେଦ କରିଥିବା ବେଳେ ଏକାଧିକ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଓ ବୟସ ସୀମାରେ କେନ୍ଦ୍ର ସରକାର ଅନେକ ଅଦଳବଦଳ କରିଥିଲେ। ସୁପ୍ରିମ କୋର୍ଟରେ ଏହାକୁ ଚାଲେଞ୍ଜ କରିଥିଲେ ମାଡ୍ରାସ ବାର ଆସୋସିଏସନ ଏବଂ କଂଗ୍ରେସ ନେତା ଜୟରାମ ରମେଶ।

### ପୁଣି ବାତ୍ୟା...

ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେଣୁ ପ୍ରାଥମିକ ଭାବେ ଏହି ଲଘୁଚାପ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ପାଇଁ ବିପଦ ବଢ଼ାଇଛି। ବଡ଼ କଥା ହେଉଛି ଯେ ଏହା ଅବପାତରେ ପରିଣତ ହେବା ପରେ ଆହୁରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରୁ ନାହିଁ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ ତାରିଖ ସୁଦ୍ଧା ଘନୀଭୂତ ହୋଇ ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବାକୁ ଥିବା ବେଳେ ଏହା ଆନ୍ଧ୍ର ଉପକୂଳକୁ ମୁହାଁଇବାର ପ୍ରାଥମିକ ଆକଳନରୁ ଜଣାପଡୁଛି। ଏହା ଆନ୍ଧ୍ର ଉପକୂଳ ମୁହାଁ ହେଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ ରହିବ। ୨୭ରେ କେନ୍ଦ୍ରାପଡ଼ାଠାରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହେବ। ୨୮ ତାରିଖରେ ଉତ୍ତର-ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟରେ ବାକି ଅଞ୍ଚଳରେ ବର୍ଷା ହେବ। ୨୯ରେ ମୁଖ୍ୟତଃ ଗଞ୍ଜାମ ଓ ଗଜପତି ପ୍ରଭାବିତ ହେବ। ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ପ୍ରାଥମିକ ଭାବେ ଏହି ସମ୍ଭାବ୍ୟ ଅବପାତ/ବାତ୍ୟାଟି ଆସନ୍ତା ୨୯ କିମ୍ବା ୩୦ ବେଳକୁ ସ୍ଥଳଭାଗ ଛୁଇଁପାରେ। ତେଣୁ ଏହା ପ୍ରଭାବରେ ୨୭ କିମ୍ବା ୨୮ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅନ୍ୟ କେତେକ ଜିଲ୍ଲାରେ ବର୍ଷା ହୋଇପାରେ। ଯଦି ଏହା ଆନ୍ଧ୍ର ନିକଟରେ ସ୍ଥଳଭାଗ ଛୁଏଁ, ତେବେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଭାବ ସୀମିତ ରହିବ। ମାତ୍ର ଏହା ଓଡ଼ିଶାର ନିକଟତର ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ସୃଷ୍ଟି ହେବ। ଏମିତି ହେଲେ ରାଜ୍ୟକୁ ଏକ ବଡ଼ କ୍ଷତି ସହିବାକୁ ପଡ଼ିପାରେ। କାରଣ ଏବେ ସାରା ଓଡ଼ିଶାରେ ଧାନ ଅମଳ ସମୟ ଚାଲିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ କ୍ଷେତରେ ହସୁଥିବା ବେଳେ ପଶ୍ଚିମ ଓଡ଼ିଶା ଧାନ ଅମଳ ଆରମ୍ଭ ହୋଇଯାଇଛି। ତେଣୁ ଏ ଦୃଷ୍ଟିରୁ ପ୍ରାୟ ଆସନ୍ତା ୨ ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ବର୍ଷା ଦୃଷ୍ଟିରୁ ବହୁ ସମ୍ବେଦନଶୀଳ ଭାବେ ଗଣାଯାଉଛି। ଏହା ପୂର୍ବରୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଶୀତ ଦିନେ ଅଦିନିଆ ବର୍ଷା ନେଇ ଚିନ୍ତା ବଢିଛି। ଏହା ପୂର୍ବରୁ ୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟ ଉପରେ ବାତ୍ୟା ଜୱାଦର ଗୁରୁତର ପ୍ରଭାବ ପଡ଼ିଥିଲା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ବାତ୍ୟା ଯୋଗୁଁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଚଳିତ ବର୍ଷ ପୁଣି ଥରେ ଏହି ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଛି। ତେଣୁ ସ୍ଥିତିକୁ ଦେଖି ଆଗୁଆ ଧାନ କାଟି ନିରାପଦ ସ୍ଥାନରେ ରଖିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### ସଂପ୍ରସାରଣ ହେବ...

ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରକୁ ପିଟିପିଟି...

ରଖିଛି। ସେପଟେ ମୃତକର ଦେହରେ ଅନେକ କ୍ଷତ ଚିହ୍ନ ରହିଛି। ଅନ୍ୟପଟେ ମୃତକ ବାପିର ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ବାପି ଏକ ଗ୍ୟାସ୍ ଦୋକାନରେ କାମ କରିବା ସହିତ ଗ୍ୟାସ୍ ଡେଲିଭରି କାମ ମଧ୍ୟ କରୁଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟଳିଲେ ଆଉ...

ରହିଥିବା ବେଳେ ମୃତକଙ୍କ ମଧ୍ୟରେ ୪ ପୁରୁଷ ଓ ୩ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ସ୍ଥାନରୁ ୨ଟି ଏକେ ୪୭ ବନ୍ଧୁକ ସହ ମୋଟ ୮ଟି ବନ୍ଧୁକ ଓ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେହିପରି ଆଜି ଆନ୍ଧ୍ର ପ୍ରଦେଶ ପୁଲିସ ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ତିନି ଜଣ ମାଓ ସଂଗଠନ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ ସଦସ୍ୟ, ୫ ଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ୧୯ ଜଣ ଏରିଆ କମିଟି ସଦସ୍ୟ ଥିବା ଜଣା ପଡିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ଅନେକ ମୃତ ମାଓ କମାଣ୍ଡର ମାଡଭି ହିଡମାଙ୍କ ସହ ଘନିଷ୍ଠ ଭାବରେ ଜଡିତ ଥିଲେ ବୋଲି ଆନ୍ଧ୍ର ପ୍ରଦେଶ ପୋଲିସ କହିଛି। ମାଓ ସଙ୍ଗଠନ ନିଜର ଶେଷ ନିଶ୍ୱାସ ନେଉଥିବା ଇଣ୍ଟେଲିଜେନ୍ସ ଏଡିଜି ମହେଶଚନ୍ଦ୍ର ଲଡ଼ା କହିଛନ୍ତି।

### ଦାଦନ ଫେରନ୍ତା...

ଯିବାପାଇଁ ବସ ଅପେକ୍ଷା କରିଛୁ ବୋଲି କହିଥିଲେ। ତେବେ ଅଭିଯୁକ୍ତ ବର୍ତ୍ତମାନ ଆଉ ବନ୍ଧୁଗାଁକୁ ବସ ମିଳିବ ନାହିଁ ଏବଂ ମୋ ଘରେ ରହିଯାଅ ବୋଲି ସେମାନଙ୍କୁ କହିଥିଲା। ପ୍ରଥମେ ପୀଡିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲିଯାଇଥିଲା। । ସେଠାରୁ ଆସି ପୀଡ଼ିତାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ଦୁଷ୍କର୍ମ କରିଥିଲା। ସ୍ତ୍ରୀ ଦୀର୍ଘ ସମୟ ଧରି ନ ଫେରିବାରୁ ସ୍ୱାମୀ ବସଷ୍ଟାଣ୍ଡ ଆସି ସ୍ତ୍ରୀକୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ହେଲେ ସ୍ୱାମୀ ସ୍ତ୍ରୀକୁ ଖୋଜାଖୋଜି କରିବା ବେଳେ ପୀଡ଼ିତା କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଯାଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କେସ ନଂ ୪୩୧ରେ ମାମଲା ରୁଜୁ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ମହିଳାଙ୍କ ବୟାନ ମୁତାବକ ଦୁଷ୍କର୍ମ ଘଟଣା ଘଟିଥିବା ସ୍ଥାନକୁ ଯାଇ ସେଠାରେ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

## AFFIDAVIT

By virtue of an affidavit sworn before the Executive Magistrate, Cuttack, dated-14/11/2025. I, **Roopesh Kumar Rout,** R/o- Ganju Market, Near SBI ATM Booth, Sector-22, UTC- Rourkela (ITS), PO: Rourkela-7, Dist-Sundargarh, Odisha, PIN-769007, declared that I have changed the name of my son from **Charles Prince Rout** to **Prince Rout.** Henceforth, he shall be known as **Prince Rout** for all purposes.

**Roopesh Kumar Rout**

## AFFIDAVIT

I, Kailash Chandra Agrawal, S/o. Chiranjial Kharkawala, resident of Aradhana Apartment,Flat no. 1E, 1st floor, Biswanath lane, Balu Bazar, PS. Lalbag, Dist.-Cuttack, Odisha-753002 declare by this affidavit No..400 , dtd. 19.11.2025 that now onwards I shall be known as **KAILASH CHANDRA KHARKAWALA** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Sohela dtd.12.11.2025, I Mamata Sahu, D/o- Yudhisthir Sahu, resident of Village- Kanakabira, Ps./Dist.- Bargarh, Pin-768030 state that, I have changed my name from **Mamata Duan** to **Mamata Sahu**. Henceforth I shall be known as **Mamata Sahu** for all future purposes.

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated 18.11.2025, I, DURYADHAN KARKARA, S/o- Late Prem Karkara, Vill.- Kurumakot, Po.- Tentulikhunti, Ps.- Tentulikhunti, Dist.- Nabarangpur, Odisha, Pin- 764070, declare that, I have changed the name of my daughter from **PAPA KARKARA** to **LIPSA KARKARA**. Henceforth, she shall be known as **LIPSA KARKARA** for all purposes.

Sd/- Duryadhan Karkara

GOVERNMENT OF ODISHA O-1445

OFFICE OF THE SUPERINTENDING ENGINEER

RURAL WORKS DIVISON GAJAPATI PARLAKHEMUNDI

NATIONAL COMPETITIVE BIDDING THROUGH e-Procurcment

1ST Corrigendum to Tender Call Notice

Identification No. Online Tender 08/GJP/2025-26 T.O Letter No: 3024 Dtd: 29.10.2025

The tender for the works invited vide Tender Identification No. Online Tender 04/GJP/2024-25 is hereby modified as follows due to unavoidable circumstances. The modification dates are as below:

| Sl. No. | Item | Time Schedule as per Original TCN | Time schedule modified as per Corrigendum Notice |
|---|---|---|---|
| 1 | Availability of tender online for bidding. | Dt. 10.11.2025 at 10.00 A.M to 17.11.2025 up to 5.00 P.M. | Dt. 20.11.2025 at 10.00 A.M to 27.11.2025 up to 5.00 P.M |
| 2 | Date & Time of Opening of tender | Dt. 18.11.2025 at 11.00 A.M | Dt. 28.11.2025 at 11.00 A.M |

All other contents will remain unchanged.

Executive Engineer
R.W. Division, Gajapati

OIPR-

**CONFISCATION NOTICE OF TRACTOR & TROLLEY** MM-289

It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number – Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs=7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

Authorized Officer-cum-A.C.F
Brahmapur Forest Division

OIPR-

GOVERNMENT OF ODISHA O-1506

OFFICE OF THE SUPERINTENDING ENGINEER

RURAL WORKS DIVISION, DEOGARH.

E-mail Id – eerw_deogarh@yahoo.co.in

E-Procurement Notice

BID.IDENTIFICATION NO. SERWDGH-Online- 08/2025-26

1. **No of building works** :- (06 Nos)
2. **Estimated cost**:- Approx. Rs.2.54 lakh to Rs.36.22 Lakhs each
3. **Mode of submission of tender:** -Tender shall be submitted online in www.tendersodisha.gov.in
4. **Availability of tender for online bidding:–21.11.2025, 10.00 A.M to 28.11.2025 up to 5.00 P.M**
5. **Date and time of opening of tender:–29.11.2025, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Superintending Engineer
R.W. Division, Deogarh

OIPR-

OFFICE OF THE NOTIFIED AREA COUNCIL: CHAMPUA C-1408

e-Mail: champuanac@gmail.com

No. 2590, Date: 04.11.2025

e-Procurement Notice

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

1. Tender Reference No : EOCHAMPUANAC-NO-58/2025-26
2. Tender I.D No: :
3. Name of the Work : Civil Construction works as mentioned in website
4. No. of works : 13 No.
5. Estimated Cost : Rs. 1005078.00 to Rs. 544149.00
6. Period of Completion : 60 days
7. Date &Time of Bidding : 06.11. 2025 to 17.11.2025 up to 5pm
8. Last date & time for receipt Of bids in the portal : 17 .11.2025 up to 5pm
9. Last date for Submission of documents : On or before 19 .11.2025 up to 5PM (By speed Post/ post)
10. Bids received online shall be opened on dt. : 20 .11.2025 at 9.30 AM
11. Name and address of the Officer inviting Bid : Executive Officer, Champua NAC

Further details can be seen from the procurement portal i.e. www.tendersodisha.gov.in

Executive Officer
Champua NAC

OIPR-

GOVERNEMENT OF ODISHA L-110

AGRICULTURE DEPARTMENT

OFFICE OF THE EXECUTIVE ENGINEER (AGRIL.)

DHENKANAL DIVISION, DHENKANAL

No.1078/ Date 19.11.2025

INVITATION FOR BIDS (IFB)

e-procurement notice

Bid Identification number / Tender call notice no. - EE (A)/D/D-03 of 2025-26

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 8.00 lakhs to 42.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 21.11.2025 at 10.00 hours to 29.11.2025 at 05.00 PM. The bid will be opened on 01.12.2025 at 03.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com

Executive Engineer (Agril)
Dhenkanal Division, Dhenkanal

OIPR-

GOVERNMENT OF ODISHA, A-901

DEPARTMENTOF WATER RESOURCES

Office of the Superintending Engineer,

Mechanical Division, Bhubaneswar.

Email Address: smdivisionbbsr@yahoo.com

e-Procurement Tender Call Notice No.- SE/MDB-11/W/2025-26

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,08,957.00 to ₹ 7,36,172.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.19.11.2025 (10.00 AM) to dt.01.12.2025(5.30 PM) |
| 9. | Last date/ time for receipt of bid in the Portal | : | dt.01.12.2025 (up to 5.30 PM) |
| 10. | Date and Place of opening of Bid | : | dt.02.12.2025 (12.00 Noon onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Superintending Engineer,
Mechanical Division, Bhubaneswar

OIPR-

## AFFIDAVIT

By virtue of an affidavit sworn before Notary Public, Bhubaneswar, on dated 17.11.2025, I Sanjukta Mohanta, W/o- Sanjaya Mohanta, resident at Kabata, Po-Lembo, Sub-Dist- Sukinda, Dist-Jajpur, Odisha, PIN-755018, declare that I have changed my son's name from Sridhartha Mohanta to Himanshu Mohanta. Henceforth, He shall be known as **HIMANSHU MOHANTA** for all future purposes.

## AFFIDAVIT

I Aruna Kumara Acharya, S/o- Prakash Chandra Acharya resident of Muktamaladeipur Sasan, Po.- Banthapalli, Ps.- Polasara, Dist.- Ganjam, Pin-761104, Odisha, declare by this affidavit No. A-ii, Dated 18.11.2025 that now onwards I shall be known as **Arun Kumar Acharya** for all future purposes.

## AFFIDAVIT

I, Someswar Singh(81) of Balijodi, PO: Sonaparbat, PS: Tangarpalli, Dist: Sundargarh do hereby solemnly affirm and state that my name has been wrongly mentioned as SUMESHWAR SINGH in my Adhar Card(352286427342). Whereas my actual name is SOMESWAR SINGH in the educational certificate. Both the names stands for one and same person i.e. myself as per affidavit no A/10, dtd 19.11.2025.

## NOTICE

By virtue of an affidavit sworn before Executive Magistrate Bangomunda I Tejabhanu Mahananda (48) S/o Nityananda Mahananda, Village : Bartunda, P.O: Kapilabhata, P.S: Bangomunda, Bolangir, Odish that I have changed my name from Tejabhanu Mahananda to Teju Mahananda Henceforth, I shall be known as Teju Mahananda for all purposes.

## NOTICE

By virtue of an affidavit sworn before Notary Public, Balangir on 04.11.2025, I, Dhruba Kumar Jain, resident of:- Udaya Nagar, Po/Ps/Dist: Balangir,767001 (Odisha) declare that I have changed my name from Dhrub Kumar Jain to Dhruba Kumar Jain. Henceforth, I shall be known as Dhruba Kumar Jain for all purposes.

## AFFIDAVIT

By virtue of an affidavit before The Notary Public, Titilagarh, on dated-17/11/2025. I, **Trushnarani Dandsena** (new name) formerly called as Trusnarani Mohapatra (old name), D/o Mangilal Dandsena, Permanent resident of At-Swadhinpara, Titilagarh, PO-Titilagarh, PS- Titilagarh, Dist-Balangir (Odisha), PIN- 767033 now residing at the same place declare that I have changed my name from **Trusnarani Mohapatra** (old name) to **Trushnarani Dandsena** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name).

**Trushnarani Dandsena**

## AFFIDAVIT

By virtue of an affidavit no.1034 before the Executive Magistrate, Chandahandi, Dist.: Nabarangpur on dtd.19.11.2025, I, Dinesh Sinha, Village-Telatandi, PO-Saradhapur, PS-Chandahandi, Dist.: Nabarangpur-764077 have changed my name from Dense Sinha to Dinesh Sinha. Henceforth, I shall be known as **Dinesh Sinha** for all purposes.

## AFFIDAVIT

By virtue of an affidavit (CF No.147, dtd- 25/10/2025) sworn before the Executive Magistrate, Gaisilet. I, **Shyamamani Deep,** D/o Madhusudan Deep, permanent & current resident of AT/PO-Ganiapali, PS- Gaisilet, Dist-Bargarh, PIN- 768049, Odisha declare that I have changed my name from **Pritinanda Deep** (old name) to **Shyamamani Deep** (new name). Henceforth, I shall be known as **Shyamamani Deep** (new name) for all purposes.

**Shyamamani Deep**

## NOTICE
(above 18 years of age)

By virtue of an affidavit sworn before the Notary Public, Sambalpur, I, Sairendri Choudhury, resident of Balerpada, Burla, PO/PS–Burla, Dist.: Sambalpur declare that I have changed my name from Sourendri Choudhury (old name) to Sairendri Choudhury (new name). Henceforth, I shall be known as **Sairendri Choudhury** for all purposes.

**Sd/- Sairendri Choudhury**

## AFFIDAVIT

By virtue of an affidavit sworn before Executive Magistrate, Bhadrak vide No.1410, dt-16.08.2025, I, **Manas Ranjan Sankhua,** S/o Chakradhar Sankhua, resident of At-Nuapatna, PO- Grejidarada, PS/Dist- Bhadrak, PIN-756128, Odisha declare that I have change the name of my son from **Aditya Sankhua** to **M.P. Aditya.** Henceforth, he shall be known as **M.P. Aditya** for all future purposes.

**Manas Ranjan Sankhua**

## LOST

I Smt. Hukumat Sahu, W/o-Pilulal Sahu, At/Po-Dumerdihi, Khariarroad, Dist. Nuapada. I have lost my original sale deed Sl. No. 419,plot. 350, 350/520 at the time of transit, after several trial I am unable to found the documents. If anyone finds it, please inform to this mob. No. 9668249884.

## Notice
(above 18 years of age)

By virtue of an affidavit sworn before Notary Public, Bhubaneswar dated 15.11.2025, I RAJALXMI PRADHAN, aged about 47 years, D/o: Dhruba Charan Sahoo, permanent resident of: At: Suara, PO: Koiang, PS: Konark, Dist.: Puri, Odisha, PIN-752118, currently residing at: Plot No: 582/653, Ganganagar, Unit–6, Lingipur, PO: Sisupal PS: Dhauli, Bhubaneswar, Dist.: Khordha, Odisha, PIN–751002, Aadhar No: 4598 3863 6183, declare that I have changed my name from RAJALXMI PRADHAN to RAJALXMI DEI. Henceforth I shall be known as RAJALXMI DEI for all purposes.

**Rajalaxmi Dei**

## AFFIDAVIT

By virtue of an affidavit no.1030 before the Executive Magistrate, Chandahandi, Dist.: Nabarangpur on dtd. 18.11.2025, I, Premanchal Nayak, Village-Sinapali, PO-Dandamunda, PS-Chandahandi, Dist-Nabarangpur, Pin-764077 have changed my name from Premchan Nayak to Premanchal Nayak. Henceforth, I shall be known as **Premanchal Nayak** for all purposes.

## AFFIDAVIT

By virtue of this Affidavit before the Executive Magistrate, Bhubaneswar. **Dt.14.11.25**. I, **KSHETRA BASI BEHERA**, S/o- Budhia Behera, Resident of Kalyani Krushna Nagar Basti, Nuasahi, Nayapalli, Bhubaneswar, Khordha, Odisha-751012 declare that I have changed my name from **KSHETRAMANI BHOI** to **KSHETRA BASI BEHERA** as per my Aadhar card no- 2878 1652 3500. But it has been recorded as **KSHETRAMANI BHOI** in my LIC Policy Bearing No-586300817. **KSHETRA BASI BEHERA** and **KSHETRAMANI BHOI** is one and same identical person.

## AFFIDAVIT

By virtue of an affidavit sworn before The Notary Public, Bhubaneswar dated-19/11/2025. I, **Jijnyasa Jyotirjayasha Routray,** D/o Prasanna Kumar Routray, resident of Plot No. 398-G, Laxmi Nagar, Patia, Bhubaneswar, Dist- Khordha, PIN- 751024, Odisha declare that I have changed my name from **Jiynyasa Jyotirjayasha** to **Jijnyasa Jyotirjayasha Routray.** Henceforth, I shall be known as **Jijnyasa Jyotirjayasha Routray** (new name) for all purposes.

**Jijnyasa Jyotirjayasha Routray**

# କୋରାପୁଟରେ ବଢୁଛି ଶୀତର ପ୍ରକୋପ



➤ ପ୍ରବଳ କୁହୁଡ଼ି, ଦୁର୍ଘଟଣା ଆଶଙ୍କା
➤ ଅସୁମାରୀ ସୌନ୍ଦର୍ଯ୍ୟରେ ବିମୋହିତ ପର୍ଯ୍ୟଟକ

କୋରାପୁଟ,୧୯।୧୧(ସମିସ): ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି।। କୋରାପୁଟ ଜିଲ୍ଲାରେ ଗତ ୨୦୨୦ ମସିହାରୁ ନଭେମ୍ବର ମାସର ତାପମାତ୍ରା ଦେଖିଲେ ଶୀତ ମାତ୍ର ଅଧିକ ରହିଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ପ୍ରକାରେ ଗତ ୨୦୨୦ ମସିହା ନଭେମ୍ବର ମାସ ୧୭ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୨.୪ ଥିଲା ୨୦୨୧ ରେ ୧୨.୦ ଡିଗ୍ରୀ ,୨୦୨୨ ରେ ୯.୫ଡିଗ୍ରୀ ଓ ୨୦୨୩ ରେ ୧୧.୫ କିନ୍ତୁ ୨୦୨୪ ର ଆଜିର ଦିନରେ ୮.୮ ଡିଗ୍ରୀ ରେକର୍ଡ ହୋଇଥିଲା। ଗତକାଲି କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୦.୬ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆଗକୁ ଆହୁରି ପ୍ରବଳ ଥଣ୍ଡା ଅନୁଭୂତ ହେବ ବୋଲି କୋରାପୁଟର ବରିଷ୍ଠ ନାଗରିକ ମାନେ ଆଶା ପ୍ରକାଶ କରିଛନ୍ତି। ସାଧାରଣତଃ ଅକ୍ଟୋବରରୁ ଡିସେମ୍ବର ମାସ ଯାଏଁ କୋରାପୁଟକୁ ଶୀତ ଋତୁର ମାସ ବୋଲି କୁହାଯାଏ। କିନ୍ତୁ ଚଳିତ ବର୍ଷ ଦୀର୍ଘ ୩୦ ବର୍ଷ ତଳେ ଯେଉଁ ଶୀତ ସହ ଥଣ୍ଡା ହେଉଥିଲା ସେପରି ଥଣ୍ଡା ଏବେ ଦୁଇଦିନ ଧରି କୋରାପୁଟରେ ଅନୁଭୂତ ହେଉଛି ବୋଲି କୋରାପୁଟର ବାସିନ୍ଦା ମାନେ ଅନୁଭବର କଥା କହୁଛନ୍ତି। କୋରାପୁଟ ଜିଲ୍ଲାର ଶୀତ ଆଣିଦିଏ ଭିନ୍ନ ଏକ ରୋମାଞ୍ଚ। ଶୀତଦିନେ ପ୍ରକୃତି ବିଛାଇ ଦିଏ ଅସୁମାରୀ ସୌନ୍ଦର୍ଯ୍ୟର ପାହାଡ଼। ପର୍ଯ୍ୟଟକ କୁହନ୍ତି, ଯଦି କାଶ୍ମୀର ଯାଇପାରୁନାହାଁନ୍ତି, ତେବେ ଶୀତ ଋତୁରେ କୋରାପୁଟ ଆସିଲେ ଲାଗେ କାଶ୍ମୀରର ଭ୍ରମ। ଜିଲ୍ଲାର ସୁନ୍ଦର ପାହାଡ଼ ସାଙ୍ଗକୁ ସକାଳର ଘନ କୁହୁଡିର ଚାଦର କୋରାପୁଟର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। କୋରାପୁଟ ଜିଲ୍ଲାରେ ଶୀତର ପରିମାଣ ବଢ଼ିଥିବା ବେଳେ ସକାଳୁ ସକାଳୁ କୁହୁଡି ଓ କାଲୁଆ ଥଣ୍ଡା ସୂର୍ଯ୍ୟାସ୍ତ ପରେ ଆରମ୍ଭ ହୋଇଯାଏ ସୁଲୁସୁଲିଆ ପବନ ଏବଂ ରାତିରେ ଥଣ୍ଡା ପରିବେଶ କୋରାପୁଟର ସୋନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ପହିଲି ଶୀତରେ ସୁନ୍ଦର ହେଉଛି କୋରାପୁଟ। ମାଳଭୂମିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କୋରାପୁଟରେ ଜମିଲାଣି ପର୍ଯ୍ୟଟକଙ୍କ ଭିଡ଼। ସକାଳୁଆ କୁହୁଡ଼ି ସାଙ୍ଗକୁ ଅଳସୀ କ୍ଷେତର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସେହିପରି ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରୁ ସୂର୍ଯ୍ୟୋଦୟ ଓ ଜଳପ୍ରପାତ ଗୁଡିକରୁ ସୂର୍ଯ୍ୟାସ୍ତ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ସକାଳ କୁହୁଡ଼ିର ସୌନ୍ଦର୍ଯ୍ୟରେ ବିଭୋର ହେଉଛନ୍ତି ପର୍ଯ୍ୟଟକ। ସବୁଜ ବନାନୀ, ବଣ ଜଙ୍ଗଲର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ ଆମୋଦିତ କରୁଛି। ବିଶେଷ କରି ଦେଓମାଳି, ତଳମାଳି ପାହାଡ଼ ଓ ଘାଟି ଉପରୁ 'ସକାଳ'ର ମନୋରମ ଦୃଶ୍ୟରେ ମତୁଆଲା ହେଉଛନ୍ତି ପର୍ଯ୍ୟଟକ। ଧୀରେ ଧୀରେ ଶୀତର ପ୍ରକୋପ ବଢୁଥିବା ବେଳେ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢ଼ିବାରେ ଲାଗିଛି। ପର୍ଯ୍ୟଟକ ମାନେ ବିଭିନ୍ନ ପାହାଡ଼ର ପାଦଦେଶ ସମେତ ଅନ୍ୟ ଅଞ୍ଚଳରେ ନାଇଟ୍ କ୍ୟାମ୍ପ କରି ରହୁଛନ୍ତି। ସେହିପରି ତଳମାଳିରେ ମଧ୍ୟ ବହୁ ମାତ୍ରାରେ ପର୍ଯ୍ୟଟକ ନାଇଟ୍ କ୍ୟାମ୍ପ କରି ଥଣ୍ଡା ପାଗର ମଜା ଉଠାଉଛନ୍ତି। ମାଛକୁଣ୍ଡର ଡୁଡୁମା, ପୁଞ୍ଜିସିଲର ଜଳପ୍ରପାତର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି। ସୁଉଚ୍ଚ ଜଳପ୍ରପାତର ମନଲୋଭା ସହିତ ସବୁଜିମା କାଶ୍ମୀରର ଅନୁଭୂତି ଦେଉଥିବା ପର୍ଯ୍ୟଟକ ପ୍ରକାଶ କରିଛନ୍ତି। ଝରଣାରେ ଗାଧୋଇ ମଜା ମଧ୍ୟ ନେଉଛନ୍ତି ପର୍ଯ୍ୟଟକ। ବୁଲି ଆସିଥିବା ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି କୋରାପୁଟର ଅଳସି କ୍ଷେତ। ହଳଦିଆ ଫୁଲର ସମ୍ଭାରରେ ରାସ୍ତା ପାଖର୍ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିବାରୁ ଫଟୋ ଉଠାଇବା ଲାଗି ଭିଡ଼ ଲାଗୁଛି। ଘନ କୁହୁଡି ସାଙ୍ଗକୁ କାକର ବିନ୍ଦୁରେ ପ୍ରକୃତି ରାଣୀ ଝଲସୁଛି। ଏହି ମନଲୋଭା ନୈସର୍ଗିକ ସୌନ୍ଦର୍ଯ୍ୟକୁ ଦେଖି କବି ଓ ପ୍ରକୃତିପ୍ରେମୀର ମନ ଆନମନା ହୋଇପଡୁଛି। ଶୀତୁଆ ସକାଳର ପ୍ରଥମ ପରସରେ ହସିଉଠୁଛି କୋରାପୁଟ ଶସ୍ୟ ଶ୍ୟାମଳା ବସୁଧା।

● କୋରାପୁଟରେ ବାହାର ଲୋକଙ୍କ ଅବାଧ ପ୍ରବେଶ

## ଜିଲ୍ଲା ପ୍ରଶାସନ ସଜାଗ ନହେଲେ ଅଘଟଣ !

ଦାମନଯୋଡ଼ି,୧୯।୧୧(ସମିସ): ଗତ ତିନିଦିନ ପୂର୍ବେ ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରାଜ୍ୟବାସୀ ଯେଉଁ ଚିତ୍ର ଦେଖିଲେ ତାହା ଅତି ସମ୍ବେଦନଶୀଳ ଥିଲା। ତେବେ ଜଗତସିଂହପୁର ଭଳି ସ୍ଥିତି କୋରାପୁଟ ଜିଲ୍ଲାରେ ଉପୁଜିବା ପୂର୍ବରୁ ଜିଲ୍ଲା ପ୍ରଶାସନ ସଜାଗ ରହିବା ନିହାତି ଜରୁରୀ। କୋରାପୁଟ ଜିଲ୍ଲା ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ସୁନାବେଡ଼ା ଠାରେ ଏଚ୍ଏଏଲ୍ ଓ ଦାମନଯୋଡି ଠାରେ ନାଲ୍କୋ ଭଳି ଜାତୀୟ ଉଦ୍ୟୋଗ ରହିଛି। ସେହି ଉଦ୍ୟୋଗ ଗୁଡ଼ିକରେ କାମ କରିବା ପାଇଁ ବାହାର ରାଜ୍ୟରୁ ହଜାର ହଜାର ଲୋକ ଆସୁଛନ୍ତି। ତେବେ ବାହାରୁ ଆସୁଥିବା ଲୋକ ମାନଙ୍କ ସଠିକ୍ ତଥ୍ୟ ଯାଞ୍ଚ କରିବା ସ୍ଥାନୀୟ ପ୍ରଶାସନର ଦାୟିତ୍ୱ। ବିଗତ କିଛି ବର୍ଷ ଧରି ଦାମନଯୋଡି ସ୍ଥିତ ନାଲ୍କୋ ଉଦ୍ୟୋଗରେ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକ ଏଠାକୁ ଆସି ଘର ଭଡ଼ା ନେଇ ରହୁଛନ୍ତି। ତେବେ ଘର ମାଲିକ ମାନେ ଭଡ଼ାଟିଆ ମାନଙ୍କୁ ସଠିକ୍ ଠିକଣା ଯାଞ୍ଚ ନକରି ରଖୁଛନ୍ତି ଓ ସେମାନଙ୍କର ତଥ୍ୟ ସ୍ଥାନୀୟ ପ୍ରଶାସନ ନିକଟରେ ଦାଖଲ କରୁନାହାନ୍ତି। ଏବେ ନାଲ୍କୋ ସମ୍ପ୍ରସାରଣ କାର୍ଯ୍ୟରେ ରାଜ୍ୟ ବାହାରୁ ହଜାର ହଜାର ଅଣ ଓଡ଼ିଆ ଶ୍ରମିକ ଏଠାରେ କାର୍ଯ୍ୟ କରୁଛନ୍ତି। ଭେଜାପୁଟ, ମାଥାଲପୁଟ, ସିମିଳିଗୁଡା, ଟାଉନ୍ସିପ ଆଦି ସ୍ଥାନକୁ ମିଶାଇ ଲୋକ ରହିଛନ୍ତି। ସେମାନଙ୍କ ମଧ୍ୟରେ ସେଭଳି ଅସାମାଜିକ ଲୋକ ନଥିବା କଥାକୁ ଏଡ଼ାଇ ଦିଆଯାଇନପାରେ। କିଛି ଦିନ ତଳେ ଦିଲ୍ଲୀରେ ଘଟିଥିବା ଘଟଣା ମନରୁ ଲିଭିବା ପୂର୍ବରୁ ଜଗତସିଂହପୁର ଚିତ୍ର ସାମ୍ନାକୁ ଆସିଲା। ଏହି ଦୁଇଟି ଘଟଣା ସୂଚାଇ ଦେଉଛି କି, ଆଗକୁ ଆସୁଥିବା ସମ୍ଭାବ୍ୟ ବିପଦରୁ ନିଜକୁ ରକ୍ଷା କରିବା ପାଇଁ ପୂର୍ବ ସତର୍କତା ଅବଲମ୍ବନ ନିହାତି ଜରୁରୀ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ସ୍ଥାନୀୟ ପ୍ରଶାସନ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି। କୋରାପୁଟ ଜିଲ୍ଲା ଏକ ଶାନ୍ତ ସରଳ ଜିଲ୍ଲା , ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ସଜାଗ ରହିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ସର୍ଭେ କାର୍ଯ୍ୟରେ ନିୟୋଜିତ ଶିକ୍ଷକଙ୍କୁ ପ୍ରାପ୍ୟ ମିଳୁନି

କୋଟପାଡ଼, ୧୯।୧୧(ସମିସ): ଅଧାରୁ ପାଠପଢ଼ା ଛାଡ଼ିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ, ପାଠପଢ଼ାର ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ନେଇ ଏକ ସର୍ଭେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଅନ୍ତର୍ଗତ କୋଟପାଡ଼ ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇ ସର୍ଭେ କାର୍ଯ୍ୟ କରାଯାଇଥିବା ଖବର ହସ୍ତଗତ ହୋଇଛି। ଉଦୁଉଦିଆ ଖରାର ପ୍ରକୋପକୁ ସହ୍ୟ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଘର ଘର ବୁଲି ସର୍ଭେ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା କରିଥିବା ମଧ ଜଣାପଡିଛି। ସର୍ଭେ କାର୍ଯ୍ୟ ସଂପାଦନ ପରେ ଘର ପିଛା ୫ ଟଙ୍କା ପ୍ରାପ୍ୟ ପ୍ରଦାନ କରିବାର ଚିଠି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାଶ ନିଜ ଚିଠି ନମ୍ବର ୫୪୨୮/କ୍ୟୁଏଲ/୨୦୨୫ ତା ୧୩/୦୫/୨୦୨୫ରିଖ ଅନୁଯାୟୀ ପ୍ରଦାନ କରିବାର ନିର୍ଦ୍ଦେଶନାମା ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକମାନଙ୍କୁ ପ୍ରେରଣ କରିଛନ୍ତି। ଦୀର୍ଘ ୬ମାସରୁ ଅଧିକ ସମୟ ବିତାଯାଇଥିବା ସତ୍ତ୍ୱେ ପ୍ରାପ୍ୟ ପାଇନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରାପ୍ୟ ପାଇନଥିବା ନେଇ ବାରମ୍ବାର ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ସପ୍ନେଶ୍ୱର ନାୟକଙ୍କୁ ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ନଥିବା ଜଣାପଡ଼ିଛି।

## ପିଏମ୍ କିସାନ୍ ସହାୟତା ରାଶି ବଣ୍ଟନ



ନବରଙ୍ଗପୁର,୧୯।୧୧(ସମିସ): ପିଏମ କିସାନ୍' ଯୋଜନା ଅଧୀନରେ ୨୦୨୫-୨୬ ବର୍ଷ ପାଇଁ ୨୧ତମ ସହାୟତା ଅର୍ଥବିତରଣ କାର୍ଯ୍ୟକ୍ରମ ଆଜି ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ଏବଂ ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର କୋଏମ୍ବାଟୁରରୁ ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଜାତୀୟ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଏବଂ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇ, ପିଏମ-କିସାନ୍ ଯୋଜନା କୃଷକମାନଙ୍କ ଆର୍ଥିକ ସଶକ୍ତିକରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବୋଲି ଉଲ୍ଲେଖ କରିଥିଲେ ମୁଖ୍ୟ ଅତିଥି ନବରଙ୍ଗପୁର ବିଧାୟକ ଶ୍ରୀ ମାଝୀ। ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳୀଖୁଣ୍ଟି ବ୍ଲକର ସର୍ବମୋଟ ୧୦୦ ଜଣ କୃଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେଭଳି ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ପିଏମ୍ କିସାନ୍ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ଲୋକସଭା ବଳଭଦ୍ର ମାଝି ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜ ବିହାରୀ ଦାସ, ବାସନ୍ତୀ ମାଝୀ, ରାମ ନାୟକ ଓ କୃଷି ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାର ୧୦୪୦୯୩ ଜଣ କୃଷକ ଙ୍କ ଜମା ଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହିସାବରେ ମୋଟ ୨୦ କୋଟି ୮୧ ଲକ୍ଷ ୮୬ ହଜାର ଟଙ୍କା ଆଜି ଜମା ହୋଇଛି। ମିଶନ ଶକ୍ତି ସମ୍ମିଳନୀ ଗୃହରେ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଡିଆଇପିଆର୍ ଓ ମନୋଜ ବେହେରା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ସମସ୍ତ ବ୍ଲକ୍ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ,କୃଷି ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଆଖି ଅପରେସନ କରି ହନ୍ତସନ୍ତ ୫ ବୟସ୍କ



ଲକ୍ଷ୍ମୀପୁର,୧୯।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅନ୍ତର୍ଗତ ସୁତିଗୁଡ଼ା ଗାଁର ୫ ଜଣ ବୃଦ୍ଧା ଭଲ ଭାବେ ଦେଖି ପାରୁ ନ ଥିଲେ। ଏହି ସମୟରେ ରାୟଗଡ଼ାରୁ କିଛି ଲୋକ ଏହି ଗାଁକୁ ଆସି ଆଖି ସମସ୍ୟା ଜନିତ ରୋଗୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉନ୍ନତମାନର ଚିକିତ୍ସା ମାଗଣାରେ ଦେବାକୁ କହିଥିଲେ। ଏହି ବୃଦ୍ଧା ମାନଙ୍କୁ ସୁନିଲ ନାମକ ବ୍ୟକ୍ତି ଓ ତାର ସହଯୋଗ ରାୟଗଡ଼ାର ଏକ ଘରୋଇ ହସ୍ପିଟାଲକୁ ନେଇ ସେମାନଙ୍କୁ ଅପରେସନ କରାଇଥିଲେ। ମାଗଣା ସେବା ଯୋଗାଇବା କହି ସେମାନଙ୍କ ଆୟୁଷ୍ମାନ କାର୍ଡ ବ୍ୟବହାର କରି ସେଥିରୁ ଟଙ୍କା ନେଇ ଅପେରସନ୍ କରିଥିଲେ। ପୂର୍ବ ଅପେକ୍ଷା ଅପରେସନ ପରେ କିଛି ଦେଖା ଯାଉ ନ ଥିବା ବୃଦ୍ଧା ଯଥା ସା. ମାଣ୍ଡିଙ୍ଗା, କାଟି ମାଣ୍ଡିଙ୍ଗା, ସୁଲୋଚନା ବାଘ, ହାଡ଼ିପ୍ପା ବାଘ, ପ୍ରହଲ୍ଲାଦ ଗରଡ଼ା କହିଛନ୍ତି। ସେମାନେ ଗତ ୬ମାସ ତଳେ ରାୟଗଡ଼ାର ଏକ ଘରୋଇ ହସ୍ପିଟାଲରେ ନିଜ ଆଖି ଅପରେସନ କରିଥିଲେ। ୬ ମାସ ପରେ ପୁଣି ସେହି ଘରୋଇ ହସ୍ପିଟାଲର ସୁନିଲ ଓ ତାର ସହଯୋଗୀ ସୁତିଗୁଡ଼ା ଗାଁକୁ ଯାଇ ଆଉ କିଛି ଲୋକଙ୍କୁ ଆଖି ସମସ୍ୟାର ସଫଳ ଚିକିତ୍ସା କରାଇବା ପାଇଁ ପ୍ରବର୍ତ୍ତାଉ ଥିଲେ। ଖବର ପାଇ ଅପରେସନ ହୋଇଥିବା ବୃଦ୍ଧାମାନେ ସେମାନଙ୍କୁ ଧରି ସବୁ ବିଷୟ ପଚାରି ବୁଝିଥିଲେ। ଏନେଇ ଲକ୍ଷ୍ମୀପୁର ପୁଲିସକୁ ମଧ୍ୟ ଫୋନ ଯୋଗେ ଅବଗତ କରାଇଥିଲେ। ବୃଦ୍ଧବୃଦ୍ଧାମାନଙ୍କ ଆଖି ଚିକିତ୍ସା ସଫଳ ହୋଇ ନଥିବା ବେଳେ ପୁଣି ନିରୀହ ଲୋକଙ୍କୁ ଟାର୍ଗେଟ୍ କରି ଚିକିତ୍ସା ପାଇଁ ନିଆଯିବାକୁ ନେଇ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ପ୍ରଭାତ ଗୁରୁମାଇ ପର୍ଯ୍ୟଟନ ବିକାଶ ପରିଷଦର ନୂଆ କୋଷାଧକ୍ଷ



ନନ୍ଦପୁର,୧୯।୧୧(ସମିସ): ବୁଧବାର ନୂତନ ପର୍ଯ୍ୟଟନ ପରିଷଦ ବୈଠକ ବ୍ଲକ୍ କାର୍ଯ୍ୟାଳୟ ପରିସର ଅନୁଷ୍ଠିତ ହୋଇଯାଇଛି। ପୁନର୍ଗଠନ ହୋଇଥିବା କମିଟିର କୋଷାଧକ୍ଷଙ୍କୁ ବଦଳି କରାଯାଇଛି ।କୋଷାଧକ୍ଷ ଭାବେ ମନୋନୀତ ହୋଇଥିବା ଗୋପାଳ ମାଟାମଙ୍କୁ ବଦଳାଇ ଦିଆଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି । ନୂତନ କୋଷାଧକ୍ଷ ଭାବେ ପ୍ରଭାତ ଗୁରୁମାଇ ମନୋନୀତ ହୋଇଥିବା ବେଳେ ପୂର୍ବରୁ କୋଷାଧକ୍ଷ ରହିଥିବା ଗୋପାଳ ମାଟାମଙ୍କୁ ଉପ ସଭାପତି ଭାବେ ରଖାଯାଇଛି। ପୁନର୍ଗଠନରେ ଅନ୍ୟ ସମସ୍ତ ପଦପଦବୀକୁ ସୁରକ୍ଷିତ ରଖିଥିବା ଜଣାପଡିଛି । ତେବେ କୋଷାଧକ୍ଷ ପଦବୀ ବଦଳିବା ପରେ ଗୋପାଳ ମାଟାମ ଙ୍କୁ ପରିଷଦର ଭାଇସ ଚ୍ୟାରମ୍ୟାନ୍ ରଖାଯାଇଛି ଥିବା ସୂଚନା ଦେଇଛନ୍ତି ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା।

## ଜାଡ଼ରେ ଥରୁଛି ଉମରକୋଟ



ଉମରକୋଟ,୧୯।୧୧( ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହର ଜାଡ଼ରେ ଥରୁଛି। ସକାଳୁ ସକାଳୁ କିଛି ଲୋକ ଚା ଦୋକାନରେ ଚା' ପିଇ ଶୀତର ମଜା ନେଉଛନ୍ତି। କିଛିଦିନ ଧରି ଏଠାରେ ତାପମାତ୍ରା ନିମ୍ନଗାମୀ ହେଉଥିବାରୁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଫଳରେ ସମ୍ପୂର୍ଣ୍ଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି ପଡ଼ିଛି। ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ଥଣ୍ଡା ରହୁଛି। ଯାହାଫଳରେ ରାସ୍ତା ଘାଟ କୁହୁଡିରେ ଢ଼ାଙ୍କି ହୋଇରହୁଛି। ଭୋର, ସକାଳେ ଗାଡ଼ି ଚଳାଇବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଭଳି ହାଡ଼ଭଙ୍ଗା ଶୀତର ପ୍ରଭାବ ବିଶେଷ କରି ଶ୍ରମିକ ଓ ଦିନ ମଜୁରିଆ, ବୁଢାବୁଢ଼ୀ, ଭିକାରୀଙ୍କୁ ଦେଖିବାକୁ ମିଳିଛି । ସନ୍ଧ୍ୟା ୭ ଟାରେ ଦୋକାନ ବଜାର ବନ୍ଦ କରିଥିବା ବେଳେ ସକାଳ ୧୦ ପରେ ଖୋଲୁଥିବା ଦେଖିବାକୁ ମିଳିଛି । ଉମରକୋଟ, ବେହେରା, ରାଇଘର ଝରିଗାଁ, ଚନ୍ଦାହାଣ୍ଡି, ରାସ୍ତାରେ ଗାଡ଼ି, ମଟର ଚଳାଚଳ କୁହୁଡି ଯୋଗୁଁ ପ୍ରଭାବିତ ହୋଇଛି। ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଉମରକୋଟ ସହର ମଧ୍ୟରେ ରାସ୍ତା କଡ଼ରେ ସ୍ଥାନେ ସ୍ଥାନେ ଲୋକେ ନିଆଁ ଲଗାଇ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଠିଆ ହୋଇଥିବା ଦେଖିବାକୁ ମିଳିଛି। କିଛି ଲୋକ ସକାଳୁ ପ୍ରାତଃଭ୍ରମଣ କରି ନିଜ ଶରୀରକୁ ଫିଟ୍ ରଖିବାକୁ ପାର୍କ ଓ ଷ୍ଟାଡିୟମରେ ବ୍ୟାୟାମ କରୁଥିବା ଦେଖିବାକୁ ମିଳିଛି।

## ସତ୍ୟସାଇ ବାବାଙ୍କ ଶତବାର୍ଷିକ ଉତ୍ସବ

ସେମିଳିଗୁଡ଼ା, ୧୯।୧୧ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ସହରର ସତ୍ୟସାଇ ସେବା ସମିତିର ତତ୍ତ୍ୱାବଧାନରେ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ପାଳନ ମହାସମାରୋହରେ ଆରମ୍ଭ ହୋଇଛି। ୧୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଥମ ଦିନ ଶୁକ୍ରବାର, ପ୍ରେମ ଅର୍ପଣ, ସ୍ୱତନ୍ତ୍ର ନାରାୟଣ ସେବା ଏବଂ ଶହେ ମିନିଟ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟଦିନ, ଶନିବାର, ମହିଳାମାନଙ୍କ ଦ୍ୱାରା ଶ୍ରୀ ସତ୍ୟସାଇ ବ୍ରତକଳ୍ପମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନେକ ମହିଳା ଅଂଶଗ୍ରହଣ କରି ଭକ୍ତିରସହିତ ବ୍ରତ କରିଥିଲେ। ରବିବାରରୁ ବୁଧବାର ପର୍ଯ୍ୟନ୍ତ ପୂଜା କାର୍ଯ୍ୟକ୍ରମ ଏବଂ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ସଂଯୋଜକ ଏମ୍. ମହାଦେବ କହିଛନ୍ତି।

## ୨୫ରେ ସରିବ ଆଦର୍ଶ ପ୍ରବେଶିକା ପରୀକ୍ଷା ଆବେଦନ

କୁନ୍ଦୁରା,୧୯।୧୧(ସମିସ): ଚଳିତ ମାସ ୨୫ ତାରିଖରେ ସରିବ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ। ଗତ ୧୨ ତାରିଖ ଠାରୁ ଚାଲିଛି ଅନ୍‌ଲାଇନ୍ ଆବେଦନ। ଏଥିରେ କୁନ୍ଦୁରା ବ୍ଲକର ଛାତ୍ରଛାତ୍ରୀ ଏବଂ ଏହି ବ୍ଲକରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଷଷ୍ଠ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରି ପାରିବେ। ଆସନ୍ତା ଜାନୁୟାରୀ ୯ ତାରିଖରେ ଲିଖିତ ପରୀକ୍ଷା ହେବ। ଚଳିତ ବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ୮୦, ସପ୍ତମ ୩୭, ଅଷ୍ଟମ ୧୨ ଏବଂ ନବମ ପାଇଁ ୧୫ଟି (ସିଟ୍) ଖାଲି ରହିଛି । ଏଣୁ ଏହି ସମୟ ସୀମା ମଧ୍ୟରେ କୁନ୍ଦୁରା ବ୍ଲକ ଅଞ୍ଚଳରୁ ଛାତ୍ରଛାତ୍ରୀ ଆବେଦନ କରିବାକୁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

ପାପଡାହାଣ୍ଡି,୧୯।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଓଡ଼ିଆ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ପାପଡାହାଣ୍ଡି ସ୍ଥିତ ଶହୀଦ ମିନାର ଠାରୁ ନବରଙ୍ଗପୁର ମାଝୀଗୁଡା ସ୍ଥିତ ଖେଳ ପଡିଆ ପର୍ଯ୍ୟନ୍ତ ଏକ ଭାରତ ଆତ୍ମନିର୍ଭର ଭାରତ ନାରା ନେଇ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ପାପଡାହାଣ୍ଡି ସହିଦ ମିନାର ଠାରୁ ୯୦ ମିଟର ଲମ୍ବା ତ୍ରିରଙ୍ଗା ପତକା ସହିତ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପଦଯାତ୍ରାରେ ବିଦ୍ୟାଳୟ, ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ସୋମନାଥ ପୁଜାରି, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା,ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ, ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜ କୁମାର ଅଗ୍ରୱାଲ, ଦୀନବନ୍ଧୁ ବିଶୋଇ,ତ୍ରିନାଥ ଅମନାତ୍ୟ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ, ପାପଡାହାଣ୍ଡି ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସତ୍ୟଜିତ କଣ୍ଡେଙ୍କେଲ, ଥାନା ଅଧିକାରୀ ଦୀପକ କୁମାର ଜେନା,ଜିପିଓ ଅକ୍ଷୟ ପଟ୍ଟନାୟକ, ବିପିଏମ ସୁଧାଂଶୁ ଶେଖର ବିଶ୍ୱାଳ, ବିଏସଏସଓ ସୁବ୍ରତ କିସାନ, ଜେଇ ପ୍ରଶାନ୍ତ କୁମାର ସାହୁ, ଶିଶୁ?କାଶ ବିଭାଗ ସୁପରଭାଇଜର ଚନ୍ଦନା ମହାରଣା, ଅଙ୍ଗନବାଡି କର୍ମୀ ,ବିଭିନ୍ନ ସ୍ୱୟଂସହାୟକ ଦଳର ସଭ୍ୟା, ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର, ଛାତ୍ରୀ, ଗ୍ରାମବାସୀ, ବୁଦ୍ଧିଜିବି, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ କାର୍ଯ୍ୟକର୍ତା ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମୃଗ ବିହାର ନିକଟରେ ବିଭିନ୍ନ ସ୍ୱୟଂସହାୟକ ଦଳ ତରଫରୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ପର୍ଯ୍ୟଟନ ବିକାଶ ପରିଷଦର ପ୍ରଥମ ବୈଠକ

ନନ୍ଦପୁର, ୧୯।୧୧(ସମିସ):



ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ କମିଟି ପୁନର୍ଗଠନ ପରେ ପ୍ରଥମ ବୈଠକ ବୁଧବାର ନନ୍ଦପୁର ଶହୀଦ ଲକ୍ଷ୍ମଣ ନାୟକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ନୂତନ ସଭାପତି ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ପ୍ରଥମେ ବୈଠକରେ ଉପସ୍ଥିତ ରହିଥିବା ଭଦ୍ର ମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ନନ୍ଦପୁର ବ୍ଲକ୍‌ରେ ରହିଥିବା ସମସ୍ତ ଛୋଟ ବଡ଼ ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ ଆଲୋକପାତ କରି ସଭା କାର୍ଯ୍ୟ ଆଗକୁ ବଢ଼ାଇବା ପାଇଁ ଅନୁମତି ଦେଇଥିଲେ। ତେବେ ଗଠନ ହୋଇଥିବା ନୂତନ କମିଟି ଯେପରି ଆନ୍ତରିକତା ସହ ପର୍ଯ୍ୟଟନ ବିକାଶ ପରିଷଦ ଉପରେ ନିସ୍ୱାର୍ଥପର କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ପରିଷଦ ମାଧ୍ୟମରେ ଯେପରି ଦୁର୍ନୀତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ମତ ରଖିଛନ୍ତି ବିଧାୟକ ଶ୍ରୀ କାଡ଼ାମ। ପ୍ରତି ଗ୍ରାମ ପଞ୍ଚାୟତସ୍ତରରେ ରହିଥିବା ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରଣ ନିମନ୍ତେ ସ୍ଥାୟୀ ସଦସ୍ୟ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ନେଇ ଏକ ଉପ କମିଟି ଗଠନ କରି କାର୍ଯ୍ୟକାରୀ କରିବାକୁ ନିଷ୍ପତି ନିଆଯାଇଥିଲା। ପୂର୍ବରୁ କମିଟର ରହିଥିବା ବ୍ୟାଙ୍କ୍ ଖାତା ବଦଳ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ତୁରନ୍ତ କରିବାକୁ ପରାମର୍ଶ ଦେଇଥିଲେ ପରିଷଦର ସଭାପତି ତଥା ବିଧାୟକ ଶ୍ରୀ କାଡ଼ାମ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ପୂର୍ବତନ ପରିଷଦର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ପାଙ୍ଗି, ବଶିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ପୂର୍ବତନ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ବରିଷ୍ଠ ନେତା ଜୟରାମ ଭୋଇ, ସେକ ଗୋଫୁର, ସୁରେନ୍ଦ୍ର ଖେମୁଣ୍ଡୁ, ସୂର୍ଯ୍ୟନାରାୟଣ ଖେମୁଣ୍ଡୁ, , ରାମକୃଷ୍ଣ ପଡ଼ା, ବିଧାୟକ ପ୍ରତିନିଧି କାମେଶ କାମୁଡି, ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ପ୍ରଭାତ ଗୁରୁମାଇ, କେଶବ ଖରା, ସାମାଜିକ କର୍ମୀ ଆକାଶ ଖିଲ, ନୀଳାମ୍ବର ହଁସା ସମେତ ୨୩ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ବୁଦ୍ଧଜୀବୀ ଯୋଗ ଦେଇଥିଲେ।

## ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣରେ ବିଳମ୍ବ;ଲୋକେ ହନ୍ତସନ୍ତ

ତେନ୍ତୁଳିଖୁଣ୍ଟି,୧୯।୧୧(ସମିସ):



➤ ବିଭାଗୀୟ ସମନ୍ୱୟ ଅଭାବ ଅଭିଯୋଗ
➤ ଯେଉଁଠି ବାଧା, ସେଇଠି ରାସ୍ତା ସଂକୁଚିତ ପାଇଁ ମସୁଧା

ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ଠାରୁ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଜାରି ରହିଛି। କିନ୍ତୁ କାର୍ଯ୍ୟରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନଥିବା ଅଭିଯୋଗ ହେଉଛି। କିଏ କେଉଁଠି ବ୍ୟକ୍ତିଗତ ଜମି ଦେଖାଇ ରାସ୍ତା କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ତ କେଉଁଠି ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ରାସ୍ତା କାର୍ଯ୍ୟରେ ବିଳମ୍ବ ହେଉଛି। ଦରଖଣ୍ଡିଆ ରାସ୍ତାରେ ଯାତାୟାତ କରି ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାସ୍ତା କାର୍ଯ୍ୟରେ ବିଳମ୍ବ ସମସ୍ୟା ଦୁଇଗୁଣିତ କରୁଛି । ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ମୁଖ୍ୟ ରାସ୍ତା ଉପରେ ପାଇପ ପୋତି ଥିବା ବେଳେ ରାସ୍ତାପ୍ରଶସ୍ତିକରଣରେ ବାଧା ଉପୁଜିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ପ୍ରକାଶିତ ଖବରକୁ ଅଣଦେଖା କରି କାର୍ଯ୍ୟ କରିଥିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ। ବର୍ତ୍ତମାନ ରାସ୍ତା କାର୍ଯ୍ୟରେ ବିଭାଗୀୟ ଅଧିକାରୀଙ୍କ ସହଯୋଗ ମିଳୁନଥିବାରୁ ରାସ୍ତା କାର୍ଯ୍ୟରେ ବିଳମ୍ବ ହେଉଛି। ସେହିଭଳି ରାସ୍ତାର ଉଭୟ ପାଖର୍ରେ ଥିବା ବୃକ୍ଷ ଗୁଡିକ ହଟାଇବା ପାଇଁ ଗଛ ଗଣତି ହୋଇଥିବା ବେଳେ ଜଙ୍ଗଲ ବିଭାଗ ଅନୁମତି ଅପେକ୍ଷାରେ କାର୍ଯ୍ୟ ଅଟକିରହିଛି । ସୂଚନା ଯୋଗ୍ୟ ଯେ ଅନେକ ପୁରୁଣା ନୀଳଗିରି ବୃକ୍ଷ ରାସ୍ତା ଆଡକୁ ଢଳି ବିପଦ ପୂର୍ଣ୍ଣ ଭାବରେ ରହିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି। ରାସ୍ତା କାର୍ଯ୍ୟର ପ୍ରମୁଖ ସମସ୍ୟା ହେଉଛି ଜବରଦଖଲକାରୀଙ୍କୁ ଅବଗତ କରାନଯିବା। ସ୍ଥାନୀୟ ତହସିଲ ପ୍ରଶାସନ ରାସ୍ତା କାର୍ଯ୍ୟରେ ସହଯୋଗ କରୁନଥିବା ଅଭିଯୋଗ ହେଉଛି। ପ୍ରଶାସନ ତରଫରୁ ଜମି ଚିହ୍ନଟ କରି କିଛି ସ୍ଥାନରେ ଚିହ୍ନ ଦିଆଯାଇଥିବା ବେଳେ ବର୍ତମାନ ମଧ୍ୟ ଅନେକ ସ୍ଥାନରେ ଚିହ୍ନଟ ପ୍ରକ୍ରିୟା ହୋଇପାରି ନାହିଁ। କିନ୍ତୁ ଅଧା ସ୍ଥାନରେ ଚିହ୍ନ ଦେଇ ନିଜ କାର୍ଯ୍ୟ ସାରିଦେଇଥିବା ତହସିଲ ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଙ୍କୁ ନୋଟିସ ଦେଇନାହିଁ। ଜମି ଚିହ୍ନଟ ହୋଇନଥିବାରୁ ଅନେକ ସ୍ଥାନରେ ରାସ୍ତା କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଗୁଡିକ ରାସ୍ତା ନିକଟରେ ରହିଥିବା ହେତୁ ସେଗୁଡିକୁ ମଧ୍ୟ ସ୍ଥାନାନ୍ତର ପାଇଁ ଅନୁମତି ହୋଇସାରିଥିବା ବିଭାଗୀୟ ଯନ୍ତ୍ରୀ ଭରତ ତାଣ୍ଡି ସୂଚନା ଦେଇଛନ୍ତି। ସ୍ଥାନାନ୍ତର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ବିଭାଗୀୟ ସହଯୋଗ ଅଭାବ ହେତୁ ଠିକାଦାର କିଛି ସ୍ଥାନରେ ରାସ୍ତା ସଂକୁଚିତ ପାଇଁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ରାସ୍ତା କାର୍ଯ୍ୟରେ ବିଳମ୍ବକୁ ନେଇ ବିଭାଗୀୟ ଯନ୍ତ୍ରୀ ଇଂ . ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ଉପରୋକ୍ତ ସମସ୍ତ ବିଭାଗକୁ ପତ୍ର ଲେଖାଯାଇଛି। ବିଭାଗୀୟ ସହଯୋଗ ମିଳୁନଥିବାରୁ ସମସ୍ୟା ହେଉଛି ବୋଲି କହିଛନ୍ତି।

# ବ୍ଲକ୍‌ସ୍ତରୀୟ ପରବ ପାଇଁ ପ୍ରସ୍ତୁତି ବୈଠକ

ବନ୍ଧୁଗାଁ, ୧୯।୧୧(ସମିସ): ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟର ସମ୍ମିଳାନି କକ୍ଷରେ ପଞ୍ଚାୟତ ଓ ବ୍ଲକସ୍ତରୀୟ ପରବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ମିନତୀ ଜଗଦେବଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗ ଦେଇଥିଲେ । ଏଇଇ ସୌରଭ ନାୟକ, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ପିଡ଼ିକା, ଅତିରିକ୍ତ ଜିଲ୍ଲା ତହସିଲଦାର ଜିତେନ୍ଦ୍ର ବାଗ, ବିଜେପି ବ୍ଲକ ସଭାପତି ଶରତ ପାତ୍ର ବିଧାୟକ ପ୍ରତିନିଧି ଡି ଏଙ୍କାଟି , ବିଜେଡି ଦଳ ବରିଷ୍ଠ କର୍ମୀ ଦୁର୍ଯ୍ୟ ନାଗ, ସରପଞ୍ଚ ଭାସ୍କର ୱାଟାକା, ଲକ୍ଷ୍ମୀ କାଡ୍ରାକା, ସୁନ୍ଦୁରୁ ପିଡିକା, ଗୌରୀ ମେଲେକା, ଶେଖର କଣ୍ଡାଗରି, ସସ୍ମିତା ପିଡ଼ିକା, ୱାଟାକା ଜାଗାନା, ମେଲେକା ଆକାମା, ଜିପିଡିଓ ଅମୀର ଅକ୍ଷୟ କୁମାର ପ୍ରଧାନ, ବିଏସଏସଓ ଦୀପକ କୁମାର ବେଉରିଆ, ଏବିଇଓ ମଦନ ପାଣି, ପୋଲିସ ଏସଆଇ , ସପ୍ଲାଏ ଇନ୍ସପେକ୍ଟର,, ଆରଡି ଜେଇ , କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ଅଙ୍ଗନବାଡି ସୁପରଭାଇଜର, ସମସ୍ତ ପଞ୍ଚାୟତର ଜିପିଇଓ, ଏଡିଇଓ ଓ ସ୍ଥାନୀୟ ସମସ୍ତ ମିଡ଼ିଆ ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଥିଲେ । ପ୍ରତି ପଞ୍ଚାୟତରେ ପରବ ପାଳନ କରାଯାଇ ସେଠାରୁ ସମସ୍ତ ଖେଳ ପ୍ରତିଯୋଗିତା କରି ବିଜୟୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ପରବକୁ ପଠା ଯିବ । ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତା ଗୁଡ଼ିକ ମିନି ଷ୍ଟାଡିୟମ ଠାରେ ଆୟୋଜନ କରାଯିବ । କାର୍ଯ୍ୟକ୍ରମରେ ବିଡିଓ ଅନୁରୋଧ କରିଛନ୍ତି । ଚଳିତ ବର୍ଷ ବନ୍ଧୁଗାଁ ଜଗନ୍ନାଥ ମନ୍ଦିରରୁ ପରବ ମଶାଲ ଆଣିବା ପାଇଁ ସ୍ଥିର କରାଯାଇଛି ।

# ବିନା ଅନୁମତିରେ ଚାଲିଛି ଇକୋ ରିଟ୍ରିଟ୍

## କାହା ଛତ୍ରଛାୟା ତଳେ 'ଗୋ-କୋରାପୁଟ' !

କୋରାପୁଟ,୧୯।୧୧ (ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କୋରାପୁଟ ଜିଲ୍ଲାରେ ଏକାଧିକ ପର୍ଯ୍ୟଟନ କେନ୍ଦ୍ର ରହି ଥିବାବେଳେ ବର୍ଷର ନଭେମ୍ବର ମାସ ଠାରୁ ପ୍ରାୟ ଫେବୃଆରୀ ଶେଷ ପର୍ଯ୍ୟନ୍ତ ଦେଶ ବିଦେଶର ଲକ୍ଷ ଲକ୍ଷ ପର୍ଯ୍ୟଟକ କୋରାପୁଟ ଆସି ଥାଆନ୍ତି । ଏହି ସମୟରେ ଜିଲ୍ଲାର ଲଜ୍, ହୋଟେଲ, ଅତିଥି ଗୃହ ଇତ୍ୟାଦି ଭରି ରହୁଥିବା ବେଳେ ଜିଲ୍ଲା ପ୍ରଶାସନ, ବନ ବିଭାଗ ସମେତ ପର୍ଯ୍ୟଟନ ଏବଂ ପୁଲିସ ବିଭାଗର ଅନୁମତି ନେଇ କିଛି ଘରୋଇ ସଂସ୍ଥା ଓ ବ୍ୟକ୍ତି ବିଶେଷ ପର୍ଯ୍ୟଟନ ସ୍ଥଳୀ ନିକଟରେ ଅସ୍ଥାୟୀ କ୍ୟାମ୍ପ ଓ ବାସସ୍ଥଳୀ ସ୍ଥାପନା କରି ପର୍ଯ୍ୟଟକ ମାନଙ୍କୁ ରହିବା ଖାଇବା ସୁବିଧା ଦେଇ ଥାଆନ୍ତି । ହେଲେ ପର୍ଯ୍ୟଟକ ସଂଖ୍ୟା ଅନୁପାତରେ ଜିଲ୍ଲାରେ ରହିବା ବ୍ୟବସ୍ଥା ଉପଲବ୍ଧ ନଥିବାର ସୁଯୋଗ ନେଇ କେତେକ ଅସାଧୁ ବ୍ୟକ୍ତି ଓ ଠକ ସଂସ୍ଥା ଗୁଡ଼ିକ ବିଭିନ୍ନ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ ପକାଇ ପର୍ଯ୍ୟଟନ ମାନଙ୍କ ଠାରୁ ପ୍ରଚୁର ଅର୍ଥ ଲୁଟୁଥିବା ଭଳି ପରିସ୍ଥିତି ବର୍ତ୍ତମାନ ଦେଖିବାକୁ ମିଳିଛି । ଗତ କିଛି ବର୍ଷ ହେଲା ଜିଲ୍ଲା ପ୍ରଶାସନର ଅନୁମୋଦନ କ୍ରମେ ଏକ ଘରୋଇ ସଂସ୍ଥା ସେମିଳିଗୁଡା ବ୍ଲକର ପୁଟ୍‌ସିଲରେ ଇକୋ ରିଟ୍ରିଟ୍ ଆରମ୍ଭ କରିଛି । ପ୍ରତିବର୍ଷ ନଭେମ୍ବର ମାସରୁ ଏହା ଆରମ୍ଭ ହୋଇଥାଏ । ପ୍ରଶାସନର ନୀତି ନିୟମ ଅନୁଯାୟୀ ଏହା ସଂପୃକ୍ତ ଘରୋଇ ସଂସ୍ଥା ପରିଚାଳନା କରିଥାଏ । କିନ୍ତୁ ବର୍ତମାନ ଦେଖିବାକୁ ମିଳିଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଥିବା ତାଲାମାଡି ପାହାଡ଼ରେ ଗତ ଏକ ମାସ ହେବ ରାଜ୍ୟ ପର୍ଯ୍ୟଟନ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ବିଭାଗର ବିନା ଅନୁମତିରେ ବେଆଇନ ଇକୋ ରିଟ୍ରିଟ୍ ଚାଲିଛି । ଗୋ କୋରାପୁଟ ଓ କୋରାପୁଟ ହିଲଟପ୍ କାର୍ଣୀବାଲ ବା କେଏଚସି ନାଁରେ ଇକୋ ରିଟ୍ରିଟ ଗତମାସ ଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ । ତେବେ ଉପରୋକ୍ତ ସଂସ୍ଥା ଅସ୍ଥାୟୀ କ୍ୟାମ୍ପ୍ ତାଡାମାଲିରେ ଚାଲିବାର ମାସେ ହୋଇଥିଲେ ସୁଦ୍ଧା ଏଥିପାଇଁ




ସ୍ଥାନୀୟ ବ୍ଲକ. ଜିଲ୍ଲା ପ୍ରଶାସବ କିମ୍ବା ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ସୂଚନା ନଥିବା ଜଣାପଡିଛି । ଏହି ଦୁଇଟି ସଂସ୍ଥା ବେଧଡ଼କ ଭାବେ ହୋଟେଲ, ରେଷ୍ଟରାନ୍ଟ, ଉଇଣ୍ଟର ପ୍ରୁଫ ବିଳାସ କ୍ୟାମ୍ପ୍ କରି ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ନିକଟରୁ ଚଢା ଦରରେ ଅର୍ଥ ଆଦାୟ କରୁଛନ୍ତି । ଓଡିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ପରେ କୋରାପୁଟ ଜିଲ୍ଲାର ତାଲାମାଡି ପର୍ଯ୍ୟଟନ ସ୍ଥଳୀ ଅତି ରୋମାଞ୍ଚକ ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସମତଳ ବିସ୍ତୃତ ପାହାଡ଼ରେ ବୁଲିବାକୁ ବିଦେଶୀ ପର୍ଯ୍ୟଟକଙ୍କ ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶିଗଡ଼ ରାଜ୍ୟର ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ଏହି ଦୁଇଟି ସଂସ୍ଥା ଦ୍ୱାରା ସମଗ୍ର ଅଞ୍ଚଳକୁ ଅସ୍ଥାୟୀ ପାଚେରୀ କରି ଫାଟକ ଲଗାଇ ପର୍ଯ୍ୟଟକଙ୍କୁ ଅଙ୍କୁଶ ଲଗାଇବା ସହିତ ପର୍ଯ୍ୟଟକଙ୍କ ଠାରୁ କେବଳ ବୁଲିବା ପାଇଁ ଜଣକ ପିଛା ୩୦ ଟଙ୍କା, ପାର୍କିଙ୍ଗ ବାବଦରେ ଚାରି ଚକିଆ ଗାଡ଼ି ପାଇଁ ୫୦ ଓ ଦୁଇ ଚକିଆ ପାଇଁ ୨୦ ଟଙ୍କା ଲେଖାଏଁ ଆଦାୟ କରୁଥିବା ଦ୍ୱାରା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ସେହି ସ୍ଥାନରେ ବହୁ ସଂଖ୍ୟାରେ ଗାଡି ବୁଲାବୁଲି କରିବା ଦ୍ୱାରା ସବୁଜ ଘାସ ନଷ୍ଟ ହେଉଥିବାରୁ ଗାଇଗୋରୁଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖା ଦେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯାଗ କରିଛନ୍ତି । ତାଲାମାଡି ପର୍ଯ୍ୟଟନ ସ୍ଥଳୀ ଦ୍ୱାରା କୋରାପୁଟ, ସେମିଳିଗୁଡା ଓ କୋରାପୁଟ ବ୍ଲକର ନିକଟବର୍ତ୍ତୀ ଟାଙ୍କୁବେଡା, ହାତୀମୁଣ୍ଡା,ପାଲିଗୁମାଣ୍ଡି, ପେଣ୍ଡାଜାମ ସମେତ ଆଠ ଦଶଟି ଗ୍ରାମର ଶିକ୍ଷିତ ଯୁବକ ଯୁବତୀ ଅସ୍ଥାୟୀ କ୍ୟାମ୍ପ କରି, ନିଜସ୍ୱ ଉତ୍ପାଦିତ ଖାଦ୍ୟ ଦ୍ରବ୍ୟ ଓ ଛୋଟମଟ ଦୋକାନ କରି ପର୍ଯ୍ୟଟନ ଋତୁରେ ଦୁଇ ପଇସା ରୋଜଗାର କରି ପେଟ ପଶୁଥିଲେ, ହେଲେ ଏହି ବେଆଇନ ଇକୋ ରିଟ୍ରିଟ ଯୋଗୁ ସ୍ଥାନୀୟ ବାସିନ୍ଦା ରୋଜଗାର ହରାଉଛନ୍ତି. ଏପରିକି ବିନା ଅନୁମତିରେ ଚାଲିଥିବା ଅସ୍ଥାୟୀ କ୍ୟାମ୍ପରେ ସୁରକ୍ଷା ପାଇଁ ନା ପ୍ରଶିକ୍ଷିତ ସୁରକ୍ଷା କର୍ମୀ ଅଛନ୍ତି ନା ଅଗ୍ନି କାଣ୍ଡ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛତ । ସୁରକ୍ଷା ଅଭାବରୁ ଦୁଇ ଦିନ ପୂର୍ବେ ପୁଅ ଏବଂ ଝିଅ ପର୍ଯ୍ୟଟକଙ୍କ ମଧ୍ୟରେ ରାତିରେ ଗଣ୍ଡଗୋଳ ହେବା ପରେ ପୁଲିସ ଯାଇ ମିମାଂସା କରିଥିବା ମଧ୍ୟ ସୂଚନା ମିଳିଛି । ତେବେ ଏହି ବେଆଇନ ଗୋ-କୋରାପୁଟ ଏବଂ କେଏଚସି ସଂସ୍ଥା ପଛରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଆଶୀର୍ବାଦ ଥିବା ସାଧାରଣରେ ଚର୍ଚ୍ଚା ହେଉଛି । କୋରାପୁଟର ଏହି ଦୁର୍ଗମ ଅଞ୍ଚଳର ପର୍ଯ୍ୟଟନ ସ୍ଥଳରେ ଏତେ ବଡ଼ ବେଆଇନ କାରବାର ଚାଲିଛି । ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ତାକୁ ନେଇ ଏବେ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ।

# ବିଧାୟକଙ୍କୁ ଭେଟିଲେ ବାଲଡ଼ା ବନ ସୁରକ୍ଷା କମିଟି ସଦସ୍ୟ



ନନ୍ଦପୁର, ୧୯।୧୧ (ସମିସ): ଗତ ଶନିବାର ବାଲଡ଼ା ବନ ସୁରକ୍ଷା କମିଟି ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ରେ ଫାଟକ ସ୍ଥାପନ କରି ପାହାଡ଼ ଉପରକୁ ଯାଉଥିବା ପର୍ଯ୍ୟଟକଙ୍କ ଯାନବାହାନ ଉପରେ ଶୁଳ୍କ ଆଦାୟ ଆରମ୍ଭ କରିଥିବା ବେଳେ ଗତ ମଙ୍ଗଳବାର ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଫାଟକ ସ୍ଥାପନକୁ ବେଆଇନ ଦର୍ଶାଇ ପୁଲିସ୍ ଦଳ ନେଇ ବନ ସୁରକ୍ଷା କମିଟିର ୫ ଜଣ ନାମରେ ନୋଟିସ କରିବା ସହ ଫାଟକ ଉଚ୍ଛେଦ ସହ ଶୁଳ୍କ ଆଦାୟ ବନ୍ଦ କରିଥିଲେ । ବୁଧବାର ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ପର୍ଯ୍ୟଟନ ବିକାଶ ପରିଷଦର ବୈଠକ ଚାଲିଥିବା ସମୟରେ ବାଲଡ଼ା ବନ ସୁରକ୍ଷା କମିଟି ସଦସ୍ୟ ଲକ୍ଷ୍ମୀ ସୀସାଙ୍କ ନେତୃତ୍ୱରେ ଏକ ଦଳ ପହଞ୍ଚି ବିଧାୟକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ନାଗେଶ୍ୱର ପାଦ ଦେଶରେ ସ୍ଥାପନ କରିଥିବା ଫାଟକକୁ ନେଇ ତହସିଲଦାର ଅନୁମତି ଦେଉ ନଥିବା ଅଭିଯୋଗ କରିଥିଲେ । ତେବେ ବିଧାୟକ ଶ୍ରୀ କାଡ଼ାମ ପର୍ଯ୍ୟଟନ ବିକାଶ ପରିଷଦ ଦ୍ୱାରା ବାଲଡ଼ା ଠାରେ ଉପ କମିଟି ଗଠନ କରାଯିବା ପରେ ଫାଟକରେ ଶୁଳ୍କ ଆଦାୟ ଉପରେ ନିଷ୍ପତି ନିଆଯିବ ବୋଲି କହିଥିଲେ । ତେବେ ପେସା ଆଇନ ବଳରେ ବନ ସୁରକ୍ଷା କମିଟି ଗ୍ରାମ ସଭା ମାଧ୍ୟମରେ ନିଷ୍ପତ୍ତି ନେଇ ଫାଟକ ସ୍ଥାପନ କର ଅଧିକାର ସାବ୍ୟସ୍ତ କରିବାକୁ ଉଦ୍ୟମ କରିଛି ବୋଲି କମିଟି ମତ ରଖିଛି । ଗତ ମଙ୍ଗଳବାର ରାଜସ୍ୱ ଜମିରେ ବେଆଇନ ଭାବେ ବନ ସୁରକ୍ଷା କମିଟି ଜୋର ଜବରଦସ୍ତ ଫାଟକ ନିର୍ମାଣ କରି ଯାନବାହାନ ଉପରେ ଶୁଳ୍କ ଆଦାୟ ଆରମ୍ଭ କରିଥିବା ବେଳେ ତହସିଲଦାର ଏହାକୁ ବେଆଇନ ଘୋଷଣା କରିଥିଲେ ।

# ହତ୍ୟା ଅଭିଯୁକ୍ତ ଶିକ୍ଷକ ନିର୍ଦ୍ଦୋଷରେ ଖଲାସ

ଉମରକୋଟ,୧୯।୧୧ (ସମିସ): ହତ୍ୟା ମାମଲାରେ ଅଭିଯୁକ୍ତ ଜଣେ ଶିକ୍ଷକଙ୍କୁ ଉମରକୋଟ ଅତିରିକ୍ତ ଜିଲା ଦୌରାଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ପର୍ଶୁରାମ ମାଝି ଜଣେ ସରକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ସେ ତାଙ୍କ ଏଏନଏମ ସ୍ତ୍ରୀ ନନ୍ଦିନୀ ସମରାଥଙ୍କ ସହ ସ୍ତ୍ରୀଙ୍କ କାର୍ଯ୍ୟରତ ଗାଁ ଉମରଗାଁ ଠାରେ ମିଶିକି ରହୁଥିଲେ । ତେବେ ୨୫/୬/୨୦୦୯ ତାରିଖ ଦିନ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା । ନନ୍ଦିନୀଙ୍କ ବାପା ଗାଣ୍ଡା ସମରଥ ଯିଏ କି ଉମରକୋଟ ନିକଟସ୍ଥ ଚାନ୍ଦିଆବେଡା ଠାରେ ରୁହନ୍ତି ହାଇଁ ହିଁ ଝିଅକୁ ହତ୍ୟା କରି ମାରି ଦେଇଛନ୍ତି ବୋଲି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଉମରକୋଟ ପୋଲିସ ଶିକ୍ଷକ ସ୍ୱାମୀ ପର୍ଶୁରାମ ମାଝିଙ୍କ ନାମରେ ମୋକଦ୍ଦମା ରୁଜ୍ଜୁ କରି ଗିରଫ କରିଥିଲା । ୭ ମାସ ଜେଲ ପରେ ପର୍ଶୁରାମ ବେଲରେ ଜେଲରୁ ବହାରି ଥିଲେ । ତେବେ ୧୬ ବର୍ଷ ପରେ ଆଜି ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ସୁନୀତା ପଟନାୟକ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପର୍ଶୁରାମ ମାଝିଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି । ଶିକ୍ଷକ ପର୍ଶୁରାମ ମାଝିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ତପନ କୁମାର ଦେବନାଥ ମୋକଦ୍ଦମା ଲଢୁଥିଲେ ।

● ଓଡ଼ିଶା ମଙ୍ଗଳସେବା ଯୁଗ୍ମ ନିର୍ଦ୍ଦେଶକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

# ମାସକ ମଧ୍ୟରେ ପକ୍ଷ ରଖିବାକୁ କମିଶନର ତଥା ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧୧ (ସମିସ)::ସରକାରୀ ନୀତି ନିୟମକୁ ଉଲ୍ଲଂଘନ, ପଦର ଅପବ୍ୟବହାର, ଅନଧିକୃତ ଅନୁପସ୍ଥିତ ଓ ବରିଷ୍ଠ ଅଧିକାରୀଙ୍କ ଆଦେଶ ଅବମାନନା ଆଦି ବିଭିନ୍ନ ଅଭିଯୋଗରେ ଓଡବ୍ଲ୍ୟୁଏସ (ଓଡ଼ିଶା ମଙ୍ଗଳ ସେବା)ର ବରିଷ୍ଠ ଅଧିକାରୀ ତଥା ରାଜ୍ୟ ଅନୁସୂଚିତ ଜାତି ଜନଜାତି ବିକାଶ,ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁଶ୍ରୀ ପ୍ରଣତି ପାତ୍ରଙ୍କ ବିରୋଧରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା । ତାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଅଭିଯୋଗର ଉତ୍ତର ରଖିବାକୁ ବିଭାଗୀୟ କମିଶନର ତଥା ସଚିବ ସୁଶ୍ରୀ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଅନୁସାରେ ପ୍ରଣତି ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ଅବମାନନା କରି ୨ଟି ପର୍ଯ୍ୟାୟରେ ୨୮୨ଦିନ ଛୁଟିରେ ଥିଲେ । ସେହିପରି ନିଜର ଓରିଜିନାଲ ସର୍ଭିସ ବୁକକୁ ନେଇ ଯାଇ ସରକାରୀ ନିୟମର ଉଲ୍ଲଂଘନ କରିଥିଲେ । ପୁନଶ୍ଚ ଫୁଲବାଣୀରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବାସମୟରେ ତାଙ୍କ ସର୍ଭିସବୁକ୍ ହଜି ଯାଇଥିବା ଦର୍ଶାଇ ଆଉଏକ ସର୍ଭିସବୁକ୍ ଦେବା ପାଇଁ ଯାଜପୁର ଡ଼ିଡ଼ବ୍ଲ୍ୟୁଓଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । ପରବର୍ତ୍ତୀ ସମୟରେ ସେ ପାରଳାଖେମୁଣ୍ଡିରେ ନିଯୁକ୍ତି ପାଇଥିବା ସମୟରେ ତାଙ୍କ ସର୍ଭିସବୁକ୍ ବିଭାଗୀୟ ମୁଖ୍ୟ କିରାଣୀଙ୍କୁ ଦେଇଥିବା ଦର୍ଶାଇବା ଘଟଣାକୁ ନେଇ ଅର୍ଥ ବିଭାଗ ଆପତ୍ତି ଉଠାଇଛି । ଗ୍ରୁପ୍-ଏର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ସତ୍ତ୍ୱେ ଓରିଜିନାଲ ସର୍ଭିସ ବୁକକୁ ନେଇଯିବା, ପରେ ଏହା ହଜି ଯାଇଥିବା ଦର୍ଶାଇଥିବା ସତ୍ତ୍ୱେ ଏଫ ଆଇଆର୍ ନ ଦେବା, ସରକାରୀ ନିୟମ ସହ ପଦର ଅପବ୍ୟବହାର କରିଥିବା ଯୋଗୁଁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନୁସୂଚିତ ଜାତି ଜନଜାତି ବିକାଶ ବିଭାଗର ଫିଲ୍ଡ ଏଷ୍ଟାବ୍ଲିସମେଣ୍ଟ ୧ ବିଭାଗ (ଏଫ୍.ଇ -୧)ରେ କାର୍ଯ୍ୟରତ ଥିବାବେଳେ ଉପରିସ୍ଥ ଅଧିକାରୀଙ୍କୁ ଅନ୍ଧାରରେ ରଖି ନିଜେ ନୋଟିଂ ଲେଖି ଅନଧିକୃତ ଅନଧିକୃତ ୨୮୨ଦିନର ଛୁଟି ମଞ୍ଜୁର ମଞ୍ଜୁର କରିବା ଘଟଣାକୁ ଅତ୍ୟନ୍ତ ସ୍ୱର୍ଶକାତର ମନେ କରାଯାଉଛି । ତେଣୁ ଅନୁସୂଚିତ ଜାତି ଜନଜାତି ବିକାଶ ବିଭାଗର କମିଶନର ତଥା ସଚିବ ବିଭାଗୀୟ ଯୁଗ୍ମ ସଚିବ ପ୍ରଣତି ପାତ୍ରଙ୍କୁ ଏ ସବୁ ଅନିୟମିତତା ସଂକ୍ରାନ୍ତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଜେପି ଜିଲ୍ଲା ସଭାପତିଙ୍କ ବିଷମକଟକ ବ୍ଲକ ଗସ୍ତ

ବିଷମ କଟକ, ୧୯।୧୧(ସମିସ): ରାଜ୍ୟ ବିଜେପି ଦଳ ତରଫରୁ ଗାଁ ଚାଲ ଅଭିଯାନ ଚାଲିଥିବା ବେଳେ ଏହି ମର୍ମରେ ରାୟଗଡା ଜିଲ୍ଲା ବିଜେପି ସଭାପତି ଗୋପି ଆନନ୍ଦ ବିଷମକଟକ ବ୍ଲକର କାଙ୍କୁବାଡି ଗ୍ରାମପଞ୍ଚୟତର ବୋରିଖାଲା ଗାଁକୁ ଗସ୍ତ କରିଛନ୍ତି । ତାଙ୍କର ଗସ୍ତ ସମୟରେ ବୋରିଖାଲ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ସେହି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିବା ବେଳେ ଦୀର୍ଘ ଦିନ ହେବ ନଳକୂପ ଅଚଳ ହୋଇପଡିଥିବା ଦେଖିବାକୁ ପାଇଥିଲେ । ତତ୍‌କ୍ଷଣାତ୍ ଜଳ ଓ ପରିମଳ ବିଭାର ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ତୁରନ୍ତ ନଳକୂପ ଗୁଡିକ ମରାମତି ନେଇ ଆଲୋଚନା କରିଥିଲେ । ଗତକାଲି ସହକାରୀ ଯନ୍ତ୍ରୀ ରାଜଶ୍ରୀ ପାତ୍ର ତାଙ୍କ ଟିମ୍‌କୁ ନେଇ ବୋରିଖାଲରେ ପହଞ୍ଚି ଅଚଳ ନଳକୂପର ମରାମତି କରାଇଥିଲେ । ବର୍ତ୍ତମାନ ବୋରିଖାଲ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇ ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା ସଭାପତିଙ୍କ ହସ୍ତକ୍ଷେପ ଯୋଗୁଁ ନଳକୂପ ମରାମତି ହୋଇପାରିଲା ବୋଲି ପ୍ରକାଶ କରି ସାଧୁବାଦ ଜଣାଇଛନ୍ତି । ଗାଁକୁ ଚାଲ ଅଭିଯାନରେ ବିଷମ କଟକ ବ୍ଲକର ଶୁଭମ୍ ମହାପାତ୍ର, କାଳୀଚରଣ ତ୍ରିପାଠୀ, ଟୁନା ପାଢି, ଦେବାଶୀଷ ପଣ୍ଡା, ତରୁଣ ଗରଡିଆ, ଅନିଲ କୁମାର ସାହୁ, ଦୁର୍ଯ୍ୟଧନ ପାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥଲେ ।

# ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳିତ

ରାୟଗଡ଼ା,୧୯ ।୧୧(ସମିସ ): ରାୟଗଡ଼ା ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ସମାରୋହ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ବିଭାଜନ ସମବାୟ ସମିତି ସମୂହର ଭାରପ୍ରାପ୍ତ ଉପନିବନ୍ଧକ ଜନ୍ମେଜୟ ମହାପାତ୍ର ସଭାପତିତ୍ୱ କରିଥିଲେ । ସମବାୟ ବିଭାଗର ବିଭିନ୍ନ ନୂଆ ଯୋଜନା ଓ ନୀତି ସହ ଆଗାମୀ ଦିନରେ ସମବାୟ ବିଭାଗର ଆଗାମୀ ଯୋଜନା ଏବଂ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗ ଦେଇ ସମବାୟ ଆନ୍ଦୋଳନରେ ମଧୁବାବୁଙ୍କ ଭୂମିକା,ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ.କେ.ଏହେସାନ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ମୁଖ୍ୟବକ୍ତା ଭାବେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସରସ୍ୱତୀ ରାୟ ଯୋଗ ଦେଇ ସମବାୟ ଆନ୍ଦୋଳନ ତଥା ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମବାୟ ସପ୍ତାହ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲ୍ଲାର ଅଗ୍ରଣୀ ସମବାୟ ସମିତିକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଉପସହକାରୀ ସମୀକ୍ଷକ ଧର୍ମେନ୍ଦ୍ର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘର ସହାୟତା ପ୍ରଦାନ




ସୁନାବେଡ଼ା୧୯।୧୧ (ସମିସ): ସୁନାବେଡ଼ା ସ୍ଥିତ ଜାଗୃତି ମହିଳା ମହାସଂଘର ଉପଦେଷ୍ଟା ତଥା ୧ ନମ୍ବର ୱାର୍ଡର ପାର୍ଷଦ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ମହାସଂଘର ସଦସ୍ୟାଙ୍କ ଉନ୍ନତି ଦିଗରେ ସେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇ ଥିଲେ । ସମାଜସେବୀ ଶେଖ ଇବ୍ରାହିମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶାଶ୍ୱତୀ ମହିଳା ମହାସଂଘର ଉପଦେଷ୍ଟା ଅଶ୍ୱନୀ କୁମାର ପଟ୍ଟନାୟକ ମହାସଂଘର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘର ସଭାନେତ୍ରୀ ଅଞ୍ଜଳି ପଣ୍ଡା ଓ ନିଳେନ୍ଦ୍ରି ତୁରୁକ ମଞ୍ଚାସୀନ ଥିଲେ । ଏହି ଅବସରରେ ମହାସଂଘର ଦୁଇଜଣ ସଦସ୍ୟାଙ୍କ ଅକାଳ ବିୟୋଗ ଯୋଗୁଁ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ତିରିଶ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ମହାସଂଘର ୧୨ ଜଣ ସଦସ୍ୟାଙ୍କ ସ୍ୱାମୀଙ୍କ ବିୟୋଗ ହୋଇଥିବା ମଧ୍ୟରୁ ଦୁଇ ଜଣଙ୍କୁ ଦଶ ହଜାର ଏବଂ ଅନ୍ୟ ଦଶ ଜଣଙ୍କୁ ତିରିଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜଣେ ସଦସ୍ୟାଙ୍କ ଚିକିତ୍ସା ନିମନ୍ତେ ପାଞ୍ଚ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶାଶ୍ୱତୀ ମହିଳା ମହସଂଘ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଶିକ୍ଷାକେନ୍ଦ୍ର ଓ ସିଲେଇ ତାଲିମ କେନ୍ଦ୍ରକୁ ବିଧାୟକ ଶ୍ରୀ ମାଛ ଉଦ୍‌ଘାଟନ କରିଥିଲେ । ମହାସଂଘର କର୍ମକର୍ତ୍ତା ଗୀତା ସେଠୀ , ରୂପାଲି ହିଆଲଙ୍କ ସହିତ ୯ ଟି ଆଞ୍ଚଳିକ ମହାସଂଘର ସଦସ୍ୟ ଏବଂ ଅନ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ । ଶିବାନୀ ଲେଙ୍କା କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସହାୟତା ରାଶି ପାଇଥିବା ମହିଳାଙ୍କ ନାମ ହେଲା ବବିତା କୁଲଦୀପ, ଗୀତାଞ୍ଜଳୀ ଜେନା, କୁନି ହିଆଲ୍ , ମୁନି କୁଲଦୀପ , ସଂଯୁକ୍ତା ପୃଷ୍ଟି, ପୂଜା ବେନିଆ, ଭାନୁମତୀ ମଣ୍ଡଳ, ମଞ୍ଜୁଳା କୁଲଦୀପ, ସୁମନ ନାଗ, ନିକିତା ଖୋସ୍ଲା, ସାନ୍ତନୁ ଟାକ୍ରୀ, ଫୁଲମା ଖୋସ୍ଲା, ସେବତୀ ଭାତ୍ର, ସୁଜାତା ଦେ ଓ ହିରାମଣି ଖରା ।

# ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ

## କେସିସି ବ୍ୟାଙ୍କ ସଭାପତିଙ୍କୁ ଅସମ୍ମାନ ନେଇ ଅସନ୍ତୋଷ




ଜୟପୁର, ୧୯ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଏକ ଫଙ୍କସନ ହଲ ଠାରେ ଜିଲ୍ଲା ସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ମଙ୍ଗଳବାର ପାଳିତ ପାଳିତ ହୋଇଯାଇଛି । ସମବାୟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଡିଆରସିଏସ ମୋନିକା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ବିଭାଗର ସହକାରୀ କଣ୍ଟ୍ରୋଲର କୈଳାସ ଚନ୍ଦ୍ର ଜାନୀ ଯୋଗଦେଇ ବର୍ତ୍ତମାନ ସମବାୟ ସଂସ୍ଥା ଗୁଡିକକୁ ଇଣ୍ଟରନେଟ୍ ବ୍ୟବସ୍ଥା ଉପଲବ୍ଧ କରାଯାଇ ସମସ୍ତ ବ୍ୟବସାୟିକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଅଧିକରୁ ଅଧିକ ଯୁବପୀଢି ମାନେ ସମବାୟ ସଂସ୍ଥା ସହିତ ଯୋଡିତ ହେବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ନେଇ ଆହ୍ୱାନ କରିଥିଲେ । ସମବାୟ ସଂସ୍ଥା ଗୁଡିକକୁ ଅଧିକରୁ ଅଧିକ ସ୍ୱାଧିନତା ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ ହେବା ଉପରେ ଆଲୋକପାତ କରିଥିଲେ । ସମସ୍ତ ସମବାୟ ସଂସ୍ଥା ଲୋକ ମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଏଥିରେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ ରହିଛି ବୋଲି କହିଥିଲେ । ସେହିପରି ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମିଲ୍ଲକ, ଜୟପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର , କୋରାପୁଟ ଏଆରସିଏସ ଚନ୍ଦ୍ର ଛେତ୍ରୀଆ ମଞ୍ଚ ଉପରେ ଉପସ୍ଥିତ ରହି ସମବାୟ ସଂସ୍ଥା ଗୁଡିକକୁ ଅଧିକ ସୁଦୃଢ କରିବା ସହିତ ଆତ୍ମ ନିର୍ଭରଶୀଳ କରିବା ନେଇ ବିଭାଗର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଏସଆରିସିଏସ ଶିଶିର ଦାଶ ଏବଂ କାର୍ଯ୍ୟକ୍ରମ ପରିଚାଳନା ନିବେଦିତା ପରିଡା କରିଥିଲେ । ଏହିପରି ସମବାୟ ବିଭାଗ ଏବଂ ସମୁହ ସମବାୟ ସଂସ୍ଥାର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଗତ ସପ୍ତାହରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଥମ. ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥି ଭାବେ ଆର୍ଥିକ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ । ଏହି ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ଗଠିତ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଥିଲେ ସୁଦ୍ଧା ସଭାମଞ୍ଚ ଉପରକୁ ଡକା ନଯିବା ନେଇ ଅସନ୍ତୋଷ ଦେଖାଦେଇଥିଲା । ଏହିପରି କେସିସି ବ୍ୟାଙ୍କ ସଭାପତି ଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ଅଧାରୁ ବୈଠକ ସ୍ଥଳୀ ଛାଡି ଚାଲିଯାଇଥିଲେ । ତାଙ୍କ ପଛରେ କେସିସି ବ୍ୟାଙ୍କର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ସମବାୟ ସଂସ୍ଥାର କେତେକ କର୍ମକର୍ତ୍ତା ଓ କର୍ମଚାରୀ ବୈଠକ ସ୍ଥଳ ଛାଡି ଚାଲି ଯାଇଥିଲେ । ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ମଞ୍ଚ ଉପରେ ଜଣେ ୪ଟି ଜିଲ୍ଲାକୁ ନେଇ ଗଠିତ କେସିସି ବ୍ୟାଙ୍କର ଜଣେ ଗଣତାନ୍ତ୍ରୀକ ପଦ୍ଧତିରେ ନିର୍ବାଚିତ ପ୍ରତିନିଧି ବ୍ୟାଙ୍କ ସଭାପତିଙ୍କୁ ମଞ୍ଚ ଉପରେ ନ ଡାକି ତଳେ ବସାଇବା ଏହି ପଦ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନ କରାଯାଇଛି ବୋଲି ସଭାପତି ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିବା ସହ ଅଧାରୁ କାର୍ଯ୍ୟକ୍ରମ ଛାଡି ଆସିଥିବା ନେଇ କହିଥିଲେ । ସେହିପରି ବ୍ୟାଙ୍କ ନିର୍ଦ୍ଦେଶକ ରମାକାନ୍ତ ରାଉଳ କହିଛନ୍ତି ଯେ, ବିନା ସମବାୟ ସଂସ୍ଥା ସହାୟତାରେ ବିଭାଗ କାର୍ଯ୍ୟକ୍ରମ ଆୟୋଜନ କରିବ । ସେହିପରି ସମବାୟ ସପ୍ତାହ ପାଳନରେ ବିଭିନ୍ନ ସମବାୟ ସଂସ୍ଥାର କର୍ମକର୍ତ୍ତା ସମ୍ମାନର ସହିତ ନିମନ୍ତ୍ରଣ କରାଯାଇ ସମୀକ୍ଷା ବୈଠକ ମାଧ୍ୟମରେ ଶ୍ରେଷ୍ଠ ସଂସ୍ଥା ଗୁଡିକକୁ ପ୍ରତ୍ସାହନ ଏବଂ ପ୍ରଶଂସା ସହିତ ଅନ୍ୟାନ୍ୟ ସଂସ୍ଥା ଗୁଡିକକୁ ସକ୍ରିୟ କରିବା ନେଇ ସଚେତନା କରାଯାଇଥାଏ । କିନ୍ତୁ ଗଣତାନ୍ତ୍ରୀତ ପଦ୍ଧତିରେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଉପେକ୍ଷିତକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଅନ୍ୟପକ୍ଷରେ ଡିଆରସିଏସ ଶ୍ରୀମିତ ରାୟ କହିଛନ୍ତି ଯେ, ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସଭାମଞ୍ଚକୁ ସମବାୟ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ମଞ୍ଚାସୀନ କରାଯାଇ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଥିଲା , ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ମାନଙ୍କୁ ମଞ୍ଚ ଉପରେ ଡକାଯାଇ କାର୍ଯ୍ୟକ୍ରମ ଆୟୋଜନ ନେଇ ଏକ ଖସଡା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ କେସିସି ବ୍ୟାଙ୍କ ସଭାପତି ଶ୍ରୀ ପାଣିଗ୍ରାହୀକୁ ମଞ୍ଚକୁ ଡକାଯିବା ବେଳେ ସେ କାର୍ଯ୍ୟକ୍ରମ ସ୍ଥଳରୁ ଚାଲିଯାଇଥିଲେ । ନୁରୋଧ କରାଯାଇ ଡକାଯାଇଥିଲେ ସୁଦ୍ଧା ସେ ଆସିନଥିଲେ ବୋଲି କହିଛନ୍ତି ।

# ଆଦିବାସୀ ସଂସ୍କୃତି ଓ ପରମ୍ପରା ସମ୍ପର୍କିତ କର୍ମଶାଳା




କୋରାପୁଟ,୧୯।୧୧(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ଠାରେ କୋରାପୁଟ ଏକତା ଅନୁଷ୍ଠାନ ପକ୍ଷରୁ ଆଦିବାସୀଙ୍କ ହଜିଯାଉଥିବା ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ରାଜ୍ୟ ସ୍ତରୀୟ ଅଧ୍ୟୟନର ଆଲୋଚନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋଟସ ର ନିର୍ଦ୍ଦେଶକ ନିର୍ଦ୍ଦେଶକ ପି. ସି. ମହାପାତ୍ର, ପରାମର୍ଶଦାତା ଡ.ଅଜିତ ପଣ୍ଡା, ଶିକ୍ଷା ବିଭାଗୀୟ କର୍ମଚାରୀ ରାମକୃଷ୍ଣ ପଟ୍ଟନାୟକ, ଏକତା ଅନୁଷ୍ଠାନର ସଭାପତି ଦୁର୍ଗା ପ୍ରସାଦ ମହାନ୍ତି, ସମ୍ପାଦକ ଡ.ଜଗନ୍ନାଥ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଇକରାୟ ସମେତ ଓଡିଶା ର ବିଭିନ୍ନ ଜିଲ୍ଲାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୁଭଚିନ୍ତକ ଗଣ ଓ ଲୋକ ପତିନିଧି ଉପସ୍ଥିତ ରହି କର୍ମଶାଳାକୁ ସଫଳ କରିଥିଲେ । ଏକତା ପ୍ରକଳ୍ପ ମାଧ୍ୟମରେ ଏକ ଷ୍ଟଡି କରାଯାଇ ଦେଖାଯାଇଥିଲା ଯେ, ବର୍ତ୍ତମାନର ଜେନେରେସନ ଆଦିବାସୀ ପରମ୍ପରା ଓ ସଂସ୍କୃତି ଯଥା ପର୍ବ ପର୍ବାଣି, ଗୀତ ନାଚ, ଖାଦ୍ୟ ପେୟ, ପରମ୍ପରିକ ଚାଷ ଓ ସ୍ଥାନୀୟ ଶାସନ ବ୍ୟବସ୍ଥା ସବୁ ଭୁଲି ଯାଇ ଆଧୁନିକ ସଭ୍ୟତାକୁ ଆପଣେଇ ନିଜର ଓ ସମାଜର କ୍ଷତି କରୁଛି । ଏଣୁ ସେମାନଙ୍କୁ ଗ୍ରାମର ବୃଦ୍ଧ ଓ ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀ ସଂସ୍କୃତି ଓ ପରମ୍ପରା ଶିକ୍ଷା ଦେଇ ସେମାନଙ୍କ ସଂସ୍କୃତିକୁ ବଞ୍ଚାଇ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଏକତା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

# ଓଡ଼ିଶା-ନାଗାଲାଣ୍ଡ ରଣଜୀ: ଜୟ-ପରାଜୟର ବ୍ୟବଚ୍ଛେଦ

## ସମୀରଙ୍କ ସ୍ପୋର୍ଟିଂ ୱିକେଟ କାମ ଦେଲା



ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ରଣଜୀ ସିଜିନରେ ଓଡ଼ିଶା ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଚତୁର୍ଥ ତଥା ଅନ୍ତିମ ଦିବସର ତୃତୀୟ ସେସନରେ ହିଁ ଓଡ଼ିଶା ବିଜୟ ହାସଲ କରିଥିଲା। ଅର୍ଥାତ ଏହା ଏକ ସ୍ପୋର୍ଟିଂ ୱିକେଟ ବୋଲି ପ୍ରମାଣିତ ହୋଇଛି। ତେଣୁ କିଟ୍ କ୍ରିକେଟ ଗ୍ରାଉଣ୍ଡ କ୍ୟୁରେଟନର ସମୀର ନାୟକଙ୍କ ପରିଶ୍ରମ କାମ ଦେଇଛି। ମ୍ୟାଚ୍ ଅନ୍ତିମ ସେସନ ପର୍ଯ୍ୟନ୍ତ ଯାଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି। ସମୀର ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କ୍ୟୁରେଟର ପଙ୍କଜ ପଟ୍ଟନାୟକ ଓ ହୃଷିକେଶ ସିଂଙ୍କୁ ନିଜର ଗୁରୁ ମାନନ୍ତି। ପିଚ୍ ତିଆରି କରିବାର ପ୍ରକ୍ରିୟା ସେ ତାଙ୍କଠାରୁ ଶିକ୍ଷା କରିଛନ୍ତି। ପିଚ୍ ତିଆରି କରିବାରେ ସେ ନିପୁଣତା ହାସଲ କରିଛନ୍ତି। ୨୦୧୩ରୁ ସେ କିଟ୍ ସହିତ ଜଡିତ ରହିଆସିଛନ୍ତି। କିଟ୍ ପାଇଁ ସ୍ଥାୟୀ ଭାବେ ନିୟୋଜିତ ହୋଇ ସଫଳତାର ସହ ନିଜର ଦାୟିତ୍ୱ ବହନ କରୁଛନ୍ତି।

## ବିଳମ୍ବରେ ପାଳି ଘୋଷଣା କରିଥିଲା ଓଡ଼ିଶା: ଦେବାଶିଷ



ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶା ଡେରିରେ ବିଜୟ ହାସଲ କରିଥିଲେ ମଧ୍ୟ ଏହି ବିଜୟ ଦଳକୁ ଆବଶ୍ୟକୀୟ ମୋମେଣ୍ଟମ୍ ପ୍ରଦାନ କରିଛି ବୋଲି ପୂର୍ବତନ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ତଥା ନାଗାଲାଣ୍ଡ କୋଚ୍ ଦେବାଶିଷ ମହାନ୍ତି କହିଛନ୍ତି। ବିପ୍ଳବ ସାମନ୍ତରାୟ ଓ ଅନୀଲ ପରିଡା ଏବଂ ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଛନ୍ତି। ପ୍ରଥମ ପାଳିରେ ବିପ୍ଳବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଲଢୁଆ ପାଳି ଖେଳିଥିଲେ। ଏମାନଙ୍କ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ବିଜୟର ହକ୍‌ଦାର ଥିଲା। କିନ୍ତୁ ଘରୋଇ ଦଳ ବିଳମ୍ବରେ ପାଳି ଘୋଷଣା କରିଥିଲା। ଯଦି ନାଗାଲାଣ୍ଡ ଆଉ ଟିକିଏ ଭଲ ବ୍ୟାଟିଂ କରିଥାନ୍ତା, ତାହେଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି। କିନ୍ତୁ ନାଗାଲାଣ୍ଡର ଖେଳାଳି ଭଲ ଲଢ଼େଇ କରିଥିଲେ ବୋଲି ସେ କହିଛନ୍ତି। ନାଗାଲାଣ୍ଡର ବୋଲିଂ ଭଲ ଥିଲା। ତେବେ ବ୍ୟାଟିଂରେ ଉନ୍ନତିର ଆବଶ୍ୟକ ବୋଲି ସେ କହିଛନ୍ତି। ଆଗକୁ ଓଡ଼ିଶା ଗୋଟିଏ ମ୍ୟାଚ୍ ଘରୋଇ ମାଟିରେ ଓ ବାହାରେ ଖେଳିବ। ଏହି ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କ୍ରମାଗତ ୪ଟି ପରାଜୟ ପରେ ଏହି ବିଜୟ ଓଡ଼ିଶା ଖେଳାଳିଙ୍କୁ ଯଥେଷ୍ଟ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି ସେ କହିଛନ୍ତି। ଦଳର ଏଥର ବହୁତ ନୂଆ ଖେଳାଳି ସ୍ଥାନ ପାଇଛନ୍ତି ଓ ସେମାନେ ଆଶା ଅନୁରୂପ ପ୍ରଦର୍ଶନ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି।

## ପ୍ରଦର୍ଶନରେ ସ୍ଥିରତା ନିହାତି ଆବଶ୍ୟକ: ଶୁଭ୍ରାଂଶୁ



ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶାର ବିଜୟ ନେଇ ଅଧିନାୟକ ଶୁଭ୍ରାଂଶୁ ସେନାପତି ବେଶ୍ ଉତ୍ସାହିତ ଅଛନ୍ତି। ଆଗକୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ତାମିଲନାଡୁ ଓ ଝାଡଖଣ୍ଡ ବିପକ୍ଷରେ ଏହି ମୁମେନଟମ ବଜାୟ ରଖିବୁ ବୋଲି ସେ କହିଛନ୍ତି। ଚାପରେ ବିପ୍ଳବ ଭଲ ଖେଳିଥିଲେ ମଧ୍ୟ ଶତକ ହାସଲ କରିପାରି ନଥିଲେ। କିନ୍ତୁ ଏହି ଇନିଂସ କାମ ଦେଇଥିଲା। ୩ଟି ପରାଜୟ ପରେ ଏହି ବିଜୟ ଆମକୁ ଉତ୍ସାହିତ କରିଛି ଓ ଏହା ଆଗକୁ କାମ ଦେବ। କିନ୍ତୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ସମସ୍ତେ ଏଥିପାଇଁ ଚିନ୍ତିତ ମଧ୍ୟ ଅଛନ୍ତି। ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ। ଆରମ୍ଭରୁ ଆମର ପ୍ରଦର୍ଶନ ଭଲ ନଥିଲା। ଦ୍ୱିତୀୟ ଇନିଂସରେ ଖେଳିଥିବା ୧୩୭ ରନର ଶତକୀୟ ପାଳିକୁ ନେଇ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଛନ୍ତି। ଅନୀଲ ପରିଡା ଶତକୀୟ ପାଳି ମଧ୍ୟ ପ୍ରଶଂସନୀୟ ବୋଲି ସେ କହିଛନ୍ତି। କିନ୍ତୁ ଆଗକୁ ଏହାକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇ କହିଛନ୍ତି।

### ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ୍

## ଆଫ୍ଟରନୁନ୍ କ୍ଲବକୁ ହରାଇଲା ମର୍ଣ୍ଣିଂ କ୍ଲବ




ଭୁବନେଶ୍ୱର, ୧୯ ।୧୧ (ସମିସ): ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମା ସୁନାଦେଇ ୱାର୍କସ, ତୁଷାର ଚାରିଟେବଲ୍ ଟ୍ରଷ୍ଟ ଏବଂ ନ୍ୟୁ ଏଜି କଲୋନୀର ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ ୪-୦ ଗୋଲ୍‌ରେ ଆଫ୍ଟରନୁନ କ୍ଲବକୁ ପରାସ୍ତ କରିଥିଲା। କୈଳାସ ପଣ୍ଡା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। କମଳକାନ୍ତ ନାୟକ, ରାଜୀବ ଶେଖର ସାହୁ, ନ୍ୟୁ ଏଜି କଲୋନୀର ସମ୍ପାଦକ ଅଶୋକ ପଟ୍ଟନାୟକ, କାଳୀପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମର୍ଣ୍ଣିଂ କ୍ଲବର ସୋମ ପଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ସତୀଶ କୁମାର ପାତ୍ର ଓ ଆୟୁଷ ଅସୁରଜିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଟେନିସ୍ ହଲ୍ ଅଫ ଫେମ୍‌ରେ ଫେଡେରର

ଜେନେଭା,୧୯।୧୧(ଏଜେନ୍ସି): ବିଶ୍ୱବିଖ୍ୟାତ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର ଟେନିସ ହଲ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି। ରୋଡସ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏହି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି। ଫେଡେରର ତାଙ୍କ ଜୀବନ କାଳରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ସମୟରେ ବିଶ୍ୱର ଆଉ ଦୁଇଜଣ କିଂବଦନ୍ତି ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ଉଚ୍ଚକୋଟୀର ହୋଇଥିଲା।

## ଦକ୍ଷିଣ ଆଫ୍ରିକା-ଏ'ର ସାନ୍ତ୍ୱନାମୂଳକ ବିଜୟ



ରାଜକୋଟ,୧୯।୧୧(ଏଜେନ୍ସି): ଲୁହାନ-ଡ୍ରେ ପ୍ରିଟୋରିୟସ ଓ ରିଭାଲ୍ଡୋ ମୁନୁସ୍ୱାମୀଙ୍କ ଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ' ୭୩ ରନ୍‌ରେ ଭାରତକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରିଟୋରିୟସ ୧୨୩ ଓ ମୁନସ୍ୱାମୀଙ୍କ ୧୦୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ' ୬ ୱିକେଟ ହରାଇ ୩୨୫ ରନ୍ କରିଥିଲା। ଜବାବରେ ଭାରତ-ଏ' ଆୟୁଷ ବଦୋନିଙ୍କ ୬୬ ଓ ଇଶାନ କିସାନଙ୍କ ୫୩ ରନ୍ ସତ୍ତ୍ୱେ ୪୯.୧ ଓଭରରେ ୨୫୨ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ପ୍ରିଟୋରିୟସଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଓ ଭାରତର ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ୧୦୦ତମ ଟେଷ୍ଟରେ ରହିମ୍‌ଙ୍କ ୯୯*

ମୀରପୁର, ୧୯ ।୧୧ (ଏଜେନ୍ସି): ଏଠାରେ ଆୟର୍ଲାଣ୍ଡ ଓ ଘରୋଇ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହୋଇଛି। ଏହା ହେଉଛି ବାଂଲାଦେଶର ପୂର୍ବତନ ଅଧିନାୟକ ମୁସ୍‌ଫିକୁର ରହିମ୍‌ଙ୍କ ୧୦୦ତମ ଟେଷ୍ଟ। ଏହି ସ୍ମରଣୀୟ ମ୍ୟାଚ୍‌କୁ ସବୁଦିନ ମନେରଖିବା ଭଳି ଇନିଂସ ଖେଳିଛନ୍ତି ରହିମ୍। ସେ ୯୯ ରନ୍‌କରି ଅପରାଜିତ ରହିବା ସହ ଶତକ ଦ୍ୱାରରେ ରହିଛି। ଫଳରେ ପ୍ରଥମ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୨୯୨ ରନ୍ କରିପାରିଛି। ଅନ୍ୟମାନଙ୍କ ମଧ୍ୟରେ ସାଦ୍‌ମାନ ଇସ୍‌ଲାମ ୩୫, ମୋମିନୁଲ ହମଖ ୬୩ ଓ ଲିଟନ ଦାସ ଅପରାଜିତ ୪୭ ରନ୍‌ର ଇନିଂସ ଖେଳିଛନ୍ତି। ଆୟରଲାଣ୍ଡର ଅଫ୍‌ସ୍ପିନର ଆଣ୍ଡି ମ୍ୟାକ୍‌ବ୍ରାଇନ୍ ୪ଟିଯାକ ୱିକେଟ୍ ନେଇଛନ୍ତି।

C-1395

Email ID : gmwatcosbp@gmail.com

GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-12/2025-26 Dt. 03.11.2025

| | | | |
|---|---|---|---|
| 01. | Name of the Work | : | 1 no. work |
| 02. | Type of Bid | : | Single Bid System |
| 03. | Estimated Cost | : | Rs. 49.15 lakh |
| 04. | Period of Completion | : | 8 (Eight) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 07.11.2025 to 5.00 PM of 17.11.2025 |
| 06. | Last date / time of receipt of bids in the portal | : | 5.00 PM of 17.11.2025. |
| 07. | Date & Time of opening of Bids | : | At 11.30 AM of 18.11.2025. |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

General Manager,
WATCO Division, Sambalpur

OIPR-

OFFICE OF THE PRINCIPAL
GANGESWARI HIGHER SECONDARY SCHOOL
POTTANGI, KORAPUT PIN: 764039

Letter No: GHSS.168/2025 Date: 19/11/2025

QUOTATION CALL NOTICE

Sealed quotations are invited from intending firms/FPM/DGS&D rate contract suppliers having CST/VAT, TIN/PAN number to reach by Dated: 05/12/2025 by Registered Post/Speed Post for supply of the following items. Item quoted need to be super scribed on the envelope. The rate should be inclusive of all taxes and F.O.R. destination. The undersigned reserves the right to accept or reject any or all the quotations without assigning any reason thereof.

| Sl No. | ITEM | SPECIFICATION |
|---|---|---|
| 1. | Rack (8 Nos.) | Iron open Rack of 6 feet length & 4.5 feet breadth with 5 tray. |
| 2. | Printer (1 Nos.) | HP Laser Jet 1020 Plus |
| 3. | Xereox Machine | EPSON L6490 /HP LaserJet/Bizhub 227, Kanika |
| 4. | Library Almirah (1 Nos.) | Front Glass fitting Almirah of General Size |
| 5. | Almirah (01 Nos) | Almirah of General Size 6 fit |

SD/- PRINCIPAL
Gangeswari Higher Secondary School
Pottangi, Koraput

## ଗ୍ରେଟ୍‌ବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟ ସଭାପତି

ଖ୍ରୀଷ୍ଟଚର୍ଚ୍ଚ,୧୯।୧୧(ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ସିଲେକ୍ଟର ତଥା କୋଚ୍ ମାର୍କ ଗ୍ରେଟବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଲେସ୍‌ଲୀ ମୁର୍ଡ୍ରୋଚ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ନେବେ। ୧୯୮୮ରୁ ୯୬ ମଧ୍ୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ୪୧ ଟେଷ୍ଟ ଓ ୮୪ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଗ୍ରେଟ୍‌ବ୍ୟାଚ୍ ଜଣେ ଟପ୍ ଅର୍ଡରବ୍ୟାଟର ଭାବେ ସୁନାମ ଅର୍ଜନ କରିଥିଲେ। ଏହାଛଡ଼ା ବୋର୍ଡ ଚେୟାରମ୍ୟାନ୍ ଭାବେ ଡାଏନା ତାଙ୍କ ପଦ ବଜାୟ ରଖିଛନ୍ତି। ୩ଜଣ ଖେଳାଳି ରେବେକା ରୋଲ୍ସ, ମାର୍ଟିନ ସ୍ନେଡେନ୍ ଓ ଇୱେନ ଚାଟଫିଲ୍ଡ ଆଜୀବନ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି।

■ ଚେସ୍ ବିଶ୍ୱକପ୍

## ଭାରତର ଚ୍ୟାଲେଞ୍ଜ ଶେଷ

ପଣଜୀ,୧୯।୧୧(ଏଜେନ୍ସି): କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏକମାତ୍ର ଭାରତୀୟ ଖେଳାଳି ଅର୍ଜୁନ ଏରିଗାଏସି ଚୀନ୍‌ର ୱେଇ ୟିଙ୍କଠାରୁ ପରାଜିତ ହେବା ପରେ ଏଠାରେ ଚାଲିଥିବା ପୁରୁଷ ଚେସ୍ ବିଶ୍ୱକପ୍‌ରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୯ଜଣ ଭାରତୀୟ ଅଂଶଗ୍ରହଣ କରିଥିଲାବେଳେ ମାତ୍ର ଜଣେ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ୟିଙ୍କ ସହ ସେ ପ୍ରଥମ ମୁକାବିଲା ଡ୍ର କରିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ଜିତିଲା ନ୍ୟୁଜିଲାଣ୍ଡ

ନାପିଅର, ୧୯ ।୧୧ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟ୍ୱେଣ୍ଟି୨୦ ଶୃଙ୍ଖଳା ଜିତିନେଇଛି ନ୍ୟୁଜିଲାଣ୍ଡ। ବୁଧବାର ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡ ପରାସ୍ତ କରିଛି। ଫଳରେ ୨-୦ରେ ଆଗୁଆ ହୋଇ ନ୍ୟୁଜିଲାଣ୍ଡ ତିନି ମ୍ୟାଚ୍‌ର ଶୃଙ୍ଖଳା ହାତେଇ ପାରିଛି। ବର୍ଷା ଯୋଗୁଁ ମ୍ୟାଚ୍ ୩୪ ଓଭରର ହୋଇଥିଲା। ସାଇ ହୋପ୍‌ଙ୍କ ଅପରାଜିତ ଶତକ ବଳରେ ପ୍ରଥମେ ବ୍ୟାଟିଂକରି ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍‌ରେ ୨୪୭ ରନ୍ କରିଥିଲା। ପରେ ଡେଭନ୍ କନ୍‌ୱେଙ୍କ ୯୦ ରନ୍ ବଳରେ ୩ଟି ବଲ୍ ବାକିଥାଇ ୫ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ଜିତି ନେଇଥିଲା।

### ଆନ୍ତଃସ୍କୁଲ ଖୋ ଖୋ'

## କିସ୍ ଚାମ୍ପିଅନ, ପୁରୀ ରନର୍ସଅପ୍

ଭୁବନେଶ୍ୱର, ୧୯ ।୧୧ (ସମିସ): ଯାଜପୁରର ବରୁଣେଶ୍ୱର କଲେଜରେ ଅନୁଷ୍ଠିତ ଆନ୍ତଃସ୍କୁଲ ଉଚ୍ଚ ମାଧ୍ୟମିକ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିଅନ ହୋଇଛି। ଭୁବନେଶ୍ୱରର କିସ୍ ଓ ପୁରୀ ହାଇସ୍କୁଲ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏହି ମୁକାବିଲାରେ କିସ୍ ୯ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା। ଦୁଇ ଦିନିଆ ଏହି ସମ୍ମାନଜନକ ଖୋ ଖୋ ଚାମ୍ପିଅନସିପ୍‌ରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



THE BISRA STONE LIME COMPANY LIMITED
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020

STATEMENT OF FINANCIAL RESULTS FOR THE QUARTER ENDED 30TH SEPTEMBER 2025

| Sl. No. | Particulars | Half Year Ended | Year Ended | |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 4,937.51 | 3,124.00 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 695.79 | 539.93 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 695.79 | 539.93 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 455.14 | 400.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 455.14 | 400.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,725.14) | (21,273.21) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.52 | 0.46 | 0.50 |
| | (ii) Diluted | 0.52 | 0.46 | 0.50 |

1. The above results of the Company were approved by the Board of Directors at their respective meetings held on 18.11.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Vishakhapatnam
Date: 18.11.2025

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।



**ବାଦାମ ତେଲ:** ଶୀତ ଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ । ତା'ସହ ଦାଗ ଆଦି ମଧ୍ୟ ଦୂର ହୋଇଥାଏ ।

**ଆଭକାଡୋ ଅଏଲ୍:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ ।

**କୁମକୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ । ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ । ତା'ସହ ଶୁଷ୍କତା ଦୂର ହୁଏ ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ । ତ୍ୱଚା କୁଞ୍ଚନ ସମସ୍ୟା ଦୂର ହୁଏ ।

## ତ୍ୱଚା ପାଇଁ ତେଲ

ଶୀତ ଦିନେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଅନେକେ ବଡିଲୋସନ୍ ଲଗାଇଥାନ୍ତି । ହେଲେ ଏହା ଦୀର୍ଘ ସମୟ ପାଇଁ ପ୍ରଭାବୀ ହୋଇ ନ ଥାଏ । ଏପରିସ୍ଥଳେ ପ୍ରାକୃତିକ ତେଲ ଲଗାଇ ତ୍ୱଚାକୁ ମଏଶ୍ଚରାଇଜ୍ କରିପାରିବେ ।

## ନିମ୍ବ ବଡ଼ିରୁ ବ୍ୟବସାୟ



ସାଧାରଣତଃ ନିମ୍ବ ଫୁଲ ବର୍ଷକେ ଥରେ ଆସିଥାଏ । ତେଣୁ ଏହାର ଚାହିଦା ଅଧିକ ଥାଏ । ଅଧିକାଂଶ ଲୋକେ ଏହାକୁ ତରକାରୀ, ଭଜା ଓ ପିଠଉ କରି ଖାଇଥାନ୍ତି; କିନ୍ତୁ ଛତିଶଗଡ଼ ଜାଂଜଗୀର - ଚାମ୍ପା ଜିଲ୍ଲାର ମହିଳାମାନେ ଏହି ନିମ୍ବଫୁଲକୁ ଉପଯୋଗ କରି ବଡ଼ି ପ୍ରସ୍ତୁତ କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି । ମହିଳାଙ୍କ କହିବାନୁଯାୟୀ, ଏହି ବଡ଼ି ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ସ୍ୱାଦିଷ୍ଟ ଲାଗିଥାଏ । ଏଥିସହ ଏହା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ ।

ଗଙ୍ଗା ମୈୟା ସ୍ୱୟଂ ସହାୟକ ଗୋଷ୍ଠୀର ପୁଷ୍ପା ଯାଦବଙ୍କ କହିବାନୁଯାୟୀ, ବହେରାଡିହ ଗ୍ରାମର ମହିଳାମାନେ ଏକାଠି ହୋଇ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ପ୍ରଥମେ ମହିଳାମାନେ ସ୍ଥାନୀୟ ଅଞ୍ଚଳରୁ ନିମ୍ବଫୁଲ ସଂଗ୍ରହ କରି ଖରାରେ ଶୁଖାନ୍ତି । ଏହାପରେ ଫୁଲକୁ ଧୋଇ ଗରମପାଣିରେ ପକାଇ କିଛି ସମୟ ଫୁଟାନ୍ତି । ଫୁଟିଗଲା ପରେ ପାଣିରୁ ନିମ୍ବ ଫୁଲକୁ ଛାଣି ପୁଣି ଥରେ ଖରାରେ ସୁଖାଇବାକୁ ପଡ଼ିଥାଏ । ଏହାପରେ ବଡ଼ି ପାଇଁ ବିରିଡାଲି ବତୁରାଇ ଗୋଟିଏ ରାତି ରଖନ୍ତି । ପରେ ଡାଲିକୁ ବାଟି ନିମ୍ବଫୁଲ ମିଶାଇ ଲୁଣ, ଲଙ୍କାଗୁଣ୍ଡ, ହେଙ୍ଗୁ, ଜୁଆଣି ଆଦି ପକାଇ ଛୋଟ ଛୋଟ ଗୁଳା କରି ବଡ଼ି ପ୍ରସ୍ତୁତ



କରନ୍ତି । ଏହାପରେ ବଡ଼ିକୁ ଟାଣ ଖରାରେ ଦିନେ କିମ୍ବା ଦୁଇ ଦିନ ଶୁଖାନ୍ତି । ଏହାକୁ ଲୋକେ ସେମାନଙ୍କ ପସନ୍ଦ ମୁତାବକ ଖାଇଥାନ୍ତି । ଅନେକେ ଏହାକୁ ଲାଉ ବଡ଼ି ଭଳି ତେଲରେ ଭାଜି ଖାଆନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ବଡ଼ିର ବେଶ୍ ଚାହିଦା ରହିଛି । କିଲୋପିଛା ଏହାର ମୂଲ୍ୟ ୧୦୦୦ ଟଙ୍କା । ଏହାକୁ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ ବୋଲି ଗୋଷ୍ଠୀର ସଭାପତି ପୁଷ୍ପା କହିଛନ୍ତି । ଏହାକୁ ପିଲାଠୁ ନେଇ ବୟସ୍କ ସମସ୍ତେ ଖାଇପାରିବେ । ହେଲେ ସୁଗାର ଥିବା ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ । ଦୈନିକ ଏହି ବଡ଼ି ଖାଇଲେ ସୁଗାର(ଶର୍କରା) ମାତ୍ରା କମ୍ ହୋଇଥାଏ । ବଜାରରେ ଏହାର ଖୁବ୍ ଚାହିଦା ରହିଛି । ମହିଳାମାନେ ପ୍ରତ୍ୟେକ ବର୍ଷ ନିମ୍ବଫୁଲ ଆସିଲେ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଅନ୍ୟ ଦିନଗୁଡ଼ିକରେ ଲାଉ, ଫୁଲ, ଲିଆ ଭଳି ବିଭିନ୍ନ ବଡ଼ି ପ୍ରସ୍ତୁତ କରନ୍ତି । ଏହାକୁ ପ୍ୟାକେଟ୍ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଘରର ସବୁକାମ ସରିବା ପରେ ଫାଙ୍କା ସମୟକୁ ଉପଯୋଗ କରି ମହିଳାମାନେ ବଡ଼ି ବ୍ୟବସାୟ କରିଥାନ୍ତି । ଗୋଷ୍ଠୀରେ ଏବେ ୨୦ ଜଣ ମହିଳା ଥିବାବେଳେ ଆଗାମୀ ଦିନରେ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରିବାକୁ ପୁଷ୍ପା ଆଶା ରଖିଛନ୍ତି ।

## ଅମୃତ ଅଁଳା

ଶୀତଦିନେ କେଶ ରୁକ୍ଷ, ଦୁର୍ବଳ ଓ ନିର୍ଜୀବ ଦେଖାଯାଏ । ଥଣ୍ଡା ଓ ବାୟୁର ଆର୍ଦ୍ରତା କେଶକୁ କ୍ଷତି ପହଞ୍ଚାଇଥାଏ । ଏପରି ସ୍ଥଳେ ଅଁଳା କେଶ ପାଇଁ ଖୁବ୍ ହିତକର ହୋଇଥାଏ । ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ପୋଷକ ତତ୍ତ୍ୱ ଥାଏ । ଏହା କେଶକୁ ପୋଷଣ ଦେବା ସହ ରୂପି ସମସ୍ୟା ଦୂର କରିଥାଏ । ଏହା ନିୟମିତ ବ୍ୟବହାର କଲେ କେଶ ଘନ, ଉଜ୍ଜ୍ୱଳ ଓ ଭିତରୁ ମଜଭୂତ୍ ରହିଥାଏ ।

### ଅଁଳା ତେଲରେ ମସାଜ୍

ଅଁଳା ତେଲକୁ ନଖଉଷୁମ କରି କେଶରେ ମସାଜ କରନ୍ତୁ । ଏହା କେଶମୂଳକୁ ପୋଷଣ ଦେବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ବଢ଼ାଇ ଥାଏ. ।

### ଅଁଳା ଓ ନଡ଼ିଆ ତେଲ

ଅଁଳା ପାଉଡରକୁ ନଡ଼ିଆ ତେଲରେ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା କେଶକୁ ଆର୍ଦ୍ର ଓ ମଜଭୂତ ରଖିଥାଏ ।

### ଅଁଳା ଓ ଦହି

ଅଁଳା ପାଉଡରରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହା ରୁକ୍ଷକେଶ ସମସ୍ୟା ଦୂର କରିଥାଏ । କେଶରେ ଚମକ ଆଣିଥାଏ ।

### ଅଁଳା ଓ ହେନା ମାସ୍କ

ଅଳ୍ପ ପାଣି ନେଇ ସେଥିରେ ହେନା ପାଉଡର ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ । ଏହାକୁ ତିନି ଚାରି ଘଣ୍ଟା ରଖି ଦିଅନ୍ତୁ । ଏହାପରେ ଭଲରେ ମିକ୍ସ କରି କେଶରେ ଲଗାନ୍ତୁ । ଏକ ଘଣ୍ଟାପରେ କେଶକୁ ଧୋଇ ଦିଅନ୍ତୁ । ଏହାକେଶକୁ ପ୍ରାକୃତିକ ଚମକ ଓ ମଜଭୂତ କରିଥାଏ ।



## ମେକ୍ଅପ୍‌ରୁ ବିରତି

ମେକ୍ଅପ୍ କରିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ତ୍ୱଚାରେ ଥିବା ଦାଗ, ବ୍ରଣ ଦୂର କରି ପ୍ରାକୃତିକ ଚମକ ଆଣିଥାଏ । କିନ୍ତୁ ଲଗାତାର ମେକ୍ଅପ୍ କଲେ ଏହା ତ୍ୱଚାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଶରୀରକୁ ସୁସ୍ଥ ରଖିବା ପାଇଁ ଯେପରି ଡିଟକ୍ସ କରାଯାଏ, ସେହିପରି ତ୍ୱଚାକୁ ମଧ୍ୟ ମେକ୍ଅପ୍‌ରୁ ବିରତି ଦେବାକୁ ପଡ଼ିଥାଏ । ନଚେତ୍ ତ୍ୱଚାର ପୋର୍ସଗୁଡ଼ିକ ବନ୍ଦ ହୋଇ ପ୍ରାକୃତିକ ଚମକ ହଜିଯାଏ । ତେଣୁ ସମୟେ ସମୟେ ମେକ୍ଅପ୍‌ରୁ ବିରତି ନେବା ଆବଶ୍ୟକ ।

### ଚମକ ବିହୀନ ତ୍ୱଚା

ମେକ୍ଅପ୍ ପରେ ତ୍ୱଚାରେ ଚମକ ଆସିଥାଏ; କିନ୍ତୁ ହାଇଲାଇଟର୍ ଓ ବ୍ଲଶ୍ ଲଗାଇବା ପରେ ତ୍ୱଚା ରୁକ୍ଷ, ତଥା ନିର୍ଜୀବ ଲାଗୁଥିଲେ, ଏହା ବିପଦର ସଂକେତ ହୋଇପାରେ । ଦୀର୍ଘ ସମୟ ତ୍ୱଚାରେ ମେକ୍ଅପ୍ ରହିଲେ, ଏହା ତ୍ୱଚାର ଥିବା କଣିକାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ସୁସ୍ଥ ତ୍ୱଚା ପାଇଁ ମଝିରେ ମଝିରେ ମେକ୍ଅପ୍‌ରୁ ବିରତି ନେବା ଜରୁରୀ ।

### ଶୁଷ୍କତା

ଦୈନିକ ମେକ୍ଅପ୍ କରିବା ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତେଲ କମିଯାଏ । ତ୍ୱଚାର ସୁରକ୍ଷା ପରସ୍ତ ଦୁର୍ବଳ ହୋଇଯାଏ । ଏହା ଉପରେ ମେକ୍ଅପ୍ କଲେ ତ୍ୱଚାରେ ଶୁଷ୍କତା ଓ ଫଟା ଫଟା ଦାଗ ଦେଖିବାକୁ ମିଳିଥାଏ । ତେଣୁ ତ୍ୱଚାରେ ମେକ୍ଅପ୍ ନ ଲଗାଇ କ୍ରିମ୍ ମଏଶ୍ଚରାଇଜର୍ ଲଗାଇ ଦେଖାଶୁଣା କରିପାରିବେ ।

### ବାରମ୍ବାର ବ୍ରଣ

ତ୍ୱଚାରେ ଫାଉଣ୍ଡେସନ୍, କନ୍‌ସିଲର୍, ବ୍ଲଶ୍ ଆଦି ବାରମ୍ବାର ଲଗାଇଲେ ତ୍ୱଚାରେ ଏହା ଜମିରହେ । ଫଳରେ ଧୂଳି, ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ମୁହଁରେ ବ୍ରଣ ହୋଇଥାଏ । ତେଣୁ ଏପରି ସ୍ଥିତି ଉପୁଜୁଥିଲେ ତ୍ୱଚାରେ କିଛିଦିନ ପାଇଁ ମେକ୍ଅପ୍ ଲଗାଇବା ଛାଡ଼ି ଦିଅନ୍ତୁ ।



## ଶୀତଦିନେ ଘରକୁ ଦିଅନ୍ତୁ ନୂଆ ରଙ୍ଗ

ଋତୁ ଅନୁଯାୟୀ ଲୋକେ ଖାଦ୍ୟ,ପାନୀୟ ତଥା ପୋଷାକ ଆଦିରେ ପରିବର୍ତ୍ତନ କରିଥାନ୍ତି । ସେହିପରି ଘରକୁ ମଧ୍ୟ ଋତୁ ଅନୁସାରେ ରଙ୍ଗ କରିବା ଜରୁରୀ । ଏପରି କରିବା ଦ୍ୱାରା ଘର ସୁନ୍ଦର ଦିଶିବା ସହ ଆରାମଦାୟକ ଅନୁଭୂତି ମିଳିଥାଏ ।

- ଶୀତଦିନେ ହାଲୁକା, ନ୍ୟୁଟ୍ରାଲ୍ ରଙ୍ଗ ଖୁବ୍ ଭଲ ହୋଇଥାଏ । ଅଫ୍‌ହ୍ୱାଇଟ୍, କ୍ରିମ୍ ଭଳି ରଙ୍ଗ ଘରକୁ ବଡ଼ ଦେଖାଇବା ସହ ବିଭିନ୍ନ ସାଜଉପକରଣ ସହ ମେଳ ଖାଇଥାଏ । କାଠ ତଥା ଫର୍ଣ୍ଣିଚର ପାଇଁ ଏହି ରଙ୍ଗ ଖୁବ୍ ସୁନ୍ଦର ଦିଶିଥାଏ ।
- ସେହିପରି ଶୀତଦିନେ ଘରକୁ ଟିକେ ଉଷୁମ ରଖିବାକୁ ଚାହୁଁଥିଲେ, ଗାଢ଼ ନାଲି ରଙ୍ଗ କରିପାରିବେ । ଏହା ଘରକୁ ସୁନ୍ଦର କରିଥାଏ । ଏଥିସହ ଚାହିଁଲେ ଘରେ ମେରୁନ୍ ରଙ୍ଗ ଲଗାଇପାରିବେ । ଏହା ଘରକୁ ଏକ ଫେଷ୍ଟିଭ୍ ଲୁକ୍ ଦେଇଥାଏ ।
- ଘରେ ପ୍ରାକୃତିକ ଚମକ ଆଣିବାକୁ ଚାହୁଁଥିଲେ, ବ୍ରାଉନ୍ ଓ କଫିସେଡ୍ ବ୍ୟବହାର କରିପାରିବେ । ଏହି ରଙ୍ଗ କାଠ, ଉଲ୍ ଓ ଲାଇଲେନ୍ ଭଳି ଫାବ୍ରିକ୍‌କୁ ସୁନ୍ଦର ଦିଶିଥାଏ । ଏହାଦ୍ୱାରା ଘରେ ଶାନ୍ତି ଅନୁଭୂତ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

## ପିଜ୍ଜା ପରଟା



### ଆବଶ୍ୟକ ସାମଗ୍ରୀ

ଅଟା -୨୫୦ ଗ୍ରାମ୍, କଟା ପିଆଜ - ଅଧା କପ୍, କଟା କ୍ୟାପ୍ସିକମ୍ - ଅଧା କପ୍, ମିଠା ମକ୍କା- ଅଧା କପ୍, ଟମାଟୋ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ଟମାଟୋ ସସ୍ - ଏକ ଚାମଚ, ଚିଜ୍ - ଅଧା କପ୍ , ଲୁଣ- ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଅଟାରେ ପାଣି ଅଳ୍ପ ଲୁଣ ଦେଇ ଚକଟି ଦିଅନ୍ତୁ । ଏହାକୁ ଗୁଳା କରି ଗୋଲାକାରରେ ବେଲନ୍ତୁ । ଏହାପରେ ରୁଟିରେ ଏକ ଚାମଚ ତେଲ ଓ ମ୍ୟାଗି ମସଲା ଦେଇ ରୁଟିର ଚାରିକଡ଼େ ଲଗାନ୍ତୁ । ଗୋଟିଏ କଣ୍ଟା ଚାମଚ ସାହାଯ୍ୟରେ ମଝିରେ ଦାଗ ଦିଅନ୍ତୁ । ଗ୍ୟାସ୍ ଲଗାଇ ତାୱା ଗରମ କରି ରୁଟିକୁ ସେକନ୍ତୁ । ଦୁଇପାଖ ହାଲୁକା ସେକି ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ରୁଟି ଉପରେ ପିଜ୍ଜା ସସ୍ ଟମାଟୋ ସସ୍, ଚିଜ୍, ମିଠାମକା ଦେଇ ଏହା ଉପରେ କ୍ୟାପ୍‌ସିକମ୍, ଟମାଟୋ, ପିଆଜ ଦିଅନ୍ତୁ । ଏହାକୁ ଏକ ପ୍ୟାନ୍‌ରେ ବସାଇ ଉପରେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ । ପ୍ରସ୍ତୁତ ହୋଇଗଲା 'ପରଟା ପିଜ୍ଜା' ।

## ଟ୍ରେଣ୍ଡରେ ବବଲ୍ ହେମ୍ ଆଉଟ୍‌ଫିଟ୍



ଫେଶନ ଦୁନିଆରେ ଅନେକ ଷ୍ଟାଇଲ୍ ରହିଛି, ଯାହା କେବେ ହେଲେ ପୁରୁଣା ହୁଏନି । ଏହା ସମୟାନୁସାରେ ନୂଆ ରୂପରେ ଦେଖିବାକୁ ମିଳିଥାଏ । ସେମିତି ଏକ ଟ୍ରେଣ୍ଡ ହେଲା ବବଲ୍ ହେମ୍ ଆଉଟଫିଟ୍ । ଏହା ଅଶି ଦଶକରେ ଖୁବ୍ ଲୋକପ୍ରିୟ ଥିଲା । ଏବେର ମହିଳାଙ୍କ ମଧ୍ୟରେ ଏହାର ଚାହିଦା ରହିଛି । ଏହା ପାର୍ଟି, ଫଙ୍କ୍‌ଶନ୍, ଉତ୍ସବ, କାଜୁଆଲ୍ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

- ଏ ପ୍ରକାର ଡ୍ରେସ୍‌ରେ କପଡ଼ାକୁ ତଳକୁ ମୋଡ଼ି ସିଲେଇ କରାଯାଇଥାଏ । ଏହାଦ୍ୱାରା ତଳଅଂଶ ଫୁଲି ଏକ ବେଲୁନ୍ ଆକାର ଦେଖାଯାଏ । ଏହା ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ ।
- ଏହି ଡିଜାଇନ୍ ମିନି, ମିଡି ଓ ମ୍ୟାକ୍ସି ଆଦି ବିଭିନ୍ନ ଲମ୍ବର ରହିଛି । ତେବେ କୌଣସି ପାର୍ଟି, ଫଙ୍କସନ୍‌ରେ ପିନ୍ଧିବାକୁ ଚାହୁଁଥିଲେ , ସିଲ୍‌କ ବା ସାଟିନ୍ କପଡ଼ାର ପୋଷାକ ପିନ୍ଧିପାରିବେ ।
- ଏହି ଡ୍ରେସ୍ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ୍ ମାନିଥାଏ । ତେଣୁ ଏହାର ଲୋକପ୍ରିୟତା ଖୁବ୍ ରହିଛି । ଏହି ବବଲ୍‌ଆକୃତି ଶରୀରକୁ ଏକ ବାଲାନ୍ସ ଲୁକ୍ ଦେଇଥାଏ । ଏହି ପୋଷାକ ଜୁଏଲାରୀ ବିନା ଅଧିକ ଆକର୍ଷଣୀୟ ଦିଶିଥାଏ ।



## କିଟ୍ ରଣଜୀ ଲଢ଼େଇ: ନାଗାଲାଣ୍ଡ ୨୯୯ ରନ୍‌ରେ ପରାସ୍ତ

# ଓଡ଼ିଶାକୁ ସିଜିନ୍‌ର ପ୍ରଥମ ବିଜୟ ପଏଣ୍ଟ

ଭୁବନେଶ୍ୱର, ୧୯ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨୯୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଦୁଇ ସ୍ପିନର ଗୋବିନ୍ଦ ପୋଦ୍ଦାର (୫/୬୯) ଓ ବାଦଲ ସ୍ୱାଇଁ (୩/୩୮) ମିଳିତ ଭାବେ ୮ ୱିକେଟ୍ ନେଇ ଘରୋଇ ଓଡ଼ିଶାକୁ ଚଳିତ ସିଜନରେ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ବରୋଦା (୭ ୱିକେଟ), ଆନ୍ଧ୍ର ପ୍ରଦେଶ (ଇନିଂସ ଓ ୫୦ ରନ) ଓ ବିଦର୍ଭ (୧୦୦ ରନ) ନିକଟରୁ ହାରିଥିବା ଓଡ଼ିଶା କେବଳ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିଥିଲା। ଏବେ ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୭ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ଏ'ରେ ୬ଷ୍ଠ ସ୍ଥାନରେ ରହିଛି।

ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୬୫ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ନାଗାଲାଣ୍ଡ ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସରେ ୧୬୫ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଗାଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଓଡ଼ିଶା ବୋଲରଙ୍କୁ ୮୩ ଓଭର ବୋଲିଂ କରିବାକୁ ପଡ଼ିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ଡେଗା ନିଶ୍ଚଳ (୧୨୬ ବଲରେ ୫୨ ରନ) ଓ



ଗୋବିନ୍ଦ ପୋଦ୍ଦାର



ସ୍ୱସ୍ତିକ ସାମଲ


ହେମ ଛେତ୍ରୀ (୧୦୨ ବଲରେ ୩୭ ରନ) ଧୀମା ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପାର୍ଟଟାଇମ ସ୍ପିନର ଗୋବିନ୍ଦ ଉଭୟଙ୍କୁ ଆଉଟ୍ ଓଡ଼ିଶା ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଗୋବିନ୍ଦ ୩୧ ଓଭର ବୋଲିଂ କରି ୧୩ ମେଡେନ ସହ ୬୯ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ପ୍ରଥମଶ୍ରେଣୀ ଫର୍ମାଟରେ ଏହା ତାଙ୍କର ୩ୟ ୫ ୱିକେଟ ସଫଳତା ଥିଲା। ସେହିଭଳି ବାମହାତୀ ସ୍ପିନର ବାଦଲ ୧୯ ଓଭର ବୋଲିଂ କରି ୧୦ ମେଡେନ ସହ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ମିଳିଥିବାବେଳେ ଅଭିଜ୍ଞ ଚେତନ ବିଷ୍ଟ ୧୯ ବଲ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ରନଆଉଟ୍ ହୋଇଥିଲେ। ପୂର୍ବରୁ ଅନିଲ ପରିଡ଼ା (୧୧୮)ଙ୍କ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ କରିଥିଲା। ଜବାବରେ ୧୬୧ ରନରେ ସୀମିତ ରହିଥିଲା। ୧୧୪ ରନରେ ଅଗ୍ରଣୀ ଥାଇ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୫ ୱିକେଟରେ ୩୫୦ ରନ କରି ପାଳି ଘୋଷଣା କରିଥିଲା। ଓପନର୍ ସ୍ୱସ୍ତିକ ସାମଲ ୧୬୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ଲାଗି ରଣଜୀ ଟ୍ରଫିରେ ଏବେ ସାମୟିକ ବ୍ରେକ୍ ଲାଗିଛି। ଜାନୁଆରୀ ୨୨ରୁ ୬ଷ୍ଠ ଓ ୨୯ରୁ ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବ।

### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ**: ୨୭୫/୧୦ (ଅନିଲ-୧୧୮, ବିପ୍ଳବ- ୯୨, ଲମଲିୱତି ଲେମତୁର- ୩/୨୬)।
**ନାଗାଲାଣ୍ଡ ପ୍ରଥମ ଇନିଂସ**: ୧୬୧/୧୦ (ଡେଗା- ୭୨, ଗୋବିନ୍ଦ- ୩/୨୨)।
**ଓଡ଼ିଶା ୨ୟ ଇନିଂସ**: ୩୫୦/୫, ୭୧ ଓଭର (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)।
**ନାଗାଲାଣ୍ଡ ୨ୟ ଇନିଂସ**: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)।

## ■ ଗୌହାଟୀରେ ଶନିବାରରୁ ଦ୍ୱିତୀୟ ଟେଷ୍ଟ

# ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ



ଗୌହାଟୀ,୧୯।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଏଠାରେ ବୁଧବାର ପହଞ୍ଚିଛି। ଏହି ଟେଷ୍ଟ ଆସନ୍ତା ଶନିବାର ବା ନଭେମ୍ବର ୨୨ରୁ ଆରମ୍ଭ ହେବ। ଇଡେନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ତୃତୀୟ ଦିନରେ ଶେଷ ହୋଇଥିଲା। ଏହା ଫଳରେ କୋଲକାତାରେ ଭାରତୀୟ ଦଳକୁ ୨ ଦିନ ଛୁଟିରେ ରହିବାକୁ ପଡ଼ିଲା। ଭାରତୀୟ କ୍ରିକେଟ ଦଳର ଟୁର୍ ପ୍ଲାନ୍ ଅନୁଯାୟୀ ଆଜି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଗୁଆହାଟୀରେ ପହଞ୍ଚିଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୩ଟି ବଲ ଖେଳିବା ପରେ ଆହତ ହୋଇ ରିଟାୟର୍ଡ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ ଦୂର ହୋଇନାହିଁ। କୋଲକାତାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି। ଏବେ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି। କିନ୍ତୁ ବର୍ଷାପଡାରେ ସେ ଖେଳିବେ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ଟିମ୍ ମ୍ୟାନେଜ୍‌ମେଣ୍ଟ ନିଷ୍ପତ୍ତି ନେବ ବୋଲି ଜଣାଯାଇଛି।

## ■ ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକରରେ ବିପର୍ଯ୍ୟୟ

# ଅଗରୱାଲଙ୍କୁ ହରାଇଲେ ସିଂଘାଲ



ଭୁବନେଶ୍ୱର,୧୯।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ଚାମ୍ପିଅନ୍ ବିଶେଷ ସିଂଘାଲ ଏଠାରେ ଚାଲିଥିବା ଅଲଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଆଜି ଖେଳାଯାଇଥିବା ସିନିଅର ସ୍ନୁକର ଚାମ୍ପିଅନସିପ୍‌ରେ ୧୫ ବର୍ଷୀୟ ବିଶେଷ ୩-୨ ଫ୍ରେମ୍‌ରେ କୁନାଲ ଅଗରୱାଲଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଲିୟାର୍ଡ୍ସ ଚାମ୍ପିଅନ ଆଶୁତୋଷ ପାଢ଼ୀ ଓ ରନର୍ସ ଅପ୍ ସୁବ୍ରତ ଦାସଙ୍କ ଆଜିର ମୁକାବିଲାରେ ୱାକ୍ ଓଭର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅନୁଜ ପଣ୍ଡା, ସୁଦୀପ୍ତ ଦାସ ମଧ୍ୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

## ■ ଷ୍ଟେଟ-ଏ ଟ୍ରଫି: ମୁମ୍ବାଇଠାରୁ ହାରିଲା

# ଆନ୍ଧ୍ରଠୁ ଜିତିଲେ କ୍ୱାର୍ଟର ଖେଳିବ ଓଡ଼ିଶା



କଟକ,୧୯।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମୁମ୍ବାଇ ଠାରୁ ପରାସ୍ତ ହୋଇଛି। ବରୋଦାର କୋଟାମ୍ବି ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲା। ଦିନେଶ ମାଝୀଙ୍କ ୬୦ରନ୍ ସହାୟତାରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ମୁମ୍ବାଇର ହିମାଂଶୁ ସିଂହ ୩ଟି ୱିକେଟ ଦଖଲ କରିଥିଲେ। ୱିକେଟ କିପର ପ୍ରତୀକ ଯାଦବ(୬୩ରନ) ଏବଂ ଜୟ ଜୈନ(୭୭ରନ) ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ମୁମ୍ବାଇକୁ ସହଜ ବିଜୟ ପ୍ରଦାନ କରିଥିଲେ। ୬ଟି ମ୍ୟାଚରୁ ୪ଟି ବିଜୟ ଏବଂ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ମୁମ୍ବାଇ(୨୪ପଏଣ୍ଟ) ଏବଂ ଆନ୍ଧ୍ରପ୍ରଦେଶ(୧୬ପଏଣ୍ଟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆସନ୍ତା ୨୧ରେ ଓଡ଼ିଶା ଅନ୍ତିମ ଲିଗ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ

## ● ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦

# ଅଲିପ୍ସା ଓଡ଼ିଶା ଦଳର ଅଧିନାୟିକା



ଭୁବନେଶ୍ୱର, ୧୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଏଥିଲାଗି ବୁଧବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସିନିୟର ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଅଲିପ୍ସା ବିଶ୍ୱାଳଙ୍କୁ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଓଡ଼ିଶା ନଭେମ୍ବର ୨୪ରେ ସିକ୍କିମ, ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳିବ।

ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜାରାଣୀ ଦାସ, ଦିବ୍ୟା ରାଉତରାୟ, ତନ୍ୱୀ ରଞ୍ଜନା (ଉଭୟ ୱିକେଟ୍‌କିପର), ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ପ୍ରାର୍ଥନା ପ୍ରତିଶ୍ରୁତି, ଶୁଭ୍ରା ସ୍ୱାଇଁ, ଜିଏମ୍ ଅଳକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତି ପ୍ରସାଦ, କଳାନ୍ଦି ଧରିତ୍ରୀ। ଷ୍ଟାଣ୍ଡବାଏ: ଜୟସ ନାୟକ, ରାଣୀ ପ୍ରସାଦ, ଏସ୍. ସ୍ୱାଇଁ ଓ ସୋନାଲିସା ସାହୁ।

## ସୟଦ ମୁସ୍ତାକ ଅଲ୍ଲୀ ଟି-୨୦

# ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ

କଟକ,୧୯।୧୧(ସମିସ)

ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ୨୦ଜଣିଆ ରାଜ୍ୟ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ପାଞ୍ଚବର୍ଷ ପରେ ବିପ୍ଳବ ଟି-୨୦

**୬ ନୂଆ ମୁହଁ; ୧୭ବର୍ଷୀୟ ରାଜଙ୍କୁ ସୁଯୋଗ**

ଫର୍ମାଟର ଅଧିନାୟକ ପଦକୁ ଫେରିଛନ୍ତି। ସେହିଭଳି ଦଳରେ ୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ପପୁ ରାୟ ପାଖାପାଖି ୪୪ ମାସ ପରେ ସିନିଅର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘୋଷିତ ଦଳରେ ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ରହିଛନ୍ତି। ନଭେମ୍ବର ୨୬ରେ ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହାପରେ ଓଡ଼ିଶା ନଭେମ୍ବର ୨୮ରେ ଆନ୍ଧ୍ର, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ଡିସେମ୍ବର ୪ରେ ରେଳବାଇ, ୬ରେ ଆସାମ ଓ ଡିସେମ୍ବର ୮ରେ ମୁମ୍ବଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।



# ଆମେରିକା ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ

**୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍**

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଆସନ୍ତାବର୍ଷ ଜାନୁଆରୀ ୧୫ରୁ ଫେବୃଆରୀ ୬ ତାରିଖଯାଏ ଆଇସିସି ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ୧୬ଟି ଦେଶ ଭାଗନେଉଥିଲାବେଳେ ୨୩ ଦିନରେ ଖେଳାଯିବ ୪୧ଟି ମ୍ୟାଚ୍। ଏହି ଦେଶଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଭାରତ ଗ୍ରୁପ୍-ଏ'ରେ ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ଭାରତ ଜାନୁଆରୀ ୧୫ରେ ଆମେରିକା ସହ ପ୍ରଥମ ମ୍ୟାଚ୍, ୧୭ରେ ବାଂଲାଦେଶ ସହ ଦ୍ୱିତୀୟ ଓ ୨୪ରେ ନ୍ୟୁଜିଲାଣ୍ଡ ସହ ତୃତୀୟ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯିବ।

## ଫିଫା ବିଶ୍ୱକପ୍‌ରେ କ୍ଷୁଦ୍ରତମ ଦେଶ

# ୧.୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାକାଓର ଯୋଗ୍ୟତା

ଜାମାଇକା, ୧୯ ।୧୧ (ଏଜେନ୍ସି): କାରିବୀୟାନ ଦୀପ ରାଷ୍ଟ୍ର କୁରାକାଓ କ୍ଷୁଦ୍ରତମ ଦେଶ ଭାବେ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି। ବୁଧବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କୁରାକାଓ ଗୋଲ୍‌ଶୂନ୍ୟ ଭାବେ ଜାମାଇକା ବିପକ୍ଷରେ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଏଚ୍'ରେ ୬ ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ଡ୍ର ସହ ୧୨ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିବା ସହ କୁରାକାଓ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛି। ୧୭୧ ସ୍କୋୟାର ମାଇଲ୍ସ ବିଶିଷ୍ଟ କୁରାକାଓର ଜନସଂଖ୍ୟା ମାତ୍ର ୧ ଲକ୍ଷ ୫୬ ହଜାର। ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଏହା ବିଶ୍ୱର କ୍ଷୁଦ୍ରତମ ଦେଶ ହେବାର ରେକର୍ଡ କରିଛି। ପୂର୍ବରୁ ଏହି ରେକର୍ଡ ଆଇସଲାଣ୍ଡ ନାମରେ ରହିଥିଲା। ୨୦୧୮ ବିଶ୍ୱକପ୍ ଖେଳିଥିବା ଆଇସଲାଣ୍ଡର ଜନସଂଖ୍ୟା ସେ ସମୟରେ ୩.୫ ଲକ୍ଷ ଥିଲା। ସେହିଭଳି ଆଗାମୀ ବିଶ୍ୱକପ୍‌କୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡେର ଜନସଂଖ୍ୟା ୫.୨୮ ଲକ୍ଷ ରହିଛି। ଅପରପକ୍ଷରେ ଦୁଇଦିନ ତଳେ ନରୱେ ୨୮ ବର୍ଷ ପରେ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଉଲ୍ଲେଖଯୋଗ୍ୟ, ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତାବର୍ଷ ଜୁନ ୧୧ରୁ ଆମେରିକା, ମେକ୍ସିକୋ ଓ କାନାଡାରେ ମିଳିତ ଭାବେ ଆୟୋଜିତ ହେବ। ଇତିହାସରେ ପ୍ରଥମଥର ଲାଗି ଏଥର ୪୮ ଟି ଦଳକୁ ନେଇ ବିଶ୍ୱକପ୍ ଖେଳାଯିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS